

ୟୁଏସ୍ ଓପନ୍; କ୍ୱାର୍ଟର୍‌ରେ ରିବାକିନା

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-76 ◆WEDNESDAY ◆9 SEPTEMBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୭୬ ◆ବୁଧବାର ◆୯ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ମତଦାତାଙ୍କ ବୟସ ଓ ସଂଖ୍ୟା ମଧ୍ୟରେ ବ୍ୟବଧାନ ବିଶାଳ

# କଟିବେ ୧୫ କୋଟି ଭୋଟର

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ସେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସ୍‌ଆଇଆର୍)କୁ ନେଇ ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିଭିନ୍ନ ରାଜ୍ୟରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ୩୭ ଲକ୍ଷ ନାଁ ବାଦ ଦିଆଯାଇଛି। ତେବେ ବିଭିନ୍ନ ଆପତ୍ତି ଅଭିଯୋଗ ଓ ଯୋଗ ବିଯୋଗ ପରେ ସାରା ଦେଶରେ ଏସ୍‌ଆଇଆର୍ ଶେଷ ବେଳକୁ ଅନ୍ୟୂନ ୧୧.୫ କୋଟି ଭୋଟର ବାଦ ପଡ଼ିବା ଆପାତତଃ ନିଶ୍ଚିତ ବୋଲି କୁହାଯାଉଛି। ମାତ୍ର ଏହା ମଧ୍ୟରେ ଆଉ ଯେଉଁ ବଡ଼ ତଥ୍ୟଟି ବାହାରକୁ ଆସିଛି, ତାହା ସବୁଠାରୁ ସଂଘାତିକ ମନେହେଉଛି। ଏହି ତଥ୍ୟ ଅନୁସାରେ ବୟସ ଦୃଷ୍ଟିରୁ ଦେଶର ଭୋଟଦାନ ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିବା ମୋଟ ଜନସଂଖ୍ୟାର ପ୍ରାୟ ୧୫% ଅର୍ଥାତ୍ ୧୫ କୋଟି ଲୋକ ଭୋଟର ତାଲିକାରୁ ବାଦ ପଡ଼ିବା ଆପାତତଃ ନିଶ୍ଚିତ ହୋଇଯାଇଛି।

ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଦେଶର ମୋଟ ମତଦାତାଙ୍କ ସଂଖ୍ୟା ଥିଲା ପ୍ରାୟ ୯୮ କୋଟି। ମାତ୍ର ସେହି

### ଏସ୍‌ଆଇଆର ଡ୍ରାଫ୍ଟ ତାଲିକାରୁ ୧୩.୩୭ କୋଟି ନାଁ ବାଦ

ସମୟରେ ମତଦାନ ପାଇଁ ଯୋଗ୍ୟ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କର ମୋଟ ସଂଖ୍ୟା ଥିଲା ୯୯ କୋଟି। ଏସ୍‌ଆଇଆର୍ ପରେ ଦେଶରେ ମତଦାନ ନିମନ୍ତେ ଯୋଗ୍ୟ ଅର୍ଥାତ୍ ୧୮ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ୧୦୩ କୋଟିକୁ ବୃଦ୍ଧି ପାଇଥିବା ସମୟରେ ମୋଟ ଭୋଟର ତାଲିକା ଅନୁସାରେ ମତଦାତାଙ୍କ ସଂଖ୍ୟା ୮୮ କୋଟିକୁ ଖସିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ମତଦାନ ନିମନ୍ତେ ଯୋଗ୍ୟ ଓ ଭୋଟର ତାଲିକାରେ ସୂଚୀଭୁକ୍ତ ମତଦାତାଙ୍କ ସଂଖ୍ୟା ମଧ୍ୟରେ ୧୫ କୋଟିର ବିଶାଳ



ପାର୍ଥକ୍ୟକୁ ନେଇ ଏବେ ସାରା ଦେଶରେ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ରାଜନୈତିକ ସମୀକ୍ଷକ, ସୂଚନାଧିକାର କର୍ମୀ ଅଦାଲତର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

ଏସ୍‌ଆଇଆର୍‌ର ପ୍ରଥମ ପର୍ଯ୍ୟାୟରେ ବିହାରରୁ ୬୫.୧ ଲକ୍ଷ ଭୋଟରଙ୍କ ନାମ କଟିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ଼, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରୁ ୬.୫ କୋଟି ଭୋଟରଙ୍କ ନାମ ବାଦ ଦିଆଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ, ହରିଆଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ଓଡ଼ିଶା, ପଞ୍ଜାବ, ତେଲଙ୍ଗାନା, ଉତ୍ତରାଖଣ୍ଡରୁ ୬.୧ କୋଟି ଭୋଟର ବାଦ ପଡ଼ିଛନ୍ତି। ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ଭୋଟର, ତ୍ରୁଟିପୂର୍ଣ୍ଣ ନାମ ଯୋଗୁଁ ଅନେକ ମତଦାତାଙ୍କ ନାମ ବାଦ୍ ଦିଆଯିବାରେ କିଛି ଅସ୍ୱାଭାବିକତା ନାହିଁ; ମାତ୍ର ଅନେକ ସମୟରେ ଇଚ୍ଛାକୃତ ଭାବରେ ଅନେକ ଭୋଟରଙ୍କ ନାମକୁ ତାଲିକାରୁ ବାଦ ଦିଆଯାଉଥିବା ଅଭିଯୋଗ ▶ପୃଷ୍ଠା-୭

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଭୟଙ୍କର ତ୍ରୁଟି; ୨ ଗିରଫ

■ ମୁମ୍ବାଇ, ୮।୯ (ଏଜେନ୍ସି): ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କର ସୁରକ୍ଷାରେ ଭୟଙ୍କର ତ୍ରୁଟି ଦେଖାଦେଇଛି। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବକ ନିଜକୁ ପ୍ରଧାନମନ୍ତ୍ରୀ ଅଫିସର ଅଧିକାରୀ ବୋଲି କହିବା ସହିତ ତା ପାଖରେ ନକଲି ପରିଚୟପତ୍ର ମଧ୍ୟ ଥିଲା। ଅନ୍ୟ ବ୍ୟକ୍ତି ଜଣକ ହେଉଛି, ତାର କଥିତ ବଡିଗାର୍ଡ। ତା ପାଖରୁ ଗୋଟିଏ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମୁମ୍ବାଇରେ ଆତଙ୍କ ଖେଳିଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ମୁମ୍ବାଇ କେବିସିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ଏହାକୁ ଦୃଷ୍ଟିରେ ରଖି ସେଠାରେ ଗତକିଛି ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାସତ୍ତ୍ୱେ ରୋହନ ପାରେଖ ନାମ ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ଜିଓ ୱାର୍ଲଡ ପ୍ଲାଜାରେ ପଶିଯାଇଥିଲା। ତାସହିତ ତାର ଗାର୍ଡ ମଧ୍ୟ ଥିଲା। ତାର ଗତିବିଧିକୁ ନେଇ ସୁରକ୍ଷା କର୍ମୀମାନେ ସନ୍ଦେହ କରିବାରୁ ଯୁବକ



ନକଲି ପିଏମ୍‌ଓ ପରିଚୟପତ୍ର, ପିସ୍ତଲ ଜବତ

ଜଣକ ପିଏମଓ ଅଧିକାରୀ ଭାବେ ନିଜର ପରିଚୟ ଦେବାସହିତ ପରିଚୟପତ୍ର ଦେଖାଇଥିଲା। କିନ୍ତୁ ଏହା ନକଲି ଜଣାପଡ଼ିବା ପରେ ତାକୁ ଏବଂ ତାର ବଡିଗାର୍ଡକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ସେ କେମିତି ଏବଂ କେଉଁ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ସ୍ଥଳକୁ ଆସିଥିଲା, ତାହାର ଯାଞ୍ଚ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆଜି ଥିବା ବେଳେ ଗତକାଲି ସନ୍ଧ୍ୟାରେ ତାକୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ ଜଣେ ବ୍ୟକ୍ତି ସଂପୃକ୍ତ ଥିବା ପଚରାଉଚରା ବେଳେ ଜଣାପଡ଼ିଛି।

# ଆବୁଧାବିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

### ୩ ଦିନ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ | ନିବେଶକଙ୍କ ସହ ଆଲୋଚନା ଆଜି

■ ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଏବଂ ବିଶ୍ୱସ୍ତରରେ ରାଜ୍ୟର ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା ଲକ୍ଷ୍ୟରେ ୟୁଏଇ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଆବୁଧାବିରେ ପହଞ୍ଚିଛନ୍ତି। ସେପ୍ଟେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ତାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ରହିଥିବାବେଳେ ୧୨ ତାରିଖରେ ସେ ଭାରତ ଫେରିବେ। ଆବୁଧାବିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି ଏବଂ ଏହି ଯାତ୍ରାରେ ୟୁଏଇ ସହିତ ଆମର ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଆମେ କେବଳ ନିବେଶ ଆମନ୍ତ୍ରଣ କରିବା ପାଇଁ



'ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି'

ନୁହେଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ସୃଷ୍ଟି ଏବଂ ନିଯୁକ୍ତି ଉପରେ ଆଧାରିତ ଦୀର୍ଘସ୍ଥାୟୀ ଭାଗୀଦାରୀ ଗଢ଼ିବା ପାଇଁ ଏଠାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଅର୍ଥନୈତିକ ଭାଗୀଦାର ଅଟେ ଏବଂ ଆମେ ଠୋସ୍ ନିବେଶ ▶ପୃଷ୍ଠା-୭

### ଖଡ଼ଗେଙ୍କ ସଭା ପରେ 'ଶୁଦ୍ଧିକରଣ' ବିବାଦ

# ୨୦ ସାଂସଦଙ୍କ ଏତଲା ରଖିଲାନି ପୁଲିସ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଗତମାସ ଉତ୍ତରାଖଣ୍ଡର ହଲଦୱାନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସଭା ପରେ ସେଠାରେ କେତେକ ଦକ୍ଷିଣପନ୍ଥୀ ସଂଗଠନ କରିଥିବା ଶୁଦ୍ଧିକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଦୃଢ଼ ଦାବି ସତ୍ତ୍ୱେ ଆୟୋଜକଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସର ୨୦ ଜଣ ତଫସିଲଭୁକ୍ତ ଜାତି/ଉପଜାତି ସାଂସଦ ଆଜି ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ପହଞ୍ଚି ଏଫଆଇଆର ଦାଖଲ କରିଛନ୍ତି। କିନ୍ତୁ ଥାନାଧିକାରୀ ଏଫଆଇଆର ଗ୍ରହଣ କରିବାକୁ ମନା କରିଦେବାରୁ ସେଠାରେ ଭୀଷଣ ଉତ୍ତେଜନା



ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ଦେବେ ୩୨ ସାଂସଦ

ପ୍ରକାଶ ପାଇଥିଲା। ଜିରୋ ଏଫ୍‌ଆଇଆର୍ ପାଇଁ ଥାନା ଅଧିକାରୀ ମନା କରିବାରୁ ଏହାର କାରଣ ଜାଣିବାକୁ ଚାହିଁଥିଲେ ସାଂସଦ। କିନ୍ତୁ ଥାନା ପକ୍ଷରୁ ଏହାର କୌଣସି କାରଣ ଦର୍ଶା ନଯିବାରୁ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କଂଗ୍ରେସ ସାଂସଦ ମାଲ୍ଲୁ ରବି କହିଛନ୍ତି ଯେ ଖଡ଼ଗେ ତଫସିଲଭୁକ୍ତ ଜାତି ସଂପ୍ରଦାୟରୁ ଆସିଥିବାରୁ ତାଙ୍କୁ ଅପମାନିତ କରିବା ଲାଗି ଏଭଳି ଶୁଦ୍ଧିକରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସମଗ୍ର ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ପାଇଁ ଅପମାନ। କେବଳ ଏତିକି ନୁହେଁ, ଆୟୋଜକ ଏଭଳି କାଣ୍ଡ କରି ସମ୍ବିଧାନର ହତ୍ୟା କରିଛନ୍ତି। ଖଡ଼ଗେଙ୍କ ସଭା ଅଗଷ୍ଟ ୮ ତାରିଖରେ ହୋଇଥିବା ବେଳେ ସେଠାରେ ୧୦ ତାରିଖରେ ଶୁଦ୍ଧିକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରୀରାମ ଧର୍ମାର୍ଥ ସେବାନ୍ୟାସର ସଭାପତି ଗିରିଶ ପାଣ୍ଡେ ଏହି କାର୍ଯ୍ୟକ୍ରମର ମୁଖ୍ୟ କାର୍ପରଦାର ଥିଲେ ଏବଂ ଏଥିରେ ଆଉ ୧୫ ▶ପୃଷ୍ଠା-୭

# ୧୧ରୁ ୫ ଦିନ ବ୍ୟାଙ୍କ ବନ୍ଦ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଚଳିତମାସ ୧୧ ୪ାରିଖରୁ ବ୍ୟାଙ୍କ କର୍ମଚାରୀ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ବ୍ୟାଙ୍କ ଧର୍ମଘଟକୁ ଲାଗି ଶନିବାର, ରବିବାର, ଗଣେଷ ପୂଜା ଏବଂ ନୂଆଖାଇ ପଡୁଥିବା ଯୋଗୁ ଶୁକ୍ରବାରଠାରୁ

**ଶୁକ୍ରବାର ଦେଶବ୍ୟାପୀ କର୍ମଚାରୀଙ୍କ ଧର୍ମଘଟ**

ମଙ୍ଗଳବାର ଯାଏ କ୍ରମାଗତ ଭାବେ ୫ ଦିନ ଧରି ସାରା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ବ୍ୟାଙ୍କ କର୍ମଚାରୀଙ୍କ କେତେକ ଦାବିକୁ ନେଇ ଧର୍ମଘଟ ଡାକରା ଦେଇଥିବାରୁ ଏହିସମୟାରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପରେ। ୧୧ ତାରିଖରେ ଧର୍ମଘଟ ପରେ ୧୨ ତାରିଖ ମାସର ଦ୍ୱିତୀୟ ଶନିବାର ଏବଂ ୧୩ ତାରିଖ ରବିବାର ପାଇଁ ବ୍ୟାଙ୍କ ସାଧାରଣ ଭାବେ ବନ୍ଦ ରହିବ।। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଶ ପୂଜା ପାଇଁ ବ୍ୟାଙ୍କ ଛୁଟି ଏବଂ ଶେଷରେ ସେପ୍ଟେମ୍ବର ୧୫ (ମଙ୍ଗଳବାର) ନୂଆଖାଇ ପାଇଁ ଛୁଟି ରଖାଯାଇଛି। ତେଣୁ ଏସବୁକୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କମାଗତ ଭାବେ ରାଜ୍ୟରେ ୫ ଦିନ ବ୍ୟାଙ୍କ ବନ୍ଦ ରହିବ। ଲଗାତାର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଏହି ଦିନଗୁଡିକରେ ବ୍ୟାଙ୍କ ସେବା ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ହକି ଇଣ୍ଡିଆର ୟୁ-ଟର୍ଣ୍ଣ

# ଭାଙ୍ଗିଲା ଗେରୁଆ ମୋହ



### ରଙ୍ଗ ବଦଳାକୁ ନେଇ କରାଯାଇଥିଲା ତୀବ୍ର ବିରୋଧ

### କ୍ଷୋଭ ପ୍ରକଟ କରିଥିଲେ ବିରୋଧୀଦଳ ନେତା ନବୀନ

■ ଭୁବନେଶ୍ୱର, ୮।୯ (ସମିସ): ହକି ଇଣ୍ଡିଆର ଭାଙ୍ଗିଛି ଗେରୁଆ ଜର୍ସି ମୋହ। ଗତ ମାସରେ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଲାଗି ହକି ଇଣ୍ଡିଆ ଏହାର ଖେଳାଳିଙ୍କ ଜର୍ସି ରଙ୍ଗ ପାରମ୍ପରିକ ନୀଳରୁ ଗେରୁଆକୁ ପରିବର୍ତ୍ତନ କରିଥିଲା। ଯାହାକୁ ନେଇ ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା 'ହକି ଇଣ୍ଡିଆ'କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ଏହି ଜର୍ସିରେ ବିଶ୍ୱକପରେ ଭାରତୀୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ ସହ ୮ମ ସ୍ଥାନକୁ ଖସିବା ପରେ ସାମାଜିକ ଗଣମାଧ୍ୟମରେ ହକି ଇଣ୍ଡିଆ ଟ୍ରୋଲର ଶିକାର ହୋଇଥିଲା। ବିଭିନ୍ନ ମହଲରୁ ଚାପ ଓ ସମାଲୋଚନା ପରେ ହକି ଇଣ୍ଡିଆ ଗେରୁଆ ମୋହ ଛାଡ଼ି ପୁଣି ନୀଳ ଜର୍ସିକୁ ଆପଣେଇଛି। ଚଳିତ ମାସ ୧୯ ତାରିଖରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାରେ ଭାରତୀୟ ହକି ଖେଳାଳିମାନେ ଗେରୁଆ ପରିବର୍ତ୍ତେ ପୂର୍ବ ପ୍ରଚଳିତ ନୀଳ ଜର୍ସି ପିନ୍ଧିବେ ବୋଲି ସୂଚନା ମିଳିଛି।

ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ପକ୍ଷରୁ ହକି ▶ପୃଷ୍ଠା-୭

# ଭୋଗରାଇରୁ ୫ ଓରାଙ୍ଗଉଟାନ ଉଦ୍ଧାର



■ ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ରଣକୋଠା ବନ ବିଭାଗ ଅଧୀନ ସଂରକ୍ଷିତ ଜଙ୍ଗଲ ନିକଟ କାନ୍ଥଭଉଁରୀ ପଞ୍ଚାୟତର ବଡ଼ପାହି ଅଞ୍ଚଳରୁ ଏକାଥରେ ୫ଟି ଓରାଙ୍ଗଉଟାନ ଉଦ୍ଧାର ହୋଇଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ବିଚିତ୍ରପୁର ପ୍ରକୃତି ନିବାସରୁ ଭୂଷଣ୍ଡେଶ୍ୱର ଯାଇଥିବା ରାସ୍ତାର ବଡ଼ପାହି ନିକଟରେ ଏହି ବିରଳ ଜଙ୍ଗଲୀ ଜୀବଗୁଡ଼ିକୁ ଉଦ୍ଧାର କରାଯାଇଛି। ରାସ୍ତାଠାରୁ ପ୍ରାୟ ୨୦୦ ମିଟର ଭିତରକୁ ଥିବା ଝାଉଁ ଜଙ୍ଗଲରେ ଗଛମୂଳେ ୫ଟି ଓରାଙ୍ଗଉଟାନ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ସେମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବନରକ୍ଷୀ ନିରାକାର ପଣ୍ଡା, ଫୁଲମଣୀ ମୁର୍ମୁଙ୍କ ସମେତ ସବୁଜବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଙ୍ଗଲ ଭିତରେ ଏକାଠି ଥିବା ୫ଟି ଓରାଙ୍ଗଉଟାନକୁ ଦେଖି ବନ ବିଭାଗର କର୍ମଚାରୀମାନେ ମଧ୍ୟ ଚକିତ ହୋଇଯାଇଥିଲେ। ▶ପୃଷ୍ଠା-୭

### ନନ୍ଦନକାନନରେ ସଙ୍ଗରୋଧ ବ୍ୟବସ୍ଥା

■ ଭୁବନେଶ୍ୱର, ୮।୯ (ସମିସ): ବାଲେଶ୍ୱରରୁ ଉଦ୍ଧାର ଓରାଙ୍ଗଉଟାନକୁ ରେସ୍କ୍ୟୁ ଭ୍ୟାନରେ ନନ୍ଦନକାନନ ଅଣାଯାଇଛି। ୩ ଜଣ ବନ କର୍ମଚାରୀ ଓ ପଶୁଡ଼ାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଏହି ବିରଳ ପଶୁମାନଙ୍କୁ ଆଣିବା ପରେ ସେମାନଙ୍କୁ ସଂଗରୋଧରେ ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେମାନଙ୍କ ଓଜନ ମାପ ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଥିବା ନନ୍ଦନକାନନର ଉପନିର୍ଦ୍ଦେଶକ ପ୍ରଦୀପ ମୀରାସେ କହିଛନ୍ତି। ପାଞ୍ଚଟି ଓରାଙ୍ଗ ଓଟାନ ମିଳିବା ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ପାଟ୍ରୋଲିଂ ବେଳେ ▶ପୃଷ୍ଠା-୭

### ଓଲଟ ପାଲଟ



ମୋଦୀ କହିଥିଲେ ଜିଡିପି ବଢିବ
ହୋଇଗଲା ତାହା ସତ !
ଜି'ରୁ ଗ୍ୟାସ ଡି'ରୁ ଡିଜେଲ
ପି'ରୁ ପେଟ୍ରୋଲ,
ଦରବୃଦ୍ଧି ପ୍ରମାଣିତ ।
ମାରୁଛି ପଛୁଆ ନାତ !
ତେଲ ଚିନି ଅଟା ସବୁତ ମହଙ୍ଗା।
ପେଟକୁ ନରୁଚେ ଭାତ !!

-ଯାଯାବର

### ଡିଜି ନିଯୁକ୍ତି ମାମଲା

# ଅଡୁଆ ବଢ଼ାଇଲା ଆମିକସ୍ କ୍ୟୁରୀଙ୍କ ରିପୋର୍ଟ

### ମୂଳ ତାଲିକା ଆଧାରରେ ଚୟନ ପାଇଁ ସୁପାରିସ; ରାଜ୍ୟ କ୍ଷମତା ଅଳିନ୍ଦରେ ନୂଆ ଯୁଦ୍ଧର ଆଭାସ

■ ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶା ପୁଲିସ ଡିଜି ଚୟନକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲା ଏବେ ରାଜ୍ୟ ସରକାରଙ୍କ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି। ମାମଲାରେ ନିରପେକ୍ଷ ମତ ରଖିବା ପାଇଁ ନିଯୁକ୍ତ ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ରିପୋର୍ଟରେ ଡିଜି ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ଏକାଧିକ ଗମ୍ଭୀର ପ୍ରଶ୍ନ ଉଠାଯାଇଛି। ବିଶେଷକରି ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡିଜି ନିଯୁକ୍ତି ଦେବା ପାଇଁ ସରକାର ସବୁ ନିୟମକୁ ଉଲ୍ଲଂଘନ କରିଥିବା ଆମିକସ୍ କ୍ୟୁରୀ କହିଥିବା ସୂଚନା ମିଳିଛି।

ଆମିକସ୍ କ୍ୟୁରୀଙ୍କ ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାର ମେ' ୧୪ ତାରିଖରେ ୟୁପିଏସ୍‌ସି ନିକଟକୁ ୧୧ ଜଣ ଆଇପିଏସ୍ ଅଧିକାରୀଙ୍କ ଯୋଗ୍ୟତା ତାଲିକା ପଠାଇଥିଲେ। ଏଥିରେ ଲେଭଲ୍-୧୬ ପାହ୍ୟାର ୩ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର୍‌ପି କୋଚେଙ୍କ ସମେତ ଲେଭଲ ୧୫ ପାହ୍ୟାର ଆଉ ୮ ଜଣ ଅତିରିକ୍ତ ଡିଜି ସାମିଲ ଥିଲେ। ଏହି ତାଲିକାରେ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କ ନାଁ ନ ଥିଲା। ମାତ୍ର ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା ସମୟରେ ରାଜ୍ୟ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି ଓ ଏଥିରେ ନିୟମର



ଉଲ୍ଲଂଘନ କରାଯାଇଥିବା ବୋଲି ଆମିକସ୍ କ୍ୟୁରୀ କହିଛନ୍ତି। ଅନ୍ୟପକ୍ଷରେ ୟୁପିଏସ୍‌ସି ଅଗଷ୍ଟ ୭ରେ ଏମ୍ପାନେଲମେଣ୍ଟ କମିଟିର ବୈଠକ ପାଇଁ ପ୍ରସ୍ତୁତି କରିଥିଲା। ତେବେ ବୈଠକର ଠିକ୍ ପୂର୍ବରୁ ଅଗଷ୍ଟ ୭ ତାରିଖରେ ରାଜ୍ୟ ସରକାର ବୈଠକ ବାତିଲ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ 'କିଛି ନୂଆ ଘଟଣାକ୍ରମ'କୁ କାରଣ ଭାବେ ଦର୍ଶାଯାଇଥିଲେ ମଧ୍ୟ ଏହାର ସ୍ପଷ୍ଟ ବିବରଣୀ ଦିଆଯାଇ ନଥିଲା। ଏହାର ପରଦିନ ଅର୍ଥାତ୍ ଅଗଷ୍ଟ ୮ରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖି ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ୩୨ ବର୍ଷ ପୂରଣ ହୋଇଥିବା ଉଲ୍ଲେଖ କରିଥିଲେ। କିନ୍ତୁ ରାଜ୍ୟ ସରକାର ମେ' ୧୪ରେ ୟୁପିଏସ୍‌ସିକୁ ପଠାଇଥିବା ଅଧିକାରୀଙ୍କ ତାଲିକାରେ ଶ୍ରୀ ପଣ୍ଡା ୧୯୯୫ ସେପ୍ଟେମ୍ବର ୩ରେ ଚାକିରିରେ ଯୋଗ ଦେଇଥିବା ଉଲ୍ଲେଖ ରହିଥିଲା। ଏହି ଦୁଇ ତଥ୍ୟ ମଧ୍ୟରେ ଅସଙ୍ଗତି ଥିବା ଆମିକସ୍ କ୍ୟୁରୀ ଦର୍ଶାଇଛନ୍ତି।

ଏହାବ୍ୟତୀତ ଅଗଷ୍ଟ ୯ରେ ଦୁଇଟି ଅସ୍ଥାୟୀ ଡିଜି ପଦକୁ ▶ପୃଷ୍ଠା-୭

## ସୁରକ୍ଷା ବ୍ୟବସ୍ଥା ଉପରେ ବର୍ଷିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ମଣିପୁରର ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଛି। ମୃତକ ସଙ୍ଗୀତଜ୍ଞ ଚୋଙ୍ଗଥାମ ବିକ୍ରମ ସିଂହଙ୍କ ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରିଛନ୍ତି। ରାହୁଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱାଧୀନ ଗୃହ ମନ୍ତ୍ରଣାଳୟ ଉପରେ ବର୍ଷିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ନିଜ ଦେଶର ରାଜଧାନୀରେ ଏବଂ ନିଜ ଘର ସାମ୍ନାରେ ଜଣେ ପିତାଙ୍କୁ ହତ୍ୟା କରାଯିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି କହିଛନ୍ତି। ଏହି ଘଟଣା ପରେ ଉତ୍ତର-ପୂର୍ବ ଭାରତର ପ୍ରତ୍ୟେକ ପରିବାର ମନରେ ସେମାନେ ଦେଶରେ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଥିବା ସେ କହିଛନ୍ତି।

## ନେପାଳ ବନ୍ୟାରେ ୧୩୫୭ ମୃତ, ୫ ହଜାର ନିଖୋଜ



କାଠମାଣ୍ଡୁ, ୮।୯(ଏଜେନ୍ସି): ନେପାଳ-ତିବ୍ବତ ସୀମାରେ ବରଫ ପାହାଡ଼ ସ୍ଖଳନ ଯୋଗୁଁ ଭୋଟେକୋଶୀ ନଦୀରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ନେପାଳରେ ବ୍ୟାପକ ଧନଜୀବନ ହାନି କରିଛି। ମଙ୍ଗଳବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧,୩୫୭ରେ ପହଞ୍ଚିଥିବା ବେଳେ ପ୍ରାୟ ୫,୩୨୬ ଜଣ ଏବେ ବି ନିଖୋଜ ଅଛନ୍ତି। ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ପ୍ରାୟ ୧୩,୫୮୩ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବନ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ନେପାଳରେ ଅନେକ ଘରଦ୍ୱାର, ରାସ୍ତାଘାଟ, ଗାଡ଼ି ଓ ପୋଲ ଭାସିଯିବା ସହ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ଭୂତଳ ସୁଡ଼ଙ୍ଗରେ ପ୍ରାୟ ୧୨୧ ଜଣ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ସୀମା ଆରପାରି ଚୀନ ପାର୍ଶ୍ୱରେ ମଧ୍ୟ ଏହି ବିପର୍ଯ୍ୟୟରେ ଅତିକମରେ ୪୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତିବ୍ବତରେ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ରାସ୍ତା ଓ ପୋଲ ଗୁଡ଼ିକ ଭାଙ୍ଗିଯାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏଣୁ ନେପାଳ ସରକାର ଜରୁରୀକାଳୀନ ଭିତ୍ତିରେ ଭାରତ ଓ ଚୀନ ପାଖରୁ ଅସ୍ଥାୟୀ ପୋଲ ପାଇଁ ସହାୟତା ଲୋଡ଼ିଛନ୍ତି। ଚୀନ ପ୍ରଶାସନ ମୁସ୍ତାଙ୍ଗର କୋରାଲା ସୀମା ଦେଇ ଦୁଇଟି ୧୦୦ ମିଟର ଲମ୍ବର ବ୍ରିଜ୍ ପଠାଇଥିବା ବେଳେ ଭାରତ ମଧ୍ୟ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପ୍ରଭାବିତ ଅଞ୍ଚଳକୁ ସାମଗ୍ରୀ ପରିବହନ କରିବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏକ ବଡ଼ ଆହ୍ୱାନ ପାଲଟିଛି। ବର୍ତ୍ତମାନ ହଜାର ହଜାର ପ୍ରଭାବିତ ଲୋକ ସରକାରୀ ଶିବିର, ସ୍କୁଲ, ମନ୍ଦିର ଏବଂ ଅସ୍ଥାୟୀ ଟେଣ୍ଟରେ ଆଶ୍ରୟ ନେଇଛନ୍ତି।

## ମୋବାଇଲ ରିଲ୍ସ ନିଶା: ଇଣ୍ଟରନେଟ୍ ବିଭ୍ରାଟରୁ ମହିଳାଙ୍କ ଆତ୍ମହତ୍ୟା

କୋରବା, ୮।୯(ଏଜେନ୍ସି): ରିଲ୍ସ ଦେଖିବା ବେଳେ ଇଣ୍ଟରନେଟ୍ କାମ ନକରିବାରୁ କ୍ଷୁବ୍ଧ ହୋଇ ଜଣେ ୫୨ ବର୍ଷୀୟା ମହିଳା କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ଛତିଶଗଡ଼ର କୋରବା ଜିଲ୍ଲାରେ ଏହି ଘଟଣା ଘଟିଛି। ପୁଲିସର ଅନୁଯାୟୀ, ମୃତ ମହିଳା ଜଣକ ହେଉଛନ୍ତି କର୍ତ୍ତଲା ଥାନା ଅନ୍ତର୍ଗତ କେରାକାଛାର ଗ୍ରାମର ମଙ୍ଗଲୋ ବାଇ ସାରଥୀ। ପରିବାର ସଦସ୍ୟଙ୍କ ଅନୁଯାୟୀ, ମଙ୍ଗଲୋ ବାଇ ମୋବାଇଲ୍‌ଙ୍କ ଫୋନରେ ରିଲ୍ସ ଦେଖିବା ନିଶା ହୋଇଥିଲା। ଫୋନରେ ରିଲ୍ସ ଦେଖୁଥିବା ସମୟରେ ବାରମ୍ବାର ଇଣ୍ଟରନେଟ୍ ନେଟୱର୍କ କଟିଯାଉଥିଲା। ଯାହା ଫଳରେ ଭିଡିଓଗୁଡ଼ିକ ବନ୍ଦ ହୋଇଯାଉଥିଲା। ଏଥିରେ ଅତ୍ୟନ୍ତ ବିରକ୍ତ ହୋଇ ସେ ନିଜ ମୋବାଇଲ୍ ଫୋନକୁ ତଳେ ଫିଙ୍ଗି ଦେଇଥିଲେ। ଫଳରେ ଫୋନଟି ଭାଙ୍ଗି ଯାଇଥିଲା। ଫୋନ୍ ଭାଙ୍ଗିବା ପରେ ମଙ୍ଗଲୋ ମାନସିକ ଭାରସାମ୍ୟ ହରାଇ ଘରେ ରଖାଯାଇଥିବା କୀଟନାଶକ ଖାଇଦେଇଥିଲେ। ତାଙ୍କର ଅବସ୍ଥା ବିଗିଡ଼ିବା ଦେଖି ପରିବାର ସଦସ୍ୟ ତାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରବା ସ୍ଥିତ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଏବଂ ଏହି ଘଟଣାର ପରବର୍ତ୍ତୀ ତଦନ୍ତ ଜାରି ରଖିଛି।

## ରାଜପାଲଙ୍କୁ ୫ କୋଟି ଟଙ୍କା ପୈଠ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଚେକ୍ ବାଉନ୍ସ ମାମଲାରେ ଜେଲ୍ ଦଣ୍ଡାଦେଶର ପାଇଥିବା ଅଭିନେତା ରାଜପାଲ ଯାଦବଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ସାମୟିକ ଆଶ୍ୱାସନା ମିଳିଛି। କୋର୍ଟରେ ଆତ୍ମସମର୍ପଣ କରିବାରୁ ରକ୍ଷା ପାଇବା ପାଇଁ ବୁଧବାର ସୁଦ୍ଧା ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରିରେ ୫ କୋଟି ଟଙ୍କା ଜମା କରିବାକୁ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ବେଞ୍ଚ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଜୁଲାଇ ୧୦ର ରାୟକୁ ଚ୍ୟାଲେଞ୍ଜ କରି ରାଜପାଲ ଆବେଦନ କରିଥିଲେ। ମାତ୍ର ସେଥିରେ ତାଙ୍କର ଦଣ୍ଡାଦେଶକୁ କାଏମ ରଖାଯାଇଥିଲା। ଏହି ଆବେଦନ ଉପରେ ସୁପ୍ରିମକୋର୍ଟ ସର୍ତ୍ତମୂଳକ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୧୫ ତାରିଖରେ ହେବ। ହାଇକୋର୍ଟ ପୂର୍ବରୁ ତାଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜପାଲଙ୍କୁ ୩ ମାସର ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି।

## ପାଟିତୁଣ୍ଡକୁ ବିରୋଧ କରିବାରୁ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା



ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଘର ବାହାରେ ଭୀଷଣ ପାଟିତୁଣ୍ଡ ଓ ଶବ୍ଦକୁ ବିରୋଧ କରିବାରୁ ଦିଲ୍ଲୀରେ ଜଣେ ୫୪ ବର୍ଷୀୟ ପ୍ରତିଷ୍ଠିତ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ଜଣେ ନାବାଳକ ସମେତ ୮ ଜଣଙ୍କୁ କାବୁ କରିଛି। ମୃତ ସଙ୍ଗୀତଜ୍ଞଙ୍କ ନାମ ସି. ବିକ୍ରମ ସିଂହ (୫୪) ଏବଂ ସେ ମଣିପୁରର ମେଡେଇ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ସେ ଦୀର୍ଘ ବର୍ଷ ଧରି ଦିଲ୍ଲୀର କିଲୋକାରୀ ଗ୍ରାମରେ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସୋମବାର ତାଙ୍କ ଆପାର୍ଟମେଣ୍ଟ ବାହାରେ କିଛି ଡେଲିଭରି କର୍ମଚାରୀ ଏବଂ ଢାବା କର୍ମଚାରୀ ମଦ୍ୟପାନ କରି ଜୋରରେ ପାଟିତୁଣ୍ଡ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ବିକ୍ରମ ତଳକୁ ଆସି ଏହାର ପ୍ରତିବାଦ କରିବା ସହ ସେମାନଙ୍କୁ ସୋର୍ ଶବ୍ଦ କମାଇବା ପାଇଁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଗୋଷ୍ଠୀ ତାଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣରେ ବିକ୍ରମ ଗୁରୁତର ଆହତ ହୋଇଥିଲେ। ବିକ୍ରମଙ୍କ ପୁଅ ୟାଇଫାବା ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଖବର ପାଇ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣେ ନାବାଳକକୁ ଅଟକ ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଭରତ କୁମାର (୧୯), ପ୍ରମୋଦ (୨୬), ରମଜାନ ଖାନ (୨୨), ଦୀପାଂଶୁ (୨୧), ମୋହନ ବିଶ୍ୱକର୍ମା (୩୨), ବିଜୟ (୩୬) ଏବଂ ମନ୍ନୁ (୨୬)। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ଥାନୀୟ ବିଭିନ୍ନ ଢାବା ଏବଂ ଖାଦ୍ୟ ଷ୍ଟଲରେ କାର୍ଯ୍ୟ କରୁଥିବା ପୁଲିସ କହିଛି।

## ବେଙ୍ଗାଲୁରୁରେ ଆମାଜନ ଓ ଇନଷ୍ଟାମାର୍ଟରୁ ୧.୩୮ କୋଟିର ବାସି ଅପମିଶ୍ରିତ ଖାଦ୍ୟ ଜବତ

ବେଙ୍ଗାଲୁରୁ, ୮।୯(ଏଜେନ୍ସି): କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ଓ ଔଷଧ ପ୍ରଶାସନ ପକ୍ଷରୁ ବେଙ୍ଗାଲୁରୁ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଖ୍ୟାତନାମା ଇ-କମର୍ସ ସଂସ୍ଥା ଆମାଜନ ଓ ସ୍ୱିଗି ଇନଷ୍ଟାମାର୍ଟର ଗୋଦାମ ସମେତ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୧.୩୮ କୋଟି ଟଙ୍କାର ବାସି, ପୁରୁଣା ଓ ଭୁଲ୍ ଲେବଲ୍ ଥିବା ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ବିନା ଲାଇସେନ୍ସରେ ଗଚ୍ଛିତ ଥିବା ପ୍ରାୟ ୪.୦୨ ଲକ୍ଷ ଟଙ୍କାର ଔଷଧ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ଦେବନହଲ୍ଲୀ ଓ ଆନେକାଲ୍‌ରେ ଥିବା ଆମାଜନର ଦୁଇଟି କେନ୍ଦ୍ରରୁ ମୋଟ ୫୬ ଲକ୍ଷ ଟଙ୍କାର ନିମ୍ନମାନର ଓ ଏକ୍ସପାୟରୀ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଅନ୍ୟପଟେ, ହୋସକୋଟେ ସ୍ଥିତ ସ୍ୱିଗି ଇନଷ୍ଟାମାର୍ଟ କେନ୍ଦ୍ରରୁ ପ୍ରାୟ ୪୨ ଲକ୍ଷ ଟଙ୍କାର ଏକ୍ସପାୟରୀ ସାମଗ୍ରୀ ଜବତ ହୋଇଛି। ଏହାସହ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏହି କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଏହି ଚଢ଼ଉରେ ସ୍ଥାନୀୟ ବ୍ୟବସାୟୀ ସପ୍ତ ବଜାର ଏବଂ ଲିଓ ୭ ଏଣ୍ଟରପ୍ରାଇଜେସ୍ ମଧ୍ୟ ସାମିଲ ଥିଲେ। ସେଠାରୁ ବିପୁଳ ପରିମାଣର ନଷ୍ଟ



ହୋଇସାରିଥିବା ଘିଅ, ଦୁଗ୍ଧଜାତ ଦ୍ରବ୍ୟ ଓ ନିମ୍ନମାନର ସାମଗ୍ରୀ ମିଳିଛି। ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରୁ ବେଙ୍ଗାଲୁରୁର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଗୋଦାମ୍ ଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି।

# ତାମିଲନାଡୁ ବିଧାନସଭା ଅଶାନ୍ତ



■ ମୁଖ୍ୟମନ୍ତ୍ରୀ ବିଜୟଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
■ ଡିଏମ୍‌କେ ବିଧାୟକଙ୍କୁ ଗୃହରୁ ବାହାର କରାଗଲା

ଚେନ୍ନଇ, ୮।୯(ଏଜେନ୍ସି): ଇଡି ସଂପର୍କରେ ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ମନ୍ତବ୍ୟକୁ କେନ୍ଦ୍ର କରି ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ବିଧାନସଭା ରେକର୍ଡରୁ ବାଦ୍ ଦେବା ପାଇଁ ଦାବି କରି ବିରୋଧୀ ଡିଏମକେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତିଙ୍କ ପରାମର୍ଶ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିବାରୁ ମାର୍ଶଲ ଲଗାଇ ସେମାନଙ୍କୁ ଗୃହରୁ ବାହାର କରାଯାଇଛି।

ମୁଖ୍ୟମନ୍ତ୍ରୀ ବିଜୟ ଗତକାଲି ଇଡି କାର୍ଯ୍ୟାନୁଷ୍ଠାନ ଆଧାରରେ ଦୁର୍ନୀତି ସହିତ ଡିଏମ୍‌କେର ସମ୍ପର୍କ ଉପରେ ମନ୍ତବ୍ୟ ଦେଇଥିଲେ। ଆଜି ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଡିଏମକେ ସଭ୍ୟ ଇଭି. ଭେଲୁ, ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ବିରୋଧ କରିଥିଲେ। ଇଡିର ଅଭିଯୋଗ ଆଧାରରେ ଦୁର୍ନୀତି ସମ୍ପର୍କିତ ମନ୍ତବ୍ୟ ଗୃହର ନିୟମାବଳୀର ଉଲ୍ଲଂଘନ କରୁଥିବାରୁ ଏହାକୁ ବିଧାନସଭା ରେକର୍ଡରୁ ହଟାଇବା ପାଇଁ ସେ ଦାବି କରିଥିଲେ। ଏହାସହ ସରକାରିଆ କମିଶନଙ୍କ ରିପୋର୍ଟରେ କୌଣସି ଅପରାଧିକ ମାମଲା ପ୍ରମାଣିତ ହୋଇ ନଥିବାରୁ ସେ କମିଶନଙ୍କ ରିପୋର୍ଟକୁ ମଧ୍ୟ ବିରୋଧ କରିଥିଲେ। ଅନ୍ୟପକ୍ଷରେ, ଆଇନ ମନ୍ତ୍ରୀ ଆର୍. ନିର୍ମଳ କୁମାର ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ସମର୍ଥନ କରିଥିଲେ। ସେ ପୂର୍ବତନ ଡିଏମକେ ସରକାରଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ପୁନର୍ବାର ଦୋହରାଇଥିଲେ। ଏହାକୁ ଡିଏମକେ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଡିଏମକେ ସଦସ୍ୟଙ୍କ ଆପତ୍ତି ସ।ତ୍ତ୍ୱେ ବାଚସ୍ପତି ଜେସିଡି ପ୍ରଭାକର ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ରେକର୍ଡରୁ ବାଦ୍ ଦେବା ପାଇଁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଡିଏମକେ ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖକୁ ଆସି ଜୋରଦାର ସ୍ଲୋଗାନବାଜି କରିବା ସହ ହଟ୍ଟଗୋଳ କରିଥିଲେ। ଫଳରେ ଗୃହର ନେତା କେଏ ସେଙ୍ଗୋଟ୍ଟାଇୟନ ବିଧାନସଭା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।।

### ଷ୍ଟାଲିନଙ୍କ ଶାରୀରିକ ଅବସ୍ଥାକୁ ବିଜୟଙ୍କ କଟାକ୍ଷ

ଚେନ୍ନଇ, ୮।୯(ଏଜେନ୍ସି): ମୁଖ୍ୟମନ୍ତ୍ରୀ ବିଜୟ ଡିଏମକେ ମୁଖ୍ୟ ଏମ୍‌କେ. ଷ୍ଟାଲିନଙ୍କ ଶାରୀରିକ ଅବସ୍ଥାକୁ ନେଇ କଟାକ୍ଷ କରିଥିବା ଅଭିଯୋଗ ହୋଇଛି। ବିଧାନସଭାରେ ବିଜୟ ନିଜ ଡାହାଣ ହାତ ପାପୁଲିକୁ ଥୋଡ଼ି ପାଖରେ ରଖି ଅଙ୍ଗଭଙ୍ଗୀ କରିଥିଲେ। ଏହାପରେ ପୁଲିସ ମାଡ଼ରେ ଷ୍ଟାଲିନଙ୍କ ହନୁହାଡ଼ ଭାଙ୍ଗିଥିବା ଅବସ୍ଥାକୁ ସେ ଉପହାସ କରିଥିବା ଚର୍ଚ୍ଚା ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ତାଙ୍କର ସେହି ଅଙ୍ଗଭଙ୍ଗୀ ସମ୍ପୂର୍ଣ୍ଣ ଅଜାଣତରେ ହୋଇଥିଲା ଏବଂ ବ୍ୟକ୍ତିଗତ ଭାବେ କାହାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନଥିଲା। ସିପିଏମ୍ ଏହାର ସମାଲୋଚନା କରିଛି।



### ଦିଲ୍ଲୀର ପୂର୍ବ ମୁଖ୍ୟସଚିବ ରାକେଶଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟ ସଚିବ ରାକେଶ ମେହେଟ୍ଟା ଆଜି ଆତ୍ମହତ୍ୟା କରିଛନ୍ତି। ୭୫ ବର୍ଷୀୟ ମେହେଟ୍ଟାଙ୍କ ମୃତଦେହ ତାଙ୍କର ନୋଏଡା ସ୍ଥିତ ବାସଭବନରୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ ନୋଟରେ ଉଲ୍ଲେଖ କରିଛନ୍ତି। ଆତ୍ମହତ୍ୟା ବେଳେ ଘରେ ତାଙ୍କର ପରିବାର ନଥିଲେ।

ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା

## ରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ





ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଏକ କୋଠା ଭୁଶୁଡ଼ିବା ଫଳରେ ୭ ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ) ଦକ୍ଷିଣ କ୍ୟାମ୍ପସର ଶତାଧିକ ଛାତ୍ରଛାତ୍ରୀ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୌରସଂସ୍ଥାର ଚରମ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏହାସହ ଅଞ୍ଚଳରେ ବେଆଇନ ଭାବେ ଅନେକ ପେଇଙ୍ଗ ଗେଷ୍ଟ (ପିଜି) ଚାଲୁଥିବା ସେମାନେ କହିଛନ୍ତି। ଏହି ଘଟଣାରେ ମ୍ୟୁନିସିପାଲ୍ କର୍ପୋରେସନ୍ ଅଫ୍ ଦିଲ୍ଲୀ (ଏମସିଡି)ର ୫ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଛାତ୍ର ସଂଘ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଆହତମାନଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏଥିସହ ସମସ୍ତ ସ୍ଥାନୀୟ ପିଜିଗୁଡ଼ିକର ଜରୁରୀକାଳୀନ ସୁରକ୍ଷା ଓ ନିର୍ମାଣର ଅଡିଟ୍ କରିବା ସହ ଦକ୍ଷିଣ କ୍ୟାମ୍ପସ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସେପଟେ ଦୁର୍ଘଟଣାସ୍ଥଳ ପାର୍ଶ୍ୱବର୍ତ୍ତୀ କୋଠାଗୁଡ଼ିକରେ ଫାଟ ଦେଖାଯିବାରୁ ସେଠାରୁ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଉଥିବା ବେଳେ ଘରମାଲିକମାନେ ସିକ୍ୟୁରିଟି ଡିପୋଜିଟ୍ ଟଙ୍କା ଫେରସ୍ତ କରୁ ନଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ପୁଲିସର ବାରଣ ସତ୍ତ୍ୱେ ଛାତ୍ରଛାତ୍ରୀ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଛନ୍ତି।

### ମାମଲାର ଶୁଣାଣି ପାଇଁ ରାଜିହେଲେ ସୁପ୍ରିମକୋର୍ଟ

ଦେଶରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷାକୁ ନେଇ ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମଗ୍ର ଭାରତବର୍ଷରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷା ଅଡିଟ୍ ପାଇଁ ଏକ ସର୍ବଭାରତୀୟ ବ୍ୟବସ୍ଥା ଲାଗୁ କରିବାକୁ ସୁପ୍ରିମକୋର୍ଟ ମନସ୍ଥ କରିଛନ୍ତି। ଆସନ୍ତା ୧୦ ତାରିଖରେ କୋର୍ଟ ଦିଲ୍ଲୀ କୋଠା ଭୁଶୁଡ଼ିବା ମାମଲାର ଶୁଣାଣି କରିବେ। ସୁପ୍ରିମକୋର୍ଟ ପୂର୍ବରୁ ହିଁ ସାରା ଦେଶରେ ଆବାସିକ ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣ, ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ନିୟମ ଉଲ୍ଲଂଘନ କରି ଆବାସିକ ଗୃହଗୁଡ଼ିକୁ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରାଯିବା ଭଳି ଗୁରୁତର ସମସ୍ୟାର ବିଚାର କରୁଛନ୍ତି।

## ଦୁର୍ଗାପୂଜାରେ ଆମିଷ ବାରଣ ଅପିଲକୁ ବିରୋଧ କଲେ ବିଜେପି ମନ୍ତ୍ରୀ



କୋଲକାତା, ୮।୯(ଏଜେନ୍ସି): ଦୁର୍ଗାପୂଜା ସମୟରେ ଆମିଷ ଖାଦ୍ୟରୁ ଦୂରେଇ ରହିବା ପାଇଁ ବାଗେଶ୍ୱର ଧାମର ମୁଖ୍ୟ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ (ବାଗେଶ୍ୱର ବାବା) ଅପିଲ କରିଛନ୍ତି। ତେବେ ତାଙ୍କର ଏହି ନିବେଦନକୁ ପଶ୍ଚିମବଙ୍ଗର ପ୍ରମୁଖ ରାଜନେତାମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ହାଓଡ଼ା ଗସ୍ତ ସମୟରେ ଶାସ୍ତ୍ରୀ ପୂଜା ସମୟରେ ଆମିଷ ଖାଉଥିବା ଲୋକଙ୍କୁ ପାଷଣ୍ଡ ବୋଲି ସମ୍ବୋଧନ କରିଥିଲେ। ଏହାର ଜବାବରେ ପଶ୍ଚିମବଙ୍ଗ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କୌଣସି ଧାର୍ମିକ ଗୁରୁ ବା ରାଜନୈତିକ ଦଳ ଲୋକଙ୍କ ଖାଦ୍ୟପେୟ ଉପରେ କଟକଣା ଲଗାଇ ପାରିବେ ନାହିଁ। ଖାଦ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପସନ୍ଦର ବିଷୟ ଏବଂ ବଙ୍ଗଳାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଦଳାଯାଇ ପାରିବ ନାହିଁ। ସେ ଦର୍ଶାଇଛନ୍ତି ଯେ ବଙ୍ଗୀୟ ପରମ୍ପରାରେ ଅଷ୍ଟମୀ ଦିନ ଲୁଚି ଏବଂ ନବମୀ ଦିନ ଛେଳି ମାଂସ (କୋଚି ପାଠା) ଖାଇବାର ପରମ୍ପରା ରହିଛି। ଏହା ମା' କାଳୀଙ୍କୁ ଭୋଗ ଭାବେ ମଧ୍ୟ ଅର୍ପଣ କରାଯାଏ। ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହି ଆମିଷ ଖାଦ୍ୟାଭ୍ୟାସକୁ ସମର୍ଥନ କରିଥିଲେ। ରାଜ୍ୟ ମନ୍ତ୍ରୀ ଦିଲୀପ ଘୋଷ ମଧ୍ୟ ଏହି ପ୍ରସଙ୍ଗରେ କହିଛନ୍ତି ଯେ ଦେବୀ କାଳୀ ଓ ମା' ଦୁର୍ଗାଙ୍କୁ ମାଂସ ଏବଂ ମାଛ ଅର୍ପଣ କରିବା ଏକ ବହୁ ପୁରାତନ ପରମ୍ପରା ଏବଂ ଏହାକୁ ଶ୍ରଦ୍ଧାଳୁମାନେ ପ୍ରସାଦ ରୂପେ ଗ୍ରହଣ କରନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲ ମଧ୍ୟ କହିଛନ୍ତି ଯେ ଶାକ୍ତ ହିନ୍ଦୁ ଧର୍ମରେ ମାଂସ ଅର୍ପଣ କରିବା ଏକ ପବିତ୍ର ରୀତିନୀତି ଅଟେ। ଏହି ପବିତ୍ର ପରମ୍ପରାରେ କୌଣସି ହସ୍ତକ୍ଷେପ ସହ୍ୟ କରାଯିବ ନାହିଁ। ବଙ୍ଗଳାର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ଆମିଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାରୁ ଏହି ନିରାମିଷ ଅପିଲକୁ ରାଜନୈତିକ ତଥା ସାମାଜିକ ସ୍ତରରେ ତୀବ୍ର ପ୍ରତିରୋଧ କରାଯାଇଛି।

## ଭୋଟର ତାଲିକାରେ ଅମେଳ: ପଦ୍ମଶ୍ରୀ ବିଜେତାଙ୍କୁ ନୋଟିସ୍

ମାଙ୍ଗାଲୁରୁ, ୮।୯(ଏଜେନ୍ସି): ଭୋଟର ତାଲିକାରେ ନାମଗତ ତ୍ରୁଟି ଯୋଗୁଁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ହରେକାଲ ହାଜବ୍ବାଙ୍କୁ ନିର୍ବାଚନୀ ନୋଟିସ୍ ଜାରି କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟରଙ୍କ ସଠିକ୍ ପରିଚୟ ସୁନିଶ୍ଚିତ କରିବା ପାଇଁ ଚାଲିଥିବା ସ୍ୱତନ୍ତ୍ର ନିୟମିତ ଯାଞ୍ଚ ଅଭିଯାନର ଅଧୀନରେ ଏହି ନୋଟିସ୍ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ହାଜବ୍ବାଙ୍କ ନାମ ୨୦୦୨ର ଭୋଟର ତାଲିକାରେ କେବଳ ହାଜବ୍ବା ଭାବେ ପଞ୍ଜିକୃତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରସ୍ତୁତ ହୋଇଥିବା ତାଙ୍କର ଅନ୍ୟ ସମସ୍ତ ସରକାରୀ କାଗଜପତ୍ରରେ ଏହା ଅଲଗା ରହିଛି। ତାଙ୍କର ରାସନ କାର୍ଡ, ପାସପୋର୍ଟ, ପଦ୍ମଶ୍ରୀ ପୁରସ୍କାରର ସ୍ୱୀକୃତିପତ୍ର ଏବଂ ନୂତନ ଭୋଟର ଆଇଡି କାର୍ଡରେ ତାଙ୍କର ସମ୍ପୂର୍ଣ୍ଣ ନାମ ହରେକାଲ ହାଜବ୍ବା ବୋଲି ଉଲ୍ଲେଖ ରହିଛି। ତେଣୁ ନିର୍ବାଚନ କମିଶନଙ୍କ ନିୟମିତ ଯାଞ୍ଚ ପ୍ରକ୍ରିୟା ଅନୁସାରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀମାନେ ହାଜବ୍ବାଙ୍କ ବାସଭବନକୁ ଯାଇ ଏହି ନୋଟିସ୍ ହସ୍ତାନ୍ତର କରିଛନ୍ତି।

# ମୁନିରଙ୍କୁ ନେଇ ପାକିସ୍ତାନରେ ସେନା-ରାଷ୍ଟ୍ରପତି ଛାୟାଯୁଦ୍ଧ!

ଇସଲାମାବାଦ, ୮।୯(ଏଜେନ୍ସି): ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଏବଂ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କ ମଧ୍ୟରେ ନୀରବ ଯୁଦ୍ଧ ବା ଛାୟା ଯୁଦ୍ଧ ଚାଲିଥିବା ଦାବି ହୋଇଛି। ସ୍ୱନିର୍ବାସିତ ବ୍ରିଟିଶ-ପାକିସ୍ତାନୀ ରାଜନେତା ତଥା ମୁତାହିଦା କ୍ୱାମୀ ମୁଭମେଣ୍ଟର ପ୍ରତିଷ୍ଠାତା ଆଲତାଫ ହୁସେନ ଏହି ଦାବି କରିଛନ୍ତି। ତାଙ୍କ ଅନୁସାରେ, ସେନାମୁଖ୍ୟ ଫିଲ୍ଡ ମାର୍ଶଲ ସୟଦ ଅସିମ ମୁନିରଙ୍କ ନେତୃତ୍ୱରେ ପାକିସ୍ତାନରେ ସାମରିକ ପ୍ରତିଷ୍ଠାନର ବଢୁଥିବା କ୍ଷମତା ଜର୍ଦ୍ଦାରୀଙ୍କୁ ଅସନ୍ତୁଷ୍ଟ କରିଛି। ଏହି କ୍ଷମତା ସଂଘର୍ଷ ପାକିସ୍ତାନକୁ ଏକ ଗୁରୁତର ରାଜନୈତିକ ସଙ୍କଟ, ବ୍ୟାପକ ଗୃହଯୁଦ୍ଧ ଏବଂ ସମ୍ଭାବ୍ୟ ବିଭାଜନ ଆଡ଼କୁ ଠେଲି ଦେଇପାରେ ବୋଲି ହୁସେନ ଚେତାବନୀ ଦେଇଛନ୍ତି। ସେ ୨୮ ତମ ସମ୍ବିଧାନ ସଂଶୋଧନକୁ ଏହି ଗୁପ୍ତ ଲଢେଇର ମୁଖ୍ୟ କାରଣ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସମ୍ବିଧାନ ସଂଶୋଧନରେ ପାକିସ୍ତାନର ସିନ୍ଧ ପ୍ରଦେଶରେ ଏକ ନୂତନ ପ୍ରଦେଶ ଗଠନ ପ୍ରସ୍ତାବ ରହିଛି। ପାକିସ୍ତାନର ସେନା ଏହାକୁ ସମର୍ଥନ କରିଥିବା ବେଳେ ଜର୍ଦ୍ଦାରୀ ଏହାର ବିରୋଧ କରିଛନ୍ତି। ତେବେ ପ୍ରସ୍ତାବ ବିରୋଧରେ ସିନ୍ଧ ବିଧାନସଭାରେ ବିଲ୍ ପାରିତ ହୋଇଛି। ଏଭଳି ସମ୍ବେଦନଶୀଳ ସମୟରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଶ ବାହାରେ ରହିବାକୁ ନେଇ ହୁସେନ



ତୀବ୍ର ସମାଲୋଚନା କରିଛନ୍ତି। ନୂତନ ପ୍ରଦେଶ ଗଠନ ନେଇ ଲଣ୍ଡନରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଓ ଗୃହମନ୍ତ୍ରୀ ମୋହସିନ୍ ନକଭୀଙ୍କ ମଧ୍ୟରେ ରୁଦ୍ଧଦ୍ୱାରା ବୈଠକ ହୋଇଛି। ବୈଠକରେ ଜର୍ଦ୍ଦାରୀ ସ୍ପଷ୍ଟ କରିଛନ୍ତି ଯେ, ଜାତୀୟ ସହମତି ବିନା ନୂତନ ପ୍ରଦେଶ ଗଠନ ପ୍ରସଙ୍ଗର କୌଣସି ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ସେପଟେ ନକଭୀ ଏବଂ ସେନା ମୁଖପାତ୍ରଙ୍କ ମଧ୍ୟରେ ଅଲଗା ଆଲୋଚନା ହୋଇଛି। ଏହା ରାଷ୍ଟ୍ରପତି ଏବଂ ସେନା ନେତୃତ୍ୱ ମଧ୍ୟରେ ମତଭେଦକୁ ଉଜାଗର କରିଛି। ଅପରପକ୍ଷରେ, ସେନା ନିଜ ନିଷ୍ପତ୍ତିକୁ ଗ୍ରହଣ କରାଇବା ପାଇଁ ରାଷ୍ଟ୍ରପତିଙ୍କ ଶିବିରର କିଛି ସଦସ୍ୟଙ୍କ ବିରୋଧରେ ଥିବା ଦୁର୍ନୀତି ତଥ୍ୟକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ହୁସେନ ଚେତାବନୀ ଦେଇଛନ୍ତି ଯେ ନୂତନ ପ୍ରଦେଶ ଗଠନର ବିବାଦ ଯୋଗୁଁ ସେନା ଏବଂ ସିନ୍ଧୀ ଜାତୀୟତାବାଦୀ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇପାରେ। ଏହା ପରବର୍ତ୍ତୀ ସମୟରେ ଭିନ୍ନ 'ସିନ୍ଧୁଦେଶ' ଗଠନର ଦାବିକୁ ଜନ୍ମ ଦେବ। ଏହାବ୍ୟତୀତ ବାଲୁଚିସ୍ତାନରେ ଜାରି ରହିଥିବା ରକ୍ତପାତ ମଧ୍ୟ ଦେଶକୁ ଭାଙ୍ଗିବାରେ ସହାୟକ ହେବ। ପାକିସ୍ତାନରେ ଏପରି ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା କିମ୍ବା ବ୍ରିଟେନ ପରି କୌଣସି ବାହ୍ୟ ଶକ୍ତି ସାହାଯ୍ୟ କରିବେ ନାହିଁ। ପରିସ୍ଥିତି ଅଧିକ ବିଗିଡ଼ିଲେ ସେନା ଦେଶରେ ମାର୍ଶାଲ ଲ' ଲାଗୁ କରିବ ଏବଂ ଏକ କାମଚଳା ସରକାର ଜରିଆରେ ସଂଶୋଧିତ ବିଲ୍ କରିପାରେ ବୋଲି ହୁସେନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ଦେଶର ଅଖଣ୍ଡତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିବ ବୋଲି ସେ ଚେତାଇ ଦେଇଛନ୍ତି।

## ଏମ୍ଏମ୍ଡିଆର୍ ବିରୋଧରେ ଇଣ୍ଡିଆ ମେଣ୍ଟର ଗର୍ଜନ

# ଓଡ଼ିଶା ଲୁଣ୍ଠନର ନକ୍ସା ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

ଭୁବନେଶ୍ୱର,୮।୯(ସମିସ): ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର। ଏମ୍ଏମଡିଆର୍ (ସଂଶୋଧନ) ଆଇନ ବଦଳରେ ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ କେନ୍ଦ୍ର ସରକାର କ୍ଷୁର୍ଣ୍ଣ କରିଛନ୍ତି। ଖଣିଜ ସମ୍ପଦ ଉପରେ ରାଜ୍ୟର କର ଓ ରାଜସ୍ୱ ଅଧିକାରକୁ କେନ୍ଦ୍ରର ଅନୁମୋଦନ ସହିତ ଯୋଡ଼ିବା ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ଚରମ ଆଘାତ ବୋଲି ମଙ୍ଗଳବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆୟୋଜିତ ସମାବେଶରେ କୁହାଯାଇଛି। ୨୦୨୪ର ସୁପ୍ରିମକୋର୍ଟର ଐତିହାସିକ ରାୟରେ ରାଜ୍ୟମାନଙ୍କର ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ କର ଧାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସ୍ୱୀକୃତି ମିଳିଥିବା ବେଳେ ନୂଆ ସଂଶୋଧିତ ଆଇନ ଏହାକୁ ଖର୍ବ ଓ କ୍ଷୁର୍ଣ୍ଣ କରୁଛି। ଓଡ଼ିଶାର ଖଣିକୁ ଲୁଟ୍ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଛି ବୋଲି ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି।

ଜନସ୍ୱାର୍ଥର ସୁରକ୍ଷା ଦାବିରେ ଇଣ୍ଡିଆ ମେଣ୍ଟ, ଓଡ଼ିଶା ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜନ ସମ୍ମିଳନୀ କାର୍ଯ୍ୟକ୍ରମରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ)-ଲିବେରେସନ, ଫରୱାର୍ଡ ବ୍ଲକ,ଏନ୍ସିପି, ଏସପି ଏବଂ ଆର୍ଜେଡି ଆଦି ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ପୂର୍ବରୁ ଆଦାୟ ହୋଇ ନ ଥିବା କର, ସେସ୍ ଓ ବକେୟାକୁ କାର୍ଯ୍ୟକାରୀ ନକରିବା ଦ୍ୱାରା ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ଲକ୍ଷାଧିକ




କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି ସେମାନେ ମତ ଦେଇଥିଲେ। ଏହି ସଂଶୋଧିତ ଆଇନ ଓଡ଼ିଶା ବିରୋଧୀ, ଜନ ବିରୋଧୀ, ସଂଘୀୟ ନୀତି ବିରୋଧୀ ଏବଂ ସମ୍ବିଧାନ ବିରୋଧୀ ଆଇନ ବୋଲି କୁହାଯାଇଛି। ରାଜ୍ୟର ଉଦ୍ଦେଶ୍ୟ। ଖଣିଜ ସମ୍ପଦରେ ସମୃଦ୍ଧ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ କୃଷକ ସମୁଦାୟଙ୍କୁ ସେମାନଙ୍କ ଘରବାଡ଼ି, ଚାଷଜମି ଓ ଜୀବିକାରୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା ଏହି ଆଇନର କାମ। ତେଣୁ

### ମାସ ସାରା ବିଭିନ୍ନ ଅଞ୍ଚଳରେ ସମାବେଶ, ୨୯ରେ ବିଧାନସଭା ଘେରଉ

ଡବଲ ଇଞ୍ଜିନ ସରକାର, ବିଜେପିର ୨୦ ଜଣ ସାଂସଦ ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ସମଗ୍ର ରାଜ୍ୟର ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରି କର୍ପୋରେଟ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ କରାଯାଇଛି। ଏହି ଆଇନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶା ବିଦୀର୍ଣ୍ଣ ଏବଂ କ୍ଷତ ବିକ୍ଷତ ହେବ ବୋଲି କୁହାଯାଇଛି। ଦେଶର ସଂଘୀୟ ବ୍ୟବସ୍ଥା ମଧ୍ୟରେ ରାଜ୍ୟଗୁଡ଼ିକର କ୍ଷମତା ଓ ଅଧିକାରକୁ ସଙ୍କୁଚିତ କରିବା ଏହି ଆଇନ୍‌ର ଏହି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏହା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିରୋଧ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତ ଘୋଷଣା କରାଯାଇଛି।

ତେବେ ଡବଲ ଇଂଜିନ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଆଗକୁ ଜୋରଦାର ଲଢ଼େଇ ହେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ୧୮ ସେପ୍ଟେମ୍ବରରେ ସୁନ୍ଦରଗଡ଼ଠାରେ ଏକ ସମାବେଶ ସହ ୨୧ ସେପ୍ଟେମ୍ବରରେ ରାୟଗଡ଼ାଠାରେ ୨୪ ସେପ୍ଟେମ୍ବର କେନ୍ଦୁଝରଠାରେ ଓ ୨୬ ସେପ୍ଟେମ୍ବରରେ ଅନୁଗୋଳଠାରେ ବିଭିନ୍ନ ଜିଲ୍ଲାକୁ ନେଇ ଆଞ୍ଚଳିକ ସମାବେଶ କରାଯିବ। ଏହାବ୍ୟତୀତ ୨୯ ସେପ୍ଟେମ୍ବରରେ ସମଗ୍ର ଓଡ଼ିଶାର ଜନସାଧାରଣ ଓଡ଼ିଶା ବିଧାନସଭା ଅଭିମୁଖେ ଯାଇ ବିଧାନସଭା ଘେରାଉ କରିବେ ବୋଲି ଏଠାରେ ଘୋଷଣା ହୋଇଛି। ବିଧାନସଭା ଘେରାଉ ପରେ ସେହିଦିନ ଓଡ଼ିଶା ବନ୍ଦ ସମେତ ଆହୁରି ତୀବ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ମିଳିତ ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅଳି କିଶୋର ପଟ୍ଟନାୟକ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର କାଡାମ, ବାମପନ୍ଥୀ ନେତା ରାମକୃଷ୍ଣ ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ୍ ବିରୋଧରେ ବର୍ଷିଥିଲେ।

# ଦାରା ସିଂକୁ ନେଇ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର

## ରାଜ୍ୟ ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ଭୁବନେଶ୍ୱର,୮।୯(ସମିସ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲର ମୁକ୍ତି ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ଓଡ଼ିଶା

- ଟାଳଟୁଳ ନୀତି ନ ଆପଣାଇବାକୁ କଡା ତାଗିଦ
- ସଚିବଙ୍କୁ ସମନ କରିବାକୁ ଅଦାଲତଙ୍କ ଚେତାବନୀ

ସରକାରଙ୍କୁ ମଙ୍ଗଳବାର କଡା ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । ମଙ୍ଗଳବାର ଶୁଣାଣି ବେଳେ ଆଡଭୋକେଟ୍ ଅନ୍ ରେକର୍ଡଙ୍କ ଅସୁସ୍ଥତା କାରଣରୁ ସେପ୍ଟେମ୍ବର ୧୭ ତାରିଖକୁ ଶୁଣାଣି କରିବାକୁ କହିବାରୁ କୋର୍ଟ କ୍ଷୁବ୍ଧ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଓକିଲଙ୍କୁ ସୁପ୍ରିମକୋର୍ଟ ତାଗିଦ୍ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ରାଜ୍ୟ ସରକାରଙ୍କ ସଚିବଙ୍କୁ ସମନ କରାଯିବ ବୋଲି କୋର୍ଟ(ର୍ କହିଛନ୍ତି।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଓଆର (ଆଡଭୋକେଟ୍ ଅନ୍ ରେକର୍ଡ) ଅସୁସ୍ଥ ଥିବା ଦର୍ଶାଇ ୪ ସପ୍ତାହ ସମୟ ମଗାଯାଇଥିଲା। ଏହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ବିଷ୍ଣୋଇ କହିଛନ୍ତି ଯେ "ଆପଣ ଏମିତି ଚଳାଇ ପାରିବେ ନାହିଁ। ପ୍ରାୟ ଦୁଇ ବର୍ଷ ହେଲା ମାମଲା ଘୁଞ୍ଚୁଛି ବୋଲି ଜଷ୍ଟିସ ମିଶ୍ର କହିଥିଲେ। ଓକିଲଙ୍କ ପାଖରେ କୌଣସି ନିର୍ଦ୍ଦେଶ ନ ଥିବା ଜଣାପଡିବା ପରେ କୋର୍ଟ ଚେତାବନୀ ଦେଇ କହିଛନ୍ତି, "ଆମେ ଆଉ ଘୁଞ୍ଚାଇବୁ ନାହିଁ। ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ନିଅନ୍ତୁ ନଚେତ୍ ଆମେ ଆପଣଙ୍କ ସଚିବଙ୍କୁ ସମନ୍ କରାଇବୁ। ଶେଷରେ କୋର୍ଟ ମାମଲାକୁ ସେପ୍ଟେମ୍ବର ୧୭ କୁ ସ୍ଥଗିତ ରଖିବା ସହ ଅଗଷ୍ଟ ୧୯ ଆଦେଶ ଅନୁଯାୟୀ ନିଆଯାଇଥିବା ନିଷ୍ପତ୍ତି ଜଣାଇବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ କୋର୍ଟ ଓଡ଼ିଶା ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ନିଷ୍ପତ୍ତି ପାଇଁ ଶେଷ ସୁଯୋଗ ଦେଇଥିଲେ। ନିଷ୍ପତ୍ତି ନ ହେଲେ କୋର୍ଟ ନିଜେ ନିଷ୍ପତ୍ତି ନେବ ବୋଲି ମୌଖିକ ଭାବେ କହିଥିଲେ।

## ଓସେନ ୱିନର ଜାହାଜ ବୁଡ଼ି ମାମଲା

# ପ୍ରଭାବିତ କମ୍ପାନୀର କ୍ଷତିଭରଣା ଆବେଦନ

କଟକ,୮।୯(ସମିସ): ବହୁଚର୍ଚ୍ଚିତ ଜାହାଜ ଏମଭି ଓସେନ ୱିନର ବୁଡି ମାମଲା ହାଇକୋର୍ଟରେ ପହଞ୍ଚିଛି। ଏହି ଜାହାଜ ବୁଡି ଘଟଣାରେ କ୍ଷତିଗ୍ରସ୍ତ କମ୍ପାନୀ ଓସିଏଲ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ ପକ୍ଷରୁ ହାଇକୋର୍ଟରେ ଇଣ୍ଟରନାସନାଲ କମର୍ସିଆଲ ଆର୍ବିଟେସନ ପାଇଁ ଆବେଦନ କରାଯାଇଛି। ଏହି ମାମଲା ଆସନ୍ତାକାଲି ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିବା ବେଳେ ଜାହାଜ ବୁଡି ପାଇଁ ଆବେଦନକାରୀ ସଂସ୍ଥା ସମ୍ମୁଖୀନ ହୋଇଥିବା ପ୍ରତିପକ୍ଷଙ୍କଠାରୁ କ୍ଷତିଭରଣା ପାଇଁ ପ୍ରାର୍ଥନା କରିଛି। ପ୍ରକାଶଥାଉକି, ଗତ ଅଗଷ୍ଟ ୨୨ ତାରିଖ ପାରାଦ୍ୱୀପ ବନ୍ଦରରୁ ସିଙ୍ଗାପୁର ଅଭିମୁଖେ ବାହାରିଥିବା ୭୨ ହଜାର ମେଟ୍ରିକ ଟନ ଲୁହାପଥର ବୋଝେଇ ଏମଭି ଓସେନ ୱିନର ଜାହାଜ ୨୪୦ ନାଟିକାଲ ମାଇଲ ଦୂରରେ ବୁଡି ଯାଇଥିଲା। ଏହି ଘଟଣାରେ ୨୨ ଜଣ କ୍ରିଉ ସଦସ୍ୟ ନିଖୋଜ ଥିବା ବେଳେ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇପାରିଥିଲା।

# ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି, ୮।୯ (ସମିସ): ବିଚାରାଧୀନ କଏଦୀ କବିରାଜ ରାଉତଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଗଞ୍ଜେଇ ମାମଲାରେ ପ୍ରାୟ ୪ ବର୍ଷ ଧରି ସେ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଗତ ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା ଏବଂ ମୃତ୍ୟୁର ପ୍ରକୃତ କାରଣ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ। ଶବ ବ୍ୟବଚ୍ଛେଦ ପାଇଁ କୋରାପୁଟ ନେବା କଥା ଜାଣିବା ପରେ ପରିବାର ଲୋକେ ହସ୍ପିଟାଲ ମୁଖ୍ୟ ଫାଟକ

### ପରିବାର ଲୋକଙ୍କ ପ୍ରତିବାଦ

ସମ୍ମୁଖରେ ପହଞ୍ଚି ମୃତଦେହ ଅଟକ ରଖି ପ୍ରତିବାଦ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ପରିବାର ସଦସ୍ୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ



ପାଇଁ କୋରାପୁଟ ପଠାଯାଇଥିଲା। ସେଠାରେ ଚାରିଜଣ ଡାକ୍ତର ଏବଂ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ୯ ଯୁବ ଆଇଏଏସ୍‌ଙ୍କୁ ଉପ ଜିଲ୍ଲାପାଳ ଦାୟିତ୍ୱ

ଭୁବନେଶ୍ୱର,୮।୯(ସମିସ): ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରି ଫେରିଥିବା ୨୦୨୪ ବ୍ୟାଚର ୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ଉପଖଣ୍ଡର ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ(ଏସଡିଏମ୍) ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନିମେଶ ପ୍ରଧାନଙ୍କୁ ଆଠଗଡ଼, ପ୍ରଜ୍ଞାନନନ୍ଦନ ଗିରିଙ୍କୁ ତାଳଚେର, କସ୍ତୁରୀ ଶାଙ୍କୁ ଭବାନୀପାଟଣା, ଫାବି ରଶିଦଙ୍କୁ କୋରାପୁଟ, ମୃଣାଳିକା ରାଠୋରଙ୍କୁ ରାୟଗଡ଼ା ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ଶୁଭ୍ରା ପଣ୍ଡାଙ୍କୁ ଜୟପୁର ଏବଂ ପଓନ କୁମାରଙ୍କୁ ଟିଟିଲାଗଡ଼, ଭଗତ ଶାମଲ କଲ୍ୟାଣରାଓଙ୍କୁ ପାରଳାଖେମୁଣ୍ଡି, ସନ୍ତୋଷକୁମାର ପାତ୍ରଙ୍କୁ ବଣାଇଗଡ଼ ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଏହି ଅଧିକାରୀମାନେ ସମ୍ପୃକ୍ତ ସ୍ଥାନରେ ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ।

# ଶ୍ରୀମନ୍ଦିର, ରତ୍ନଭଣ୍ଡାର, ଶ୍ରୀନଅରକୁ ଟ୍ରେଡ୍‌ମାର୍କ ସୁରକ୍ଷା

ପୁରୀ,୮।୯(ସମିସ): ଶ୍ରୀମନ୍ଦିର ସହ ଜଡ଼ିତ ସ୍ୱତନ୍ତ୍ର ନାମଗୁଡ଼ିକର ବୌଦ୍ଧିକ ସମ୍ପତ୍ତି (ଟ୍ରେଡ୍‌ମାର୍କ) ସୁରକ୍ଷା ପ୍ରଦାନ କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଏହି କ୍ରମରେ ଟ୍ରେଡ୍‌ମାର୍କ ରେଜିଷ୍ଟ୍ରି ପକ୍ଷରୁ 'ଶ୍ରୀମନ୍ଦିର' (ବର୍ଗ ୧୯ ଓ ୪୫), 'ରତ୍ନଭଣ୍ଡାର' (ବର୍ଗ ୧୪ ଓ ୪୫) ଏବଂ 'ଶ୍ରୀନଅର' (ବର୍ଗ ୧୯) ନାମରେ ଦାଖଲ ହୋଇଥିବା ଟ୍ରେଡ୍‌ମାର୍କ ଆବେଦନଗୁଡ଼ିକ ପ୍ରକାଶନ ପାଇଁ ଗ୍ରହଣ କରାଯାଇଛି। ଏହା ଶ୍ରୀମନ୍ଦିରର ଅନନ୍ୟ ସାଂସ୍କୃତିକ ପରିଚୟର ସୁରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ 'ଆନନ୍ଦ ବଜାର', 'ପତିତପାବନ' ଏବଂ 'ନୀଳଚକ୍ର' ଲୋଗୋ ଭଳି ତିନୋଟି ନାମ ଓ ପ୍ରତୀକ ଟ୍ରେଡ୍‌ମାର୍କ ସୁରକ୍ଷା ପାଇଁ ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ନାମ 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ' ଟ୍ରେଡ୍‌ମାର୍କ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ତଥା ଶ୍ରୀମନ୍ଦିର ସହ ନିବିଡ଼ ଭାବେ ସମ୍ପୃକ୍ତ ପବିତ୍ର ନାମ ଓ ପ୍ରତୀକଗୁଡ଼ିକର ଅନଧିକୃତ କିମ୍ବା ବାଣିଜ୍ୟିକ ବ୍ୟବହାରକୁ ରୋକିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଦିଗରେ ମୋଟ ୨୯ଟି ଟ୍ରେଡ୍‌ମାର୍କ ଆବେଦନ କରାଯାଇଛି। ଅବଶିଷ୍ଟ ଆବେଦନଗୁଡ଼ିକର ଆବଶ୍ୟକ ପ୍ରକ୍ରିୟା ଚାଲିଥିବା ବେଳେ, ଶ୍ରୀଜଗନ୍ନାଥ ମନ୍ଦିର ସହ ସମ୍ପୃକ୍ତ ଐତିହ୍ୟର ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

# ୧୬.୭୬ ଲକ୍ଷ ଭତ୍ତା ଟଙ୍କା ହଡ଼ପ; ୩ ପଞ୍ଚାୟତ ଅଧିକାରୀ ଗିରଫ

ବାଲେଶ୍ୱର, ୮।୯(ସମିସ) : ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧ ହିତାଧିକାରୀଙ୍କ ପାଇଁ ଆସିଥିବା ସରକାରୀ ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ୩ ଜଣ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ଆଜି ବାଲେଶ୍ୱର ଭିଜିଲାନ୍ସ ଗିରଫ କରିଛି। ଦୀର୍ଘଦିନ ଧରି ବୃଦ୍ଧ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ନିଆଯାଇଥିବା ଟଙ୍କାରୁ ୧୬ ଲକ୍ଷ ୭୬ ହଜାର ୫୦୦ ଟଙ୍କା ବେଆଇନ ଭାବେ ଆତ୍ମସାତ୍ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଖରା ଗ୍ରାମପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ କୁସୁଡ଼ା ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସୁବ୍ରତ କୁମାର ପତି, କୁମ୍ଭାରମୁଳି ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ତଥା ବର୍ତ୍ତମାନ ଖଇରା ବ୍ଲକ୍‌ରେ କାର୍ଯ୍ୟରତ ଚିତ୍ତରଞ୍ଜନ ବାଗସିଂ ଏବଂ ଜଳେଶ୍ୱରପୁର ଗ୍ରାମପଞ୍ଚାୟତର ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର ଗୌତମ ଦଳାଇ। ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନମ୍ବର ୨୨/୨୦୨୬ ଆଧାରରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ଅନୁସାରେ, ୨୦୨୨ରୁ ୨୦୨୫ ମଧ୍ୟରେ ଅଭିଯୁକ୍ତମାନେ ଭୋଗରାଇ ବ୍ଲକ୍ ଅଫିସ୍‌ରୁ ପ୍ରତିମାସ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ ପାଇଁ ଅଗ୍ରିମ ଟଙ୍କା ନେଉଥିଲେ। ହିତାଧିକାରୀଙ୍କୁ



ଭତ୍ତା ବଣ୍ଟନ ପରେ ବଳକା ଟଙ୍କା ସରକାରୀ ହିସାବରେ ଜମା କରିବା କିମ୍ବା ଏହାର ଠିକ୍ ହିସାବ ଦେବା ପରିବର୍ତ୍ତେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଟଙ୍କା ନିଜସ୍ୱ ଲାଭ ପାଇଁ ହଡ଼ପ କରିଥିବା ଭିଜିଲାନ୍ସ ତଦନ୍ତରୁ ପ୍ରକାଶ ପାଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଆଜି ବାଲେଶ୍ୱର ସ୍ପେଶାଲ୍ ଜଜ୍, ଭିଜିଲାନ୍ସଙ୍କ ଅଦାଲତରେ ହାଜର ପାଇଁ ପଠାଯାଇଛି। ଘଟଣାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

# ବଜ୍ରପାତରେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ

ଜଳେଶ୍ୱର/ରାଜଘାଟ, ୮।୯ (ସମିସ) : ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ବଜ୍ରପାତଜନିତ ଆଘାତରେ ଜଣେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ ଘଟିଛି। ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍‌ପିଟାଲରେ କାର୍ଯ୍ୟରତ ଫାର୍ମାସିଷ୍ଟ ସସ୍ମିତା ମିଶ୍ରଙ୍କ ସ୍ୱାମୀ ଉଦୟନାରାୟଣ ମିଶ୍ର (୪୧) ଅପରାହ୍ନରେ ଭେଲୋରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠପଢୁଥିବା ନିଜ ପୁଅକୁ ଆଣିବାକୁ ଜାତୀୟ ରାଜପଥ ୬୦ରେ ବାଇକ୍ ଯୋଗେ ଯାଉଥିଲେ। ହଠାତ୍ କଳାହାଣ୍ଡିଆ ମେଘ ଆସିବା ସହିତ ତୁହାକୁତୁହା ବଜ୍ରପାତ ହୋଇଥିଲା। ଫଳରେ ଉଦୟନାରାୟଣ ରାସ୍ତାର ରାଜଘାଟ ନିକଟ ଏକ ଗଛମୂଳରେ ଅଟକି ଯାଇଥିଲେ। ତାଙ୍କ ଉପରେ ବଜ୍ରପାତ ହେବାରୁ ସେ ଓଲଟି ପଡିଥିଲେ। ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଆମ୍ବୁଲାନ୍ସ ସହଯୋଗରେ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଉଦୟନାରାୟଣ ଅମର୍ଦ୍ଦାରୋଡ ମୂଳନିବାସୀ ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଜଳେଶ୍ୱରରେ ରହିଆସୁଥିଲେ। ଜଳେଶ୍ୱର ଅଣ୍ଡରପାସ୍ ନିକଟରେ ଏକ ଫିଜିଓ ଥେରାପି ସେଣ୍ଟର କରି ରୋଗୀମାନଙ୍କୁ ସେବା ଦେଇ ଆସୁଥିଲେ। ଅନୁରୂପଭାବେ କଳମା ଗାଁର ପ୍ରତୀମା ଗିରି(୩୨) ନିଜଘର ପିଣ୍ଡାରେ ବସିଥିବା ବେଳେ ଘର ନିକଟରେ ବଜ୍ରପାତ ହେବାରୁ ସେ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଜିକେ ଭଟ୍ଟର ହସ୍ପିଟଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ କରାଯାଉଥିବା ଜଣାଯାଇଛି।

## ଖପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

# ଲୁଟିନେଲେ ୧୦ ଲକ୍ଷରୁ ଅଧିକ ଟଙ୍କା

ବାଲେଶ୍ୱର/ବାଲିଆପାଳ,୮।୯(ସମିସ): ଦିନ ଦ୍ୱିପ୍ରହରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖାପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି ହୋଇଛି। ଦଶ ଲକ୍ଷରୁ ଅଧିକ ଟଙ୍କା ଡକାୟତି ହୋଇଛି। ଆଜି ଅପରାହ୍ନ ୧ଟା ୪୦ରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୋଗେ ଖପରାପଦା ଗ୍ରାମୀଣ ବ୍ୟାଙ୍କ ଭିତକୁ ଗ୍ରାହକ ଭାବରେ ପଶିଥିଲେ। କେହି କିଛି ଭାବିବା ପୂର୍ବରୁ ବ୍ୟାଙ୍କର ଗେଟ୍‌କୁ ବନ୍ଦ କରି ଦେଇଥିଲେ। ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଆଣ୍ଠେଇ ଦେଇ ଥିଲେ। ପରେ ମ୍ୟାନେଜର ଅଜୟ କୁମାର ସେଠୀଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରିଥିଲେ। ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗରୁମ ଚାବି ଖୋଲିଥିଲେ। ପରେ ଡକାୟତମାନେ



ଷ୍ଟ୍ରଙ୍ଗରୁମ ଓ ଆକାଉଣ୍ଟ ସେକସନରୁ ଅନୁମାନିକ ଦଶ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୁମ ଭିତରେ ପୂରାଇ ଚାବି ପକାଇ ଦେଇ ଚମ୍ପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହଛନ୍ତି। ତେବେ ସମସ୍ତ ଡ଼କାୟତ ବଙ୍ଗଳାରେ କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତିରେ ବାହାର ରାଜ୍ୟର ଡ଼କାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହି ଡକାୟତି ଗ୍ୟାଙ୍ଗରେ ଦୁଇ ଜଣ ହେଲମେଟ ପିନ୍ଧି ଥିବା ବେଳେ ଜଣେ ମାସ୍କ ମୁହଁରେ ଲଗାଇ ଥିଲେ । ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ। ଡକାୟତମାନେ ପ୍ରଥମେ ବ୍ୟାଙ୍କ ରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି। ଡ଼କାୟତିର ଖବର ପାଇ ବାଲିଆପାଳ ପୁଲିସ ଘଟଣସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସାଇଣ୍ଟିଫିକ୍ ଦଳ ବ୍ୟାଙ୍କରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।

## ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି ବାସନ୍ତୀ ଦୁର୍ଗା ମନ୍ଦିର

# ନିର୍ମାଣର ଅଧଘଣ୍ଟା ପରେ ଭୁଶୁଡ଼ିଲା ଛାତ

ଭଦ୍ରକ/ଅସୁରାଳି/ଧୂଷୁରୀ,୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ହସନାବାଦ ପଞ୍ଚାୟତରେ ସରକାରୀ ଅନୁଦାନରେ ଚାଲିଥିବା ନିର୍ମାଣ କାର୍ଯ୍ୟର ନିମ୍ନମାନକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସନ୍ତୀ ଦୁର୍ଗା ମନ୍ଦିରର ଛାତ ପଡ଼ିବାର ମାତ୍ର ଅଧଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଛାତଟି ଭୁଶୁଡ଼ି ପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

### ସରକାରୀ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ

ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୬ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବିନିଯୋଗରେ ଏହି ମନ୍ଦିରର ଛାତ ଢଳେଇ କାର୍ଯ୍ୟ ସମ୍ପାଦିତ ହେଉଥିଲା। ତେବେ ଛାତ ପଡ଼ିବା କାର୍ଯ୍ୟ ଶେଷ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ନିର୍ମାଣାଧୀନ କଂକ୍ରିଟ୍ ଛାତଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ, ଏଥିରେ କେହି ଆହତ କିମ୍ବା କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ଯାହାଫଳରେ ଏକ ବଡ଼ ବିପଦ ଟଳିଯାଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା



ନେବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ସରକାରୀ ଅର୍ଥର ଏଭଳି ଅପବ୍ୟୟ ଏବଂ ଦାୟିତ୍ୱହୀନ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଓ ସନ୍ଦେହ ଉପୁଜିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଜେପିରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର

# ଉପମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ମୁଖପାତ୍ରଙ୍କ 'ଦରି' ଚ୍ୟାଲେଞ୍ଜ

ପୁରୀ,୮।୯(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଅଳସ ଭାଙ୍ଗିଥିଲା ଦଳୀୟ କନ୍ଦଳ। ଦୁଇ ଭିନ୍ନ ଦଳରେ ଥିବାବେଳେ ପ୍ରଭାତୀ ପରିଡ଼ା ଓ ସମୀର ଦାଶଙ୍କ ଯେଉଁ ବିବାଦ ରହିଥିଲା, ସେଥିରେ ସାମୟିକ ବିରତି ଲାଗିଥିଲା। ନିର୍ବାଚନ ପ୍ରଚାର ସମୟରେ ପ୍ରଭାତୀ ଯେଉଁ ଆନୁଗତ୍ୟ ସମୀରଙ୍କ ପ୍ରତି ଦେଖାଇଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ ତାହା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବିଜୟ ପରେ ପ୍ରଭାତୀ ଧୀରେ ଧୀରେ ସମୀରଙ୍କୁ କରଛଡ଼ା ଦେଇଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସିଧାସଳଖ ସମାଲୋଚନା କରିଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ୍ୟ ହେଉଥିଲେ କିନ୍ତୁ ଭାଇନା ଥିଲେ ଲଗାମ୍‌ଛଡ଼ା। ତେଣୁ ମଝିରେ ମଝିରେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିଲେ। ଗୋଟିଏ ଦଳରେ ଉଭୟ ଥିବା ଯୋଗୁଁ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଦଳୀୟ ନେତାମାନେ ଯେଉଁ ଆଶା ରଖିଥିଲେ, ଏବେ ଆଉ ସେହି ସ୍ଥିତି ନାହିଁ। ଉଭୟ ପ୍ରତ୍ୟକ୍ଷ ସମରକୁ ଓହ୍ଲାଇଛନ୍ତି ଏବଂ ଉଭୟଙ୍କ ସହଯୋଗୀ କର୍ମୀମାନେ ବାକ୍‌ଯୁଦ୍ଧରେ ମାତିଛନ୍ତି । ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଦେଇଛନ୍ତି 'ଦରି' ଚାଲେଞ୍ଜ । ଯାହାକୁ ନେଇ ପୁରା ପୁରୀ ଜିଲ୍ଲା ବିଜେପି ରାଜନୀତି ସରଗରମ ହୋଇଛି । ପୁଣିଥରେ ଦୁହିଁଙ୍କ ସମର୍ଥକମାନେ ମୁହାଁମୁହିଁ ଅବସ୍ଥାକୁ ଆସିଛନ୍ତି ।

ନିକଟରେ ଏକ କାର୍ଯ୍ୟକ୍ରମରେ ସମୀର କହିଛନ୍ତି ଯେ ଆସନ୍ତା ପଞ୍ଚାୟତ ନିର୍ବାଚନ ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପି ଲଢ଼ିବ। ତେବେ ତା' ପୂର୍ବରୁ ନିଜ ଦକ୍ଷତା ଓ ଲୋକ ସମର୍ଥନର ସେ ପ୍ରମାଣ ଦେବା ଆବଶ୍ୟକ। 'ଦରି ପକାଇଦେବା, ଦେଖିବା କାହାର କେତେ ଦମ୍'। ପ୍ରଭାତୀଙ୍କ ନିଜ ପଞ୍ଚାୟତ ତେରୁଣ୍ଡିଆରେ ଏଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତୁ ବୋଲି ସମୀରଙ୍କ ବୟାନ ଏବେ ନିମାପଡ଼ା ରାଜନୀତିରେ ନୂଆ ଚର୍ଚ୍ଚା ଛିଡ଼ା କରିଛି। ସମୀରଙ୍କ ଏହି ବୟାନକୁ କେବଳ ଏକ ରାଜନୈତିକ ଟିପ୍ପଣୀ ଭାବେ ନୁହେଁ, ବରଂ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିମାପଡ଼ାରେ ନିଜ ଗୋଷ୍ଠୀର ସାଙ୍ଗଠନିକ ଶକ୍ତି ଦେଖାଇବାର ଏକ ପ୍ରକାର ରଣହୁଙ୍କାର ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ସମୀରଙ୍କ 'ଦରି' ଚ୍ୟାଲେଞ୍ଜ ପରେ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ମଧ୍ୟ ଜୋର୍ ଧରିଛି। ସାମାଜିକ ଗଣମାଧ୍ୟମରେ ଅପା ଓ ଭାଇନାଙ୍କ ସମର୍ଥକମାନେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିବା ଦେଖାଯାଉଛି। କିଏ କେତେ ଲୋକଙ୍କୁ ନିଜ ସହ ଯୋଡ଼ିପାରୁଛି, କାହାର ସାଂଗଠନିକ ଦବ୍‌ଦବା ଅଧିକ ତାହାକୁ ନେଇ ଉଭୟ ଶିବିର ନିଜ ନିଜ ଶକ୍ତିର ଦାବି କରୁଛନ୍ତି।

ଏହି ଘଟଣା ଏବେ କେବଳ ନିମାପଡ଼ାର 'ଅପା-ଭାଇନା' ବିବାଦରେ ସୀମିତ ନାହିଁ। ଏହାର ପ୍ରଭାବ ପୁରୀ ଜିଲ୍ଲା ବିଜେପିର ସାଂଗଠନିକ ରାଜନୀତି ଉପରେ କେତେ ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ଦଳରେ ଥାଇ ଦୁଇ ଶିବିରର ଶକ୍ତି ପ୍ରଦର୍ଶନ ଯଦି ଆଗକୁ ଆହୁରି ତୀବ୍ର ହୁଏ, ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ଏକତା ପାଇଁ ଏହା ଚ୍ୟାଲେଞ୍ଜ ହୋଇପାରେ। ଏବେ ନଜର ରହିଛି ସମୀରଙ୍କ 'ଦରି' ଚ୍ୟାଲେଞ୍ଜକୁ ପ୍ରଭାତୀ ଶିବିର କିପରି ନେଉଛି ଏବଂ ଆଗାମୀ ଦିନରେ ନିମାପଡ଼ାରେ କିଏ କେତେ ସାଙ୍ଗଠନିକ ଶକ୍ତି ଦେଖାଇପାରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି 'ଦରି' ରାଜନୀତି ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

**ବୈତରଣୀ ୱେଷ୍ଟ କୋଇଲା ଖଣି ଖନନ ନେଇ ଉତ୍ତେଜନା**

# ଖଣି ଖୋଳିବାକୁ ପ୍ରୟାସ; ୬ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜାଙ୍କ ବିରୋଧ

ଛେଣ୍ଡିପଦା,୮।୯ (ସମିସ):



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ତହସିଲ ଅନ୍ତର୍ଗତ ମାଛକୁଟା ଜଙ୍ଗଲ ଗ୍ରାମ ଚାରିବାଟି ଛକଠାରେ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ଆଠଟା ବେଳେ ପ୍ରସ୍ତାବିତ ବୈତରଣୀ ୱେଷ୍ଟ କୋଲ୍ ପ୍ରୋଜେକ୍ଟ ସକାଶେ ଜମି ଅଧିଗ୍ରହଣ ହୋଇଥିବା ଜାଗା ଉପରେ କୋଇଲା ଖଣି ଖନନ କାର୍ଯ୍ୟ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଆରମ୍ଭ କରିଥିଲେ। ଦାୟିତ୍ୱରେ ଥିବା କମ୍ପାନୀ ଅଧିକାରୀ ଏବଂ କର୍ମଚାରୀ ମାଟି ଖୋଳା ମେସିନ, କୋଇଲା ଖନନ ମେସିନ, ଗଛ କଟା ମେସିନ, ଜଙ୍ଗଲ ସଫା କରିବା ପାଇଁ ବ୍ୟବହୃତ ବିଭିନ୍ନ ପ୍ରକାର ମେସିନ ଓ ଯନ୍ତ୍ରପାତି ମାଧ୍ୟମରେ କାର୍ଯ୍ୟ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ଖବର ପାଇ ଉପରୋକ୍ତ ପ୍ରକଳ୍ପ ଯୋଗୁଁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ତଥା ୬ଟି ଗ୍ରାମର କ୍ଷତିଗ୍ରସ୍ତ ଜମିହରା ପ୍ରଜା ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଅଞ୍ଚଳବାସୀଙ୍କ କୌଣସି ମତାମତ ଓ ପରାମର୍ଶ ନ ନେଇ କମ୍ପାନୀ କର୍ତ୍ତୃପକ୍ଷ ମନମାନି କାର୍ଯ୍ୟ କରୁଥିବା ଦର୍ଶାଇ ବିରୋଧ କରିଥିଲେ।

ତେବେ କର୍ତ୍ତୃପକ୍ଷ ଖଣି ଖନନ କରିବା ଯୋଗୁଁ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଶହ ଶହ ସଂଖ୍ୟକ ଅଞ୍ଚଳବାସୀ ତୀବ୍ର ପ୍ରତିବାଦ କରିବା ସହ ଆନ୍ଦୋଳନ ଜୋରଦାର କରିଥିଲେ। ଏପରିକି ସେଠାରୁ ଅବିଳମ୍ବେ ମେସିନ ଓ ଯନ୍ତ୍ରପାତି ହଟାଇବା ପାଇଁ ଲୋକେ ଜିଦ୍ ଧରିଥିଲେ। ଏ ନେଇ ଦୀର୍ଘ ସମୟ ଧରି କମ୍ପାନୀ ପଦାଧିକାରୀ କର୍ମଚାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତି ତର୍କ ସାଙ୍ଗକୁ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଖବର ପାଇ ଛେଣ୍ଡିପଦା ଥାନା ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ଉପସ୍ଥିତ ଥିବା ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ତେବେ ଅଞ୍ଚଳବାସୀଙ୍କ ଦୃଢ଼ ଦାବି ମୁତାବକ ମାଛକୁଟା ଗ୍ରାମପଞ୍ଚାୟତ ସରପଞ୍ଚ ଲିଖିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଏମ୍‌ଡିସି କମ୍ପାନୀ କର୍ତ୍ତୃପକ୍ଷ ଓ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କମ୍ପାନୀ ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ବୈତରଣୀ ୱେଷ୍ଟ କୋଲ୍ ବ୍ଲକ୍ ପରିଚାଳନା ସକାଶେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୁଜୁରାଟ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥା ଗୁଜୁରାଟ ମିନେରାଲ୍ସ ଡେଭେଲପମେଣ୍ଟ କର୍ପୋରେସନ (ଜିଏମ୍‌ଡିସି ଲିମିଟେଡ୍) କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ପ୍ରକଳ୍ପ ଯୋଗୁଁ ଛେଣ୍ଡିପଦା ଜଙ୍ଗଲ, ମାଛକୁଟା ଜଙ୍ଗଲ, ତେନ୍ତୁଲୋଇ କୋଡାସାହି, ହାଣ୍ଡିଗୋଡ଼ା, ପୋଡ଼ପଡ଼ା, ଖୁଣ୍ଟାନାଳୀ, ଜାମୁନାଳୀ ଗ୍ରାମର ପ୍ରାୟ ୧୧୯୬ ହେକ୍ଟର ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଜାରି ରହିଛି। ମାତ୍ର ଅଦ୍ୟାବଧି କମ୍ପାନୀ ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ, ବିସ୍ଥାପନ ଥଇଥାନ, ସ୍ଥାୟୀ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନୟନ ଆଦି ସମସ୍ୟା ସମାଧାନ ନକରି କମ୍ପାନୀ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ଭୟଭୀତ କରି ଜୋରଜବରଦସ୍ତ କୋଇଲା ଖଣି ଖନନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅପଚେଷ୍ଟା କରୁଥିବା ଯୋଗୁଁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ଦିଗରେ ଜନଜୀବନ ମାରଣ ନୀତି ଅବଲମ୍ବନ କରାଗଲେ ଆଗାମୀ ଦିନରେ କମ୍ପାନୀ ପ୍ରଶାସନ ବିରୁଦ୍ଧରେ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତ ତଥା ଜମିହରା ପ୍ରଜା ସଂଘ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କଡ଼ା ଚେତାବନୀ ଦିଆଯାଇଛି।

**● ଅପରେସନ 'ପ୍ରହାର'**

## ୫ ବସ୍ତା ଗଞ୍ଜେଇ ଜବତ, ଜଣେ ଗିରଫ

ଛେଣ୍ଡିପଦା,୮।୯ (ସମିସ): ଅନୁଗୋଳ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ସମ୍ପ୍ରତି ଜାରି ରହିଛି ଅପରେସନ ପ୍ରହାର। ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପୁଲିସ ଟିମ୍ ଅପରେସନ ପ୍ରହାର ମାଧ୍ୟମରେ କୌଣସି ସୂତ୍ରରୁ ସୂଚନା ପାଇ ଜରପଡ଼ା ରେଳ ଷ୍ଟେସନ ନିକଟ ବର୍ତ୍ତି ଏକ ଫାର୍ମ ହାଉସ କ୍ୟାମ୍ପ ଉପରେ ଚଢ଼ାଉ କରାଯାଇଥିଲା। ଏଥିରେ ୧ କ୍ୱିଣ୍ଟାଲ ୧୬ କିଲୋଗ୍ରାମ ଗଞ୍ଜେଇ ସହ ନଗଦ ଟଙ୍କା ଜବତ କରାଯାଇଛି। ଏଥିସହ ଏକ କାର ଭିତରୁ ୨ ବସ୍ତା ଏବଂ ଘର ଭିତରେ ଥିବା ୫ ବସ୍ତା ଗଞ୍ଜେଇ ଜବତ କରାଯାଇଛି। ସେହିପରି ଏହି ବେଆଇନ୍ କାରବାର ପାଇଁ କାର ଭିତରେ ଥିବା ୧ ଲକ୍ଷ ୬୬ ହଜାର ୮ ଶହ ଟଙ୍କା ଜବତ କରାଯାଇଛି। ଜରପଡା ଥାନା ଅଧିକାରୀ ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ାଉରେ ସବ ଇନସ୍ପେକ୍ଟର ଶମ୍ଭୁନାଥ ପଲେଇ, ଏ ଏସ ଆଇ ଚାମୁ ଚରଣ ମହନ୍ତ ଙ୍କ ସମେତ ପୋଲିସ କର୍ମଚାରୀଙ୍କ ସମେତ ଜରପଡ଼ା ଜଙ୍ଗଲ ବିଭାଗ ଅଧିକାରୀ ସାମିଲ୍ ହୋଇଥିଲେ। ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରସାଦ ସିଂହ ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଜବତ ଗଞ୍ଜେଇର ମୂଲ୍ୟ ଆକଳନ କରିଥିଲେ। ତେବେ ଏହି କାରବାରରେ ସମ୍ପୃକ୍ତ ଜରପଡ଼ା ଗ୍ରାମର ଅରବିନ୍ଦ ସାହୁଙ୍କୁ ଗିରଫ କରିବା ସହ ଛେଣ୍ଡିପଦା କୋର୍ଟ ଚାଲାଣ କରାଯାଇଛି। ଏ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ଖୋଳତାଡ ଜାରୀ ରହିଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ।



## 'ସକାଳ' ପ୍ରଭାବ: ବଦଳିଲେ ଅପାରଗ ଯନ୍ତ୍ରୀ

ତାଳଚେର ସହର,୮।୯ (ସମିସ): ବଦଳିଲେ ଅପାରଗ ଯନ୍ତ୍ରୀ ପ୍ରଶାନ୍ତ କୁମାର ରାଉତ। ସମଲ ମୁଖ୍ୟ କର୍ମ ବିଭାଗ ଅଧୀନରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଦାୟିତ୍ୱରେ ଥିଲେ ପ୍ରଶାନ୍ତ। ଲୋକଙ୍କୁ ସଠିକ୍ ସେବା ନ ଯୋଗାଇ ପାରିବା, ବାରମ୍ବାର ବିନା କାରଣରେ ଅଞ୍ଚଳରେ ବିଦ୍ୟୁତ୍ କାଟ ହେବା ଭଳି ଅନେକ ସମସ୍ୟା ଅଞ୍ଚଳରେ ଲାଗି ରହିଥିଲା। ଯେଉଁଥିପାଇଁ ବିଭାଗ ସମାଲୋଚନାର ଶିକାର ହେଉଥିଲା। ପରେ ଜଣେ ଠିକା ଶ୍ରମିକ ରସାନନ୍ଦ ପ୍ରଧାନ ବିଦ୍ୟୁତ୍ ଆଘାତ ପାଇ ଗୁରୁତ୍ୱର ହୋଇଥିଲେ। ମାନବିକତା ଭୁଲି ଯାଇ ତାଙ୍କୁ ଚିକିତ୍ସା କରାଇ ନଥିବା ଅଭିଯୋଗ ହୋଇଥିଲା ଏବଂ "ସକାଳ" ଖବର କାଗଜରେ ଏନେଇ ଖବର ମଧ୍ୟ ପ୍ରସାରିତ ହୋଇଥିଲା। ପରେ ପରେ କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ଯନ୍ତ୍ରୀ ରହୁନଥିବା ଏବଂ ଦିଆଯାଉଥିବା କାମକୁ ସଠିକ୍ ଭାବେ ନ କରୁଥିବା ନେଇ ବାରମ୍ବାର ମୁଖ୍ୟଯନ୍ତ୍ରୀଙ୍କ ପାଖରେ ଅଭିଯୋଗ ହେଉଥିଲା। ଯାହାକୁ ନେଇ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ ମଧ୍ୟ ବେଶ୍ କ୍ଷୁବ୍ଧ ଥିଲେ। ପରେ ବାରମ୍ବାର ଏହି ଯନ୍ତ୍ରୀଙ୍କ ନାମରେ ଖବର ପ୍ରସାରଣ ହେବା ଫଳରେ ତାଙ୍କୁ ଅନୁଗୋଳ ଜଳ ସେଚନ ବିଭାଗ କୁ ବଦଳି କରାଯାଇଛି।

## ଡାକରାଣୁଣି ପୀଠରେ ବିକାଶ ପାଇଁ ଅଣ୍ଟାଭିଡ଼ିଲେ ବିଧାୟକ

ଅନୁଗୋଳ,୮।୯ (ସମିସ): ଅନୁଗୋଳ ବିଧାନସଭା ଅନ୍ତର୍ଗତ କୁମୁରିସିଂହାସ୍ଥିତ ମା' ଡାକରାଣୁଣି ପୀଠକୁ ଏକ ପର୍ଯ୍ୟଟନ କ୍ଷେତ୍ର ରୂପ ଦେବା ପାଇଁ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ବିଗତ ଦିନରୁ ଉଦ୍ୟମ କରି ଆସୁଛନ୍ତି। ବିଗତ ଦିନରେ ଏ କଥାକୁ ବିଧାୟକ ବିଧାନସଭାରେ ମଧ୍ୟ ଉତ୍ଥାପନ କରିଥିଲେ। ଆଜି ବିଧାୟକ ନିଜେ ବିଭାଗୀୟ ଅଧିକାରୀଙ୍କ ସହ ମା' ଡାକରାଣୁଣି ପୀଠରେ ଉପସ୍ଥିତ ରହି କିପରି ଭାବରେ ସଦର ମହକୁମା ଠାରୁ ୮ କିଲୋମିଟର ଦୂରରେ ଅବସ୍ଥିତ ପ୍ରାକୃତିକ ସବୁଜିମାରେ ପରିପୂର୍ଣ୍ଣ ଉକ୍ତ ସ୍ଥାନଟି ଅଞ୍ଚଳରେ ଏକ ଆକର୍ଷଣର କେନ୍ଦ୍ର ହେବ ସେ ବିଷୟରେ ଆଲୋଚନା କରିଥିଲେ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। କୁମୁରିସିଂହା ଗ୍ରାମବାସୀ ଯେଉଁଭଳି ଭାବରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରି ତାହାର ଯତ୍ନ ନେଇ ଉକ୍ତ ସ୍ଥାନଟିକୁ ସବୁଜିମାରେ ପରିଣତ କରିଛନ୍ତି ସେଥିପାଇଁ ମଧ୍ୟ ବିଧାୟକ ଗ୍ରାମବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଧାୟକଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ବିଭାଗୀୟ ଅଧିକାରୀଙ୍କ ସହିତ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ, ଗ୍ରାମର ସଭାପତି ଫାଲ୍‌ଗୁନି ଦେହୁରୀ, ବୃନ୍ଦାବନ ସାହୁ, ଚନ୍ଦ୍ରକାନ୍ତ ସାହୁ, ପ୍ରମୋଦ ସାହୁ, ଶାନ୍ତନୁ ପ୍ରଧାନ, ମାନସ ପ୍ରଧାନ, ପ୍ରଶାନ୍ତ ପ୍ରଧାନ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିକଟାଳ ଶବ୍ଦ ସୃଷ୍ଟିକାରୀ ବାଇକ୍ ଜବତ



ତାଳଚେର,୮।୯ (ସମିସ): ଆଗକୁ ବାବା ଗଣପତିଙ୍କର ପୂଜାଉତ୍ସବ ଥିବାରୁ ଏହାକୁ ଦୃଷ୍ଟିରେ ରଖି ବିକଟାଳ ଶବ୍ଦ କରୁଥିବା ବାଇକ ଗୁଡ଼ିକୁ ଟାର୍ଗେଟ କରି ଆଜି ତାଳଚେର ପୁଲିସ୍ ପକ୍ଷରୁ ଛକ, ମାର୍କେଟ, ରାଜପଥ ଓ ବିଭିନ୍ନ ରାସ୍ତା ଯୋରଦାର ଚଢ଼ଉ କରିବା ସହ ୧୨ଟି ବୁଲେଟ୍ ଜବତ କରିଥିବା ଜଣାପଡ଼ିଛି। ଏହି ବୁଲେଟ ଗୁଡ଼ିକ ପ୍ରଚଣ୍ଡ ଶବ୍ଦ ସହ ବସଭଳି ହର୍ଣ୍ଣ ବଜାଇ ମାର୍କେଟ ଗୁଡ଼ିକରେ ଚଳପ୍ରଚଳ କରୁଥିବାରୁ ବୃଦ୍ଧ, ବୃଦ୍ଧା, ଛୋଟପିଲା, ହୃଦ୍‌ରୋଗୀ ଆଦି ସମସ୍ୟାରେ ପଡ଼ୁଛନ୍ତି। ବାରମ୍ବାର ଅଭିଯୋଗ ହେବାପରେ ପୁଲିସ ପକ୍ଷରୁ ବ୍ୟାପକ ଚଢ଼ଉ କରାଯାଇ ଉକ୍ତ ବୁଲେଟ ଗୁଡ଼ିକୁ ଜବତ କରିଥିବା ଘଟଣା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମତପ୍ରକାଶ ପାଉଛି। ତେବେ ଏହି ଚଢ଼ଉ ଆଗାମୀ ଦିନରେ ଜାରି ରହିଲେ ନିଶ୍ଚିତଭାବେ ରୋଡ୍ ରୋମିଓ ସାବାଡ୍ ହେବେ ବୋଲି କୁହାଯାଉଛି।

**● ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅବମାନନା**

## ଆଭାସୀରେ ବ୍ୟକ୍ତିଗତ ହାଜର ପାଇଁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ

ପାଲଲହଡ଼ା,୮।୯ (ସମିସ): ଏକ ବ୍ୟକ୍ତିଗତ ଜମିଜମା ମାମଲାରେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ସଠିକ ଭାବେ ପାଳନ କରିନଥିବା ଅଭିଯୋଗ ମୁତାବକ ବୁଧବାର ଆଭାସୀ ମାଧ୍ୟମ ରେ ବ୍ୟକ୍ତିଗତ ହାଜର ପାଇଁ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ମାନ୍ୟବର ଖଣ୍ଡପୀଠ ଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ କେସ ନମ୍ବର ୫୨୯ ୯/୨୦୨୬ ମୁତାବକ ମାନ୍ୟବର ଉଚ୍ଚନ୍ୟାୟାଳୟ ଙ୍କ ଅର୍ଡର ନମ୍ବର ୨ ତା-୦୮/୦୯/୨୦୨୬ ମୁତାବକ ମାନ୍ୟବର ବିଚାରପତି ଡା଼ଃ ସଂଜୀବ କୁମାର ପାଣିଗ୍ରାହୀ ଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି କ୍ଷ" ସୂଚନା ମୁତାବକ ପାଲଲହଡା ଉପଖଣ୍ଡ ଚଷାଗୁରୁଜାଙ୍ଗ ଗ୍ରାମର ଗ୍ରାମବାସୀ ଙ୍କ ଅଭିଯୋଗ ମୁତାବକ ଦୀର୍ଘ ବର୍ଷ ଧରି ରାଜୀବ ଲୋଚନ ସାହୁ ଦଖଲ କରୁଥିବା ସରକାରୀ ଜମି କୁ ତହସିଲଦାର ଜୁନ ମାସରେ ଉଚ୍ଛେଦ କରିଥିଲେ। ତହସିଲଦାରଙ୍କ ଉକ୍ତ ସରକାରୀ ନିର୍ଦ୍ଦେଶନାମକୁ ଚାଲେଞ୍ଜ କରି ରାଜୀବ ଲୋଚନ ସାହୁ ଗତ ଜୁନ ୨୫ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଗତ ଜୁଲାଇ ମାସ ୨୪ ତାରିଖ ଡବ୍ଲ୍ୟୁପି(ସି) ନମ୍ବର ୨୨୧୧୯/୨୦୨୬ ମୁତାବକ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଉକ୍ତ ଜାଗାର ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶନାମା ଜାରିକରିଥିଲେ। ମାତ୍ର ସ୍ଥାନୀୟ ଉପଜିଲ୍ଲାପାଳ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଉକ୍ତ ଘଟଣାକୁ ଚାପିଦେଇଥିଲେ। ଫଳରେ ପୁନଶ୍ଚ ମାନ୍ୟବର ହାଇକୋର୍ଟ ଗତ ଅଗଷ୍ଟ ମାସ ୧୮ ତାରିଖ ଦିନ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ୫୨୯ ୯/୨୦୨୬ରେ କୋର୍ଟ ଅର୍ଡର ଅବମାନନା କରିଥିବାରୁ ଉକ୍ତ କେଶର ଅଗ୍ରଗତି ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ଜାରିକରି ସେପ୍ଟେମ୍ବର ୮ ତାରିଖ ସୁଦ୍ଧା ହାଇକୋର୍ଟର ଅର୍ଡର ମାନିଲ ନା ନାହିଁ ତାହା ଜଣାଇବାକୁ କଡା ନିର୍ଦ୍ଦେଶନାମା ଜାରିକରି ଥିଲେ। ଗତ ଅଠର ତାରିଖର ହାଇକୋର୍ଟଙ୍କ ନିର୍ଦ୍ଦେଶନାମା କଣ ପାଇଁ କାର୍ଯ୍ୟକାରୀ କରାଯାଇନି ବୋଲି ଅଭିଯୋଗକାରୀ ରାଜୀବ ଲୋଚନ ସାହୁଙ୍କ ତରଫରୁ କେଶ ଲଢୁଥିବା ଓକିଲ ଆଡ଼ଭୋକେଟ ଇନ୍ଦ୍ରମଣି ସାହୁ ଜାଣିବାକୁ ଚାହିଁବାରୁ ଆଇନଜୀବୀଙ୍କୁ ମଧ୍ୟ ସ୍ଥାନୀୟ ଉପଜିଲ୍ଲାପାଳ ଦୁର୍ବ୍ୟବହାର କରିଥିବା ଆଡ଼ଭୋକେଟ ଇନ୍ଦ୍ରମଣି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ।

## ମହିଳାଙ୍କୁ ଅସଦାଚରଣ ଉଦ୍ୟମ, ଅଭିଯୁକ୍ତ କୋର୍ଟଚାଲାଣ

ପାଲଲହଡ଼ା,୭।୯ (ସମିସ): ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ପାଲଲହଡ଼ା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପାଲଲହଡ଼ାର ଶିକୁନ ମୁଖୀ (୩୨)। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୫ ତାରିଖ ରାତି ପ୍ରାୟ ୧୦ଟା ୩୦ ସମୟରେ ସେ ଖାଇସାରି ଶୋଇବାକୁ ଯାଇଥିଲେ। ତାଙ୍କ ପୁଅ ବାହାରେ ଥିବାରୁ ଘର କବାଟ ଭିତରପଟୁ ବନ୍ଦ ହୋଇନଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶିକୁନ ଘରେ ପଶି ଭିତରୁ କବାଟ କିଳି ଦେଇଥିଲା ଏବଂ ଖରାପ ଉଦ୍ଦେଶ୍ୟ ରଖି ମହିଳାଙ୍କ ଶାଢ଼ି ଟାଣି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲା। ମହିଳା ଜଣକ ପାଟି କରିବାରୁ ତାଙ୍କ ପୁଅ ଦୌଡ଼ିଆସି କବାଟ ବାଡ଼େଇଥିଲେ। ଅଭିଯୁକ୍ତ ଜଣକ କବାଟ ଖୋଲି ତାଙ୍କ ପୁଅକୁ ଧକ୍କା ମାରି ସେଠାରୁ ଫେରାର ହୋଇଯାଇଥିଲା। ପାଟିଶୁଣି ଗ୍ରାମବାସୀ ମଧ୍ୟ ଘଟଣାସ୍ଥଳରେ ରୁଣ୍ଡ ହୋଇଥିଲେ। ଏ ନେଇ ୬ ତାରିଖ ସନ୍ଧ୍ୟାରେ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ କେସ୍ ନଂ ୨୬୯/୨୬ ରେ ବିଏନଏସର ଧାରା ୩୩୨(ଭ)/୭୪(୧)/୭୨/୧୧୫(୨) ଅନୁଯାୟୀ ମାମଲା ରୁଜୁ କରିଥିଲା। ସୋମବାର ଅଭିଯୁକ୍ତ ଶିକୁନକୁ ଗିରଫ କରାଯାଇ ଅଦାଲତକୁ ଚାଲାଣ କରାଯାଇ ଥିବା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଥିଲେ।

## କଣିହାଁର ଶାନ୍ତିଲତା ବେହେରା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିରେ ସାମିଲ



କଣିହାଁ,୮।୯ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି)ର ପୁନର୍ଗଠନ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଏ ନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ଦଳର କଂଗ୍ରେସ ସଭାପତିଙ୍କ ଅନୁମୋଦନକ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ କମିଟି ଓ ପରାମର୍ଶଦାତା କମିଟି ଗଠନ ସହ କୋଷାଧ୍ୟକ୍ଷ, ଉପସଭାପତି, ସାଧାରଣ ସମ୍ପାଦକ ଓ ସମ୍ପାଦକମାନଙ୍କ ନିଯୁକ୍ତିକୁ ଅନୁମୋଦନ ମିଳିଛି। ଏହି ନିଷ୍ପତ୍ତି ତତ୍କାଳ ପ୍ରଭାବରେ କାର୍ଯ୍ୟକାରୀ ହେବ। ଏହି ନୂତନ କମିଟିରେ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍‌ର ଶାନ୍ତିଲତା ବେହେରାଙ୍କୁ ସ୍ଥାନ ମିଳିଛି। ତାଙ୍କୁ ପ୍ରଦେଶ କଂଗ୍ରେସ କମିଟିରେ ଚୟନ କରାଯାଇଥିବାରୁ କଣିହାଁ ଅଞ୍ଚଳର କଂଗ୍ରେସ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅବସରରେ ଶାନ୍ତିଲତା ବେହେରା ତାଙ୍କୁ କମିଟିରେ ସାମିଲ କରିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭାପତି, ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଏବଂ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦଙ୍କୁ ଧନ୍ୟବାଦ ଓ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଦଳ ପକ୍ଷରୁ ତାଙ୍କ ଉପରେ ଆସ୍ଥା ପ୍ରକାଶ କରାଯାଇଥିବାରୁ ସେ ଦଳର ନେତୃତ୍ୱଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ସହ ଆଗାମୀ ଦିନରେ ଦଳର ସଂଗଠନକୁ ଆହୁରି ମଜବୁତ କରିବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି।

## ନିଶାମୁକ୍ତ ବିକଶିତ ସମାଜ ଗଠନ ପାଇଁ ସଚେତନତା ଶୋଭାଯାତ୍ରା



କଣିହାଁ,୮।୯ (ସମିସ): ନିଶାମୁକ୍ତ ବିକଶିତ ସମାଜ ଗଠନ ଓ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ଲକ୍ଷ୍ୟରେ କଣିହାଁ ବ୍ଲକ୍ ବିଜିଗୋଳ ଶ୍ରୀରାମ କ୍ଲବ୍ ଆନୁକୂଲ୍ୟରେ ବରିଷ୍ଠ ସ୍ନାୟୁ ରୋଗ ବିଶେଷଜ୍ଞ ଡଃ ପ୍ରତାପ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଜିଗୋଳ ଗ୍ରାମର ଶତାଧିକ ମହିଳାଙ୍କୁ ନେଇ ନିଶା ନିବାରଣ ନିମିତ୍ତ ବିଭିନ୍ନ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ଗ୍ରାମରୁ ବାହାରି ଏନ୍‌ଟିପିସି ବଜାର ପରିକ୍ରମା କରି ଗ୍ରାମ ଚଉପାଢ଼ି ଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡ଼ା. ପ୍ରତାପ କୁମାର ପାଣି, ସମ୍ମାନିତ ଅତିଥି ଭାବରେ ବିଜିଗୋଳ ସରପଂଚ ରୁକ୍ମିଣୀ ପ୍ରଧାନ, ଏନଟିପିସି ଥାନାର ଭାରପ୍ରାପ୍ତ ଅଧିକାରୀ ମୁରଲୀଧର ପଣ୍ଡା, ସମାଜସେବୀ କଳ୍ପନା ପାଣି, ସାମ୍ବାଦିକ ରଞ୍ଜନ କୁମାର ମିଶ୍ର, ସାମ୍ବାଦିକ ମନୋଜ ଶତପଥୀ, ଶ୍ରୀରାମ କ୍ଲବ ସମ୍ପାଦକ ସନ୍ତୋଷ କୁମାର ପାଣି ପ୍ରମୁଖ ଯୋଗଦେଇ ନିଶା ସେବନ ଦ୍ୱାରା ଯୁବପିଢ଼ିଙ୍କ ଭବିଷ୍ୟତ ବିପଥଗାମୀ ହେବା ସହ ପରିବାରର ଶାନ୍ତି, ସାମାଜିକ ଜୀବନ ଓ ଶିକ୍ଷା କ୍ଷେତ୍ରରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀରାମ କ୍ଲବର ସମ୍ପାଦକ ସନ୍ତୋଷ କୁମାର ପାଣି ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀରାମ କ୍ଲବ୍ ସଦସ୍ୟ ସୁଧୀର କୁମାର ପାଣି, ସବ୍ୟଅବନୀ ପାଣି, ଦିଲ୍ଲୀପ ପାଣି, ହୃଷୀକେଶ ସାହୁ, ଦେବେନ୍ଦ୍ର ସେଠୀ ପ୍ରମୁଖ ବିଜିଗୋଳ ଗ୍ରାମର ଯୁବଗୋଷ୍ଠୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ସାଂଗଠନିକ ବୈଠକ



ଅନୁଗୋଳ,୮।୯ (ସମିସ): ଅନୁଗୋଳ ଜିଲ୍ଲା ୬୬୨ ବର୍ଗ ଶିକ୍ଷକ ଓ କର୍ମଚାରୀ ସଂଘର ସାଂଗଠନିକ ବୈଠକ ଅନୁଗୋଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲା ସଂଘର ସଭାପତି ପ୍ରଭାତ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସଂଘର ସଭାପତି ଗୋଲକ ନାୟକ, ଉପ ସଭାପତି ଡକ୍ଟର ତପନ ଜେନା,+୩ ସମ୍ପାଦକ ଡକ୍ଟର ଗଗନ ବେଉରା, +୨ ସମ୍ପାଦକ ଡକ୍ଟର ସତ୍ତାପଉଦ୍ଦିନ ଅହମ୍ମଦ ଉପସ୍ଥିତ ରହି ଜିଲ୍ଲା ତଥା ରାଜ୍ୟ ସଂଘକୁ ଶକ୍ତିଶାଳୀ କରି ଆଗାମି ଦିନରେ ସରକାରଙ୍କ ଉପରେ ପେନସନ ତଥା ଚାକିରି ସର୍ତ୍ତାବଳୀ ପାଇଁ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଜିଲ୍ଲା ସଂଘର ସମ୍ପାଦକ ନରେନ୍ଦ୍ର ପାଇକରାୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ସଭାରେ ଜିଲ୍ଲାର ୧୬ ଟି +୨ ଓ +୩ ର ଅଧ୍ୟକ୍ଷ ଓ କର୍ମଚାରୀ ଯୋଗ ଦେଇଥିଲେ। ରାଜ୍ୟ ୬୬୨ ବର୍ଗ ଡେମନଷ୍ଟ୍ରେଟର ଓ ଲାଇବ୍ରେରୀଆନ ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ସାମଲ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ ଆନ୍ଦୋଳନରେ ସାମିଲ ହେବାପାଇଁ ସମ୍ମତି ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ସଂଯୋଜକ ଇନ୍ଦ୍ରମଣି ସାହୁ, ଉପ ସଭାପତି ପ୍ରବୀଣ କୁମାର ସାହୁ, କୋଷାଧ୍ୟକ୍ଷ ବୈରାଗୀ ଚରଣ ମହାରଣା, ଦିଗାମ୍ବର ବିଶ୍ୱାଳ, ପ୍ରତିମା ବାଘ, ନରେଶ ଚନ୍ଦ୍ର ସାମଲ, ଅରୁଣ କୁମାର ରାଉତ, ଅନୀଲ କୁମାର ମିଶ୍ର, ପ୍ରଶାନ୍ତ ମାଝୀ, ୬୬୨ ବର୍ଗ (୨୦୧୪ ଜିଓ) ର ଅନୁଗୋଳ ଜିଲ୍ଲା ସଭାପତି ତରୁଣ କୁମାର ପଣ୍ଡା, ଜଗବନ୍ଧୁ ସାହୁ, ଲଲାଟେନ୍ଦୁ ଗଡନାୟକ, ମନୋଜ କୁମାର ସ୍ୱାଇଁ, ଦିଲ୍ଲୀପ ବିଶ୍ୱାଳ, ପଦ୍ମଚରଣ ସାହୁ, ବଳରାମ ପ୍ରଧାନ, ଯଶୋବନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ନରେନ୍ଦ୍ର ପାଇକରାୟ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

**ତାଳଚେର ଗଣେଶ ପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ**

## ଭସାଣି ଶୋଭାଯାତ୍ରାରେ ସାମିଲ୍ ହେବେ ୩୪ ମେଢ଼





ତାଳଚେର,୮।୯ (ସମିସ):

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଆଉ ମାତ୍ର ସାତ ଦିନ ଥିବାବେଳେ ସମଗ୍ର ସହର ଏବେଠୁ ଚଳଚଞ୍ଚଳ ହେଲାଣି। ସହର ଗଜାନନ ପୂଜା ପାଇଁ ସଜେଇ ହେବାରେ ଲାଗିଛି। ଆକର୍ଷଣୀୟ ପୂଜା ପାଇଁ ସହରର ୭୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପ ତଥା କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ଏହି ଅବସରରେ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଦେଉଳବେଡ଼ା କୋଲିୟରୀ ଡିସିଆଇ କ୍ଲବ୍ ହାଉସ୍‌ରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ମେଢ଼ଗୁଡ଼ିକର ଲଟେରୀ ଉଠାଣ ମଧ୍ୟ କରାଯାଇଥିଲା। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଓ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି କାଉନ୍‌ସିଲର ତଥା କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ ଯୋଗଦେଇ ପୂଜା ସମୟରେ ଏବଂ ଭସାଣି ଶୋଭାଯାତ୍ରାରେ କିପରି ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇ ପାରିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସବ୍‌କମିଟି କରାଯାଇଥିଲା। ଭସାଣି ପୂର୍ବ ଦିନ ଅର୍ଥାତ ଚଳିତ ମାସ ୨୫ତାରିଖ ଅପରାହ୍ଣରେ ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ୪ ଟନ୍ ଓଜନ ବିଶିଷ୍ଟ ଆଞ୍ଚାଲଡୁ ନିଲାମ କରାଯିବା ନେଇ ଘୋଷଣା ହୋଇଥିଲା। ଭସାଣି ଶୋଭାଯାତ୍ରା ଦିନ ସକାଳ ୮ଟାରେ ମେଢ଼ଗୁଡ଼ିକ ବଡ଼ଦାଣ୍ଡସାହିସ୍ଥିତ ମେଳଣ ପଡ଼ିଆରେ ଏକତ୍ରିତ ହେବା ପରେ କ୍ରମାନ୍ୱୟରେ ଯିବେ। ୫୦ରୁ ଊର୍ଦ୍ଧ୍ୱ ପ୍ରତିଦ୍ୱନ୍ଦ୍ୱିତାମୂଳକ ପୁଜା ପାଇଁ କେନ୍ଦ୍ରୀୟ କମିଟି ପାଖରେ ନିଜର କମିଟି ତଥା ପୂଜା ମଣ୍ଡପର ନାମକୁ ପଞ୍ଜିକୃତ କରିଥିବାବେଳେ ଏଥର କ ବିଭାଗ ର ୮, ଟି ମେଢ଼ ଓ ବାକି ଖ ବିଭାଗର ମେଢ଼। ଭସାଣି ଉତ୍ସବରେ ସମୁଦାୟ ୩୫ଟି ମେଢ଼ ସାମିଲ ହେବେ। ଭସାଣିରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇ ଥିଲାବେଳେ ସାଉଣ୍ଡ ସିଷ୍ଟମକୁ ଛାଡ଼ି ସର୍ବାଧିକ ୫ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇପାରିବ। ଭସାଣି ଶୋଭାଯାତ୍ରାରେ କ୍ରମାନ୍ୱୟରେ ସାମିଲ ହେବାକୁ ଥିବା ମେଢ଼ଗୁଡ଼ିକ ହେଲା-ପ୍ରଥମରେ ବଉଳ ଛକ ରାସ ପାର୍ଟି ଦ୍ୱିତୀୟରେ ବଡ଼ଦାଣ୍ଡସାହି ପୋଷ୍ଟ ଅଫିସ୍ ଛକ ପୂଜା କମିଟି ରହିଥିବା ଲଟେରୀ ଉଠାଣରେ ଜଣାପଡ଼ିଛି। ଏହିପରି ମେଢ଼ ଗୁଡ଼ିକୁ ଲଟେରୀ ମାଧ୍ୟମରେ ନମ୍ବର ପାଇଥିବା କ୍ରମରେ ଶୋଭାଯାତ୍ରାରେ ସାମିଲ ହେବାକୁ କୁହାଯାଇଥିଲା। ଚଳିତ ବର୍ଷ ଭସାଣିରେ ଯିବାକୁ ଥିବା ମେଢ଼ ଗୁଡ଼ିକ ମଧ୍ୟରେ ବିରାଦରପଡ଼ା ମା' ସେବକ ସଂଘ ପୂଜା କମିଟି, ବାପୁଜୀନଗର ପୂଜା କମିଟି, ମ୍ୟୁନିସିପାଲିଟି ବଜାର ପୂଜା କମିଟି, ମା' ସୁନାକାଳୀ ଚାଉଳିଆକୁଡ଼ା, ପାଇକସାହି ଗଣେଶ ପୂଜା କମିଟି, ଭୈରବୀସାହି ପୂଜା କମିଟି, ମା' ହିଙ୍ଗୁଳା ପୂଜା କମିଟି ରାଣୀ ମନ୍ଦିର, ଜେଲ୍ ରୋଡ୍ ପୂଜା କମିଟି, ବ୍ରାହ୍ମଣଶାସନ ଏମ୍‌ଜିଏମ୍ ପୂଜା କମିଟି, ବସ୍‌ଷ୍ଟାଣ୍ଡ ପୂଜା କମିଟି, ବଉଳଛକ ରାସପାର୍ଟି ପୂଜା କମିଟି, ନବମିଶ୍ର କଲୋନୀ ପୂଜା କମିଟି, କାର୍‌ଗିଲ୍ ଗ୍ରୁପ୍ ପୂଜା କମିଟି, ମେଢ଼ ଶ୍ରୀଜଗଇ ସହମ ମହାବୀର ପୂଜା କମିଟି, ତ୍ରିନାଥ କ୍ଲବ୍ ସିଂହସାହି ପୂଜା କମିଟି, ହାଟତୋଟା କଳିଙ୍ଗ ମାର୍କେଟ୍ ପୂଜା କମିଟି, କାରିଗରପଡ଼ା ପୂଜା କମିଟି, ଜୟମା' ମଙ୍ଗଳା ଜାମ୍ବୁବଣିଆସାହି ପୂଜା କମିଟି, ପାଟଣାସାହି ପୂଜା କମିଟି, ଭୈରବୀସାହି ବାଲ୍ ଗଣେଶ ପୂଜା କମିଟି, ପୁରୁଣା ପୋଷ୍ଟ ଅଫିସ୍ ଜଗନ୍ନାଥ ବଜାର ପୂଜା କମିଟି, ହାଟତୋଟା ଗଣେଶ ପୂଜା କମିଟି, ମୋଚିସାହି ମା' କନକଦୁର୍ଗା ପୂଜା କମିଟି, ଅରାସାହି ଆମରିସଂସ୍ଥା ପୂଜା କମିଟି, ହନୁମାନପଡ଼ା ପୂଜା କମିଟି, ଶ୍ରୀ ଗଜାନନ ପୂଜା କମିଟି, ରୁଦ୍ର ସେବକ ପୂଜା କମିଟି, ମହାଲକ୍ଷ୍ମୀ ଗଣେଶ ପୂଜା କମିଟି ବାପୁଜୀନଗର, କିଶୋରଗଞ୍ଜପାଟଣା ହରଗୌରୀ ପୂଜା କମିଟି, କୁମ୍ଭାରସାହି ଜୟହିନ୍ଦ କ୍ଲବ୍ ପୂଜା କମିଟି, ବିରାଦରପଡ଼ା ମା' ତାଳେଶ୍ୱରୀ ପୂଜା କମିଟି, ମ୍ୟୁନିସିପାଲିଟି ଅଫିସ୍ ମହାରଣା ସାହି ପୂଜା କମିଟି, ମହାରଣାସାହି ପୂଜା କମିଟି ଓ ଚିତ୍ରକୂଟ ବଜାର ପୂଜା କମିଟି ପଞ୍ଜୀକୃତ କରିଛନ୍ତି।

ବୈଠକରେ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ ମଞ୍ଚ ସଞ୍ଚାଳନ କରିଥିଲା ବେଳେ ଉପସଭାପତି କେଶବ ଭୂତିଆ, ପ୍ରଭାତ କୁମାର ପଟ୍ଟନାୟକ, କୋଷାଧ୍ୟକ୍ଷ ଋଷିକେଶ ପ୍ରିୟଦର୍ଶୀ ସାହୁ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ସେମାନଙ୍କ ସମସ୍ୟା ଉପସ୍ଥାପନ କରିଥିଲେ।

**ଚଳିତ ବର୍ଷ ନିଲାମ ହେବ ୪ ଟନ୍ ଓଜନର ଆଞ୍ଚାଲଡୁ**

## କେନ୍ଦ୍ରାପଡ଼ା ସହରରୁ ଏକ କ୍ୱିଣ୍ଟାଲ ପଲିଥିନ୍ ଜବତ, ୧୯ ହଜାର ଜରିମାନା ଆଦାୟ

**କେନ୍ଦ୍ରାପଡ଼ା,୮।୯(ସମିସ):** ନିଷିଦ୍ଧ ପଲିଥିନ୍ ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବିରୋଧରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ମଙ୍ଗଳବାର ବ୍ୟାପକ ଚଢ଼ଉ କରାଯାଇଛି। ବିଭିନ୍ନ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବଜାର ଅଞ୍ଚଳରେ ଯାଞ୍ଚ କରାଯାଇ ପ୍ରାୟ ଏକ କ୍ୱିଣ୍ଟାଲ ପଲିଥିନ୍ ଜବତ କରାଯାଇଥିବାବେଳେ ୧୯ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ପଲିଥିନ୍‌ର ବ୍ୟବହାର ଯୋଗୁଁ ନାଳ ଅବରୋଧ, ଜଳ ନିଷ୍କାସନରେ ବାଧା ଓ ପରିବେଶ ପ୍ରଦୂଷଣ ଭଳି ସମସ୍ୟା ସୃଷ୍ଟି ହେଉଥିବାରୁ ପୌର ପ୍ରଶାସନର ଏଭଳି ଚଢ଼ଉକୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ଏହି ଅଭିଯାନକୁ ନେଇ କିଛି ମୌଳିକ ପ୍ରଶ୍ନ ମଧ୍ୟ ଉଠିଛି। ଯଦି ନିଷିଦ୍ଧ ପଲିଥିନ୍ ବିରୋଧରେ ନିୟମିତ ଚଢ଼ଉ ହେଉଛି, ତେବେ ବଜାରରେ ଏହାର ବହୁଳ ବ୍ୟବହାର ହେଉଛି କେମିତି? ପ୍ରତ୍ୟେକ ଚଢ଼ଉରେ ଯଦି ବିପୁଳ ପରିମାଣର ପଲିଥିନ୍ ଜବତ ହେଉଛି, ତେବେ ଏହାର ଯୋଗାଣ ବ୍ୟବସ୍ଥାର ମୂଳ ସ୍ଥାନକୁ ଚିହ୍ନଟ କରାଯାଉଛି କି ନାହିଁ, ତାହା ନେଇ ମଧ୍ୟ ପ୍ରଶ୍ନ ରହିଛି। କେବଳ ଖୁଚୁରା ବ୍ୟବସାୟୀଙ୍କ ଦୋକାନରେ ଚଢ଼ଉ କରି ପଲିଥିନ୍ ଜବତ ଓ ଜରିମାନା ଆଦାୟ କଲେ ସମସ୍ୟାର ସ୍ଥାୟୀ ସମାଧାନ ହେବନାହିଁ। ପଲିଥିନ୍ କେଉଁଠାରୁ ଆସୁଛି, କିଏ ଯୋଗାଉଛି ଓ କେଉଁ ମାଧ୍ୟମରେ ବଜାରକୁ ପହଞ୍ଚୁଛି, ତାହାର ମୂଳ ଉତ୍ସ ଖୋଜିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ଆଉ ଏକ ବଡ଼ ପ୍ରଶ୍ନ ହେଉଛି, ଏହି ଅଭିଯାନ କେବଳ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ସୀମିତ ରହିବ ନା ସମଗ୍ର ଜିଲ୍ଲାରେ ଏହାକୁ କଡ଼ାକଡ଼ି ଲାଗୁ କରାଯିବ? କେନ୍ଦ୍ରାପଡ଼ା ସହର ବାହାରେ ଜିଲ୍ଲାର ବିଭିନ୍ନ ବ୍ଲକ, ବଜାର, ହାଟ ଓ ବ୍ୟବସାୟିକ ଅଞ୍ଚଳରେ ମଧ୍ୟ ପଲିଥିନ୍‌ର ବ୍ୟବହାର ହେଉଥିବା ଅଭିଯୋଗ ରହିଛି। ତେଣୁ ଏହି ନିୟମ କେବଳ ପୌରାଞ୍ଚଳ ପାଇଁ ନା ସମଗ୍ର ଜିଲ୍ଲା ପାଇଁ ପ୍ରଶାସନ ସ୍ପଷ୍ଟ କରିବା ଆବଶ୍ୟକ। ପଲିଥିନ୍ ବିରୋଧୀ ଅଭିଯାନ କେବଳ ଗୋଟିଏ ଦିନର ଚଢ଼ଉ, କିଛି ପଲିଥିନ୍ ଜବତ ଓ ଜରିମାନା ଆଦାୟରେ ସୀମିତ ନ ରହିବା ଆବଶ୍ୟକ। ନିୟମିତ ଯାଞ୍ଚ, ଯୋଗାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବିକଳ୍ପ ବ୍ୟାଗ୍‌ର ବ୍ୟବସ୍ଥା ଓ ସଚେତନତା ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ। ନିଶାଦ୍ରବ୍ୟ ଉପରେ ଯେପରି କଡ଼ା ନିଷେଧ ରହିଛି ଓ ଏହାର ଉତ୍ସ ଓ ଯୋଗାଣ ଶୃଙ୍ଖଳା ଉପରେ ନଜର ଦିଆଯାଉନାହିଁ। ଅନ୍ୟପକ୍ଷରେ କେବଳ ଚଢ଼ଉ କରି ଜବତ କରାଯିବା ଫଳରେ ବଜାରରେ ପଲିଥିନ୍‌ର କୃତ୍ରିମ ଅଭାବ ସୃଷ୍ଟି କରି ଏହାର ଦର ବଢ଼ାଇବାର ସୁଯୋଗ କିଛି ଅସାଧୁ ବ୍ୟବସାୟୀ ନେଇପାରନ୍ତି ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। ତେଣୁ ଚଢ଼ାଉ ସହିତ ପଲିଥିନ୍‌ର ଅବୈଧ ଯୋଗାଣକୁ ରୋକିବା ଦିଗରେ ପ୍ରଶାସନର ଦୃଢ଼ ପଦକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ପାଟକୁରା ଅଞ୍ଚଳରେ ପୁଣି ଚୋରି ଲୁଟିନେଲେ ୨ ଲକ୍ଷ ଟଙ୍କାର ଅଳଙ୍କାର

**ଗରଦପୁର, ୮।୯(ସମିସ):** ପାଟକୁରା ପୁଲିସକୁ ପୁଣି ଚାଲେଞ୍ଜ ଦେଇଛନ୍ତି ଲୁଟେରା। ଏହି ଥାନା ଅଧୀନ ପାଖଡ ଗ୍ରାମର ବସନ୍ତ ସେନାପତିଙ୍କ ଘରୁ ଗତକାଲି ରାତିରେ ଚୋରି ହୋଇଛି। ସେ ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଚୋରମାନେ ତାଙ୍କ ଘରର ମୁଖ୍ୟ କବାଟ ତାଡ଼ି ସେ ଶୋଇଥିବା ଘର ମଧ୍ୟକୁ ପ୍ରବେଶ କରି ଦୁଇଟି ବାକ୍ସ ନେଇଯାଇଥିଲେ। ଏହି ବାକ୍ସରେ ୨୦ ହଜାର ଟଙ୍କା, ଗୋଟିଏ ସୁନାର ମଙ୍ଗଳସୂତ୍ର, ଗୋଟିଏ ଲକେଟ୍ ଥିଲା। ବକ୍ସକୁ ଜଣଙ୍କ ଘର ବାଡି ପଛପଟେ ପକାଇ ଚାଲିଯାଇଥିଲେ। ଗତ କିଛିଦିନ ତଳେ ବ୍ରହ୍ମପୁର ଗ୍ରାମର ଗୋଟିଏ ରାତିରେ ୨ଟି ଚୋରି ମାମଲାରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। କ୍ରମାଗତ ଦୁଇଟି ଚୋରି ଘଟଣାରେ ପୁଲିସ ବିଫଳ ହୋଇଥିବା ଆଲୋଚନା ହେଉଛି।

## ବିଶ୍ୱ ସାକ୍ଷରତା ଦିବସ



**ରାଜକନିକା,୮।୯(ସମିସ):** ଆଜି ବିଶ୍ୱ ସାକ୍ଷରତା ଦିବସ ଅବସରରେ ରାଜକନିକା ବ୍ଲକ୍ ଶିକ୍ଷା ବିଭାଗର ଉଲ୍ଲାସ ସାକ୍ଷରତା ପକ୍ଷ ପାଳନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାରୁ ବଞ୍ଚିତ ହୋଇ ଚିହ୍ନଟ ହୋଇଥିବା ବ୍ଲକର ପ୍ରାୟ ୧୦ ହଜାର ନବୀଶଙ୍କୁ ଉପଯୁକ୍ତ ଆପ ମାଧ୍ୟମରେ ଡିଜିଟାଲ ସାକ୍ଷର କରାଇବାର ତାଲିମ ପ୍ରଦାନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଆଜି ଅପରାହ୍ନରେ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଅଶୋକ ବଜାର ପରିକ୍ରମା କରିଥିଲା। ଏଥିରେ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସାମିଲ ଥିଲେ।

## ମଣ୍ଡଳସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ

**ପଟ୍ଟାମୁଣ୍ଡାଇ,୮।୯(ସମିସ):** ପଟ୍ଟାମୁଣ୍ଡାଇ ଶିକ୍ଷା ମଣ୍ଡଳ ପକ୍ଷରୁ ମଣ୍ଡଳ ସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ବଡ଼ମୂଳବସନ୍ତ ନିତାଇ ଚୈତନ୍ୟ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଜନସଚେତନତା ପାଇଁ ସଭା ଓ ଶୋଭାଯାତ୍ରା କରାଯାଇଥିଲା। ପଟ୍ଟାମୁଣ୍ଡାଇ



ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ, ବିଆରସିସି ସୁନିତୀ ଦାଶ, ପୂର୍ବତନ ବିଆରସିସି ପ୍ରେମବାଳା ମହାପାତ୍ର, ନୋଡାଲ ସିଆରସିସି ସଂଘମିତ୍ରା ନାୟକ, ସିଆରସିସି ନୀଳମଣି ବେହେରା ଓ ଆଶିଷ ମହାପାତ୍ର, ହାଇସ୍କୁଲ ପ୍ରଧାନଶିକ୍ଷକ ଦିଲ୍ଲୀପ ବିଶ୍ୱାଳ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, କ୍ରୀଡା ଶିକ୍ଷକ ବିଶ୍ୱରଞ୍ଜନ ସେଠୀ ପ୍ରମୁଖଙ୍କୁ ନେଇ ନେଇ ଏକ ଶିକ୍ଷା ସଚେତନତା ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିବା ପରେ ହାଇସ୍କୁଲରେ ସଚେତନତା ସଭା କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଆରସିସି, ପୂର୍ବତନ ବିଆରସିସି, କ୍ଲଷ୍ଟର ସିଆରସିସି, ନୋଡାଲ ସିଆରସିସି, ହାଇସ୍କୁଲ ପ୍ରଧାନଶିକ୍ଷକ, ସ୍ଥାନୀୟ ସରପଞ୍ଚ, ହାଇସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୋଡାଲ ସିଆରସିସି ସଂଘମିତ୍ରା ନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ରେବତୀଙ୍କ ପାଇଁ ଆବାସ ଯୋଜନା ସାତସପନ



**ଡେରାବିଶ, ୮।୯(ସମିସ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ଗ୍ରାମରେ ଜରିପାଲ ଘେରା କୁଡ଼ିଆ ତଳେ ରହୁଥିବା ଗରିବ ବିଧବା ରେବତୀ ଜେନାଙ୍କ ପାଇଁ ସାତସପନ ପାଲଟିଛି ସରକାରଙ୍କ ଆବାସ ଯୋଜନା। ରେବତୀ ଜେନାଙ୍କ ସ୍ୱାମୀ କୁଞ୍ଜବିହାରୀଙ୍କ ଗତ ୩୦ ବର୍ଷ ତଳେ ମୃତ୍ୟୁ ହୋଇଯାଇଛି। କୁଞ୍ଜବିହାରୀଙ୍କ ମୃତ୍ୟୁ ପରେ ଭୂମିହୀନ ରେବତୀ ମଜୁରି ଲାଗି ବହୁ କଷ୍ଟରେ ପେଟ ପୋଷୁଥିଲେ। ଏବେ ସେ ବୃଦ୍ଧା ହୋଇଯିବା ସହିତ ଦୁରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ହୋଇ ଆଉ କାମ କରିପାରୁନାହାଁନ୍ତି। ଅର୍ଥ ଅଭାବରୁ ଚାଳଛପର ଘର ମରାମତି ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରେବତୀ ମାଗିଯାଚି ତାଙ୍କ ଭଙ୍ଗା କୁଡ଼ିଆ ଉପରେ ପାଲ ପକାଇ ଯେନେତେନ ପ୍ରକାର ଖରା ବର୍ଷାରୁ ରକ୍ଷାପାଇବା ପାଇଁ ଚେଷ୍ଟା କରୁଛନ୍ତି। ଗତ ଲଗାଣ ବର୍ଷାରେ ତାଙ୍କ କୁଡ଼ିଆ ଉପରେ ପଡ଼ିଥିବା ଜରିପାଲ ନଷ୍ଟ ହୋଇଗଲାଣି। ରେବତୀ ପକ୍କାଘର ପାଇଁ ପ୍ରଶାସନ ନିକଟରେ ଯେତେ ଗୁହାରି କଲେ ମଧ୍ୟ କେହି ଶୁଣୁନାହାଁନ୍ତି। ତୁରନ୍ତ ରେବତୀଙ୍କୁ ପକ୍କାଘର ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି।

### ପୁଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

## ଚୋରାମଦ ବ୍ୟବସାୟୀଙ୍କ ଘରେ ମହିଳାଙ୍କ ଚଢ଼ଉ

ମହାକାଳପଡ଼ା, ୮।୯(ସମିସ)



ଚୋରାମଦ କାରବାରକୁ ନେଇ ଅତିଷ୍ଠ ହୋଇ ଶେଷରେ ଏକାଠି ହେଲେ ଗ୍ରାମର ଶତାଧିକ ମହିଳା। ମହାକାଳପଡ଼ା ବ୍ଲକ୍ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛଦା ଗ୍ରାମରେ ଦୀର୍ଘଦିନ ଧରି ଚାଲିଥିବା ଚୋରାମଦ କାରବାରକୁ ବିରୋଧ କରି ଆଜି ସନ୍ଧ୍ୟାରେ ଶତାଧିକ ମହିଳା ଦୁଇଜଣ କଥିତ ଚୋରାମଦ ବ୍ୟବସାୟୀଙ୍କ ଘରେ ପହଞ୍ଚି ହୋହାଲ୍ଲା କରିବା ସହ ଚେତାବନୀ ଦେଇଛନ୍ତି।

ଗ୍ରାମର ରଞ୍ଜନ ବେହେରା ଓ ଫଗୁ ବେହେରା ଦୀର୍ଘଦିନ ଧରି ଚୋରାମଦ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲା। ଏଥିଯୋଗୁଁ ଗ୍ରାମରେ ବିଭିନ୍ନ ସମୟରେ ଗଣ୍ଡଗୋଳ ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ବଢୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପୁଲିସର ଭୂମିକା ଉପରେ ମଧ୍ୟ ମହିଳାମାନେ ପ୍ରଶ୍ନ ଉଠାଇଛନ୍ତି। ଥାନା ନିକଟରେ ଏଭଳି କାରବାର ଚାଲୁଥିବା ସତ୍ତ୍ୱେ ପୁଲିସ କାହିଁକି ପଦକ୍ଷେପ ନେଉନାହିଁ ବୋଲି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ପୁଲିସର କିଛି କର୍ମଚାରୀଙ୍କ ସହ ସମ୍ପର୍କ ରଖି ଚୋରାମଦ କାରବାର ଚାଲୁଥିବା ନେଇ ମଧ୍ୟ ଲୋକେ ଅଭିଯୋଗ କରିଆସୁଥିଲେ। ଆଜି ସନ୍ଧ୍ୟାରେ ପ୍ରଥମେ ମହିଳାମାନେ ଫଗୁ ବେହେରାଙ୍କ ଘରେ ପହଞ୍ଚି ଚୋରାମଦ ବ୍ୟବସାୟ ବନ୍ଦ କରିବାକୁ ଦାବି କରିଥିଲେ। ଏହାପରେ ଫଗୁ ଆଉ ଏଭଳି କାରବାର କରିବେ ନାହିଁ ବୋଲି କହିଥିବା ଜଣାପଡ଼ିଛି। ପରେ ମହିଳାମାନେ ରଞ୍ଜନ ବେହେରାଙ୍କ ଘରେ ପହଞ୍ଚିଥିଲେ। ତେବେ ମହିଳାମାନେ ଆସୁଥିବା ଜାଣି ରଞ୍ଜନ ଘରେ ତାଲା ପକାଇ କୁଆଡ଼େ ଚାଲିଯାଇଥିବା ଅଭିଯୋଗ

### ବ୍ୟବସାୟ ନ କରିବାକୁ ଚେତାବନୀ

ହୋଇଛି। କିଛି ସମୟ ଧରି ମହିଳାମାନେ ଘର ସମ୍ମୁଖରେ ହୋହାଲ୍ଲା କରିବା ପରେ ରଞ୍ଜନଙ୍କ ପୁଅ ସେଠାରେ ପହଞ୍ଚି ଆଗକୁ ଆଉ ମଦ ବ୍ୟବସାୟ ହେବ ନାହିଁ ବୋଲି କହିଥିଲେ। ଏହାପରେ ମହିଳାମାନେ ଚେତାବନୀ ଦେଇ ସେଠାରୁ ଫେରିଥିଲେ। ଭବିଷ୍ୟତରେ ପୁଣି ଗ୍ରାମରେ ଚୋରାମଦ କାରବାର ହେଲେ ମହିଳାମାନେ ପୁନର୍ବାର ଏକତ୍ରିତ ହୋଇ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

**ଡେରାବିଶ, ୮।୯(ସମିସ):** କଟକ-ଚାନ୍ଦବାଲି ରାସ୍ତାର ସଲାର ମଠ ଛକ ନିକଟରେ ଗତକାଲି ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ଥାନା କଟରପଡ଼ା ପଞ୍ଚାୟତ ଅନ୍ତର୍ଗତ ସାଙ୍କିଲୋ ଗ୍ରାମର ବିନୋଦ ମଲିକଙ୍କ ପୁଅ ରାହୁଲ ମଲିକ (୧୮) ଗତକାଲି ତାଙ୍କ ମାମୁଘର ଅନନ୍ତପୁର ଗ୍ରାମକୁ ଯାଇଥିଲେ। ରାହୁଲଙ୍କ ସହିତ ଗ୍ରାମର ତାଙ୍କ ସାଙ୍ଗ କୃଷ୍ଣଚନ୍ଦ୍ର ମଲିକ (୧୮)ଙ୍କୁ ସାଥୀରେ ନେଇଥିଲେ। ଉଭୟ ମାମୁଘରୁ ରାତିରେ ବାଇକ୍‌ରେ ଫେରୁଥିବାବେଳେ ସଲାର ମଠ ଛକ ନିକଟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଉଭୟ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ମେଡ଼ିକାଲକୁ ନେଇଥିଲା। ସେଠାରେ ଡାକ୍ତର ରାହୁଲଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ର ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

### କୁଦାନଗରୀରେ ବାଲି ଚୋରାଚାଲାଣ ବେଳେ ଚଢ଼ଉ

## ୩ ଟ୍ରାକ୍ଟର, ହାଇୱା ଓ ଜେସିବି ଜବତ



**କେନ୍ଦ୍ରାପଡ଼ା/ଗରଦପୁର,୮।୯(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନା ଅଞ୍ଚଳରେ ବେଆଇନ ବାଲି ଚାଲାଣ ଅଭିଯୋଗକୁ ନେଇ ପୁଲିସ ଓ ଖଣି ବିଭାଗର ମିଳିତ ଚଢ଼ଉରେ ୩ଟି ବାଲି ବୋଝେଇ ଟ୍ରାକ୍ଟର, ଗୋଟିଏ ହାଇୱା ଓ ଗୋଟିଏ ଜେସିବି ମେସିନ ଜବତ ହୋଇଛି। ଜବତ ଗାଡ଼ିଗୁଡ଼ିକୁ କୁଦାନଗରୀ ଥାନା ପରିସରରେ ଅଟକ ରଖାଯାଇଥିବା ଥାନା ଅଧିକାରୀ ଜଗନ୍ନାଥ ପ୍ରାଣିଗ୍ରାହୀ ସୂଚନା ଦେଇଛନ୍ତି। କୁଦାନଗରୀ-କୋରୁଆ ରାସ୍ତାରେ ବେଆଇନ ଭାବେ ବାଲି ପରିବହନ ହେଉଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଏହାପରେ କୁଦାନଗରୀ ଥାନା ପୁଲିସ ଓ ଖଣି ବିଭାଗର କର୍ମଚାରୀ ମିଳିତ ଭାବେ ଚଢ଼ଉ କରିଥିଲେ। ଚଢ଼ାଉ ସମୟରେ ବାଲି ବୋଝେଇ ୩ଟି ଟ୍ରାକ୍ଟର ସହ ଗୋଟିଏ ହାଇୱା ଓ ବାଲି ଉତ୍ତୋଳନରେ ବ୍ୟବହୃତ ଗୋଟିଏ ଜେସିବିକୁ ଜବତ କରାଯାଇଥିଲା। ଏହି ଘଟଣା ପରେ ଜବତ ଗାଡ଼ିର ନମ୍ବର ପ୍ଲେଟ୍ ଓ ଆବଶ୍ୟକ କାଗଜପତ୍ରକୁ ନେଇ ନୂଆ ପ୍ରଶ୍ନ ଉଠିଛି। ଜବତ ହୋଇଥିବା ଅଧିକାଂଶ ଗାଡ଼ିରେ ନମ୍ବର ପ୍ଲେଟ୍ ନଥିବା ଚର୍ଚ୍ଚା ହେଉଛି। ଯଦି ଗାଡ଼ିରେ ନମ୍ବର ପ୍ଲେଟ୍ ନ ଥିଲା, ତେବେ ସେଗୁଡ଼ିକ ରାସ୍ତାରେ ଚଳାଚଳ କରି ବାଲି ପରିବହନ କରୁଥିଲେ କିପରି? ଜବତ ଗାଡ଼ିଗୁଡ଼ିକର ବୈଧ ପଞ୍ଜୀକରଣ, ପରମିଟ୍, ଫିଟନେସ୍, ଇନସ୍ୟୁରାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ରହିଛି କି ନାହିଁ, ସେନେଇ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି।

ସେହିପରି ବାଲି ପରିବହନ ପାଇଁ ଆବଶ୍ୟକ ଖଣି ବିଭାଗର ଅନୁମତି ଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚର ବିଷୟ ହୋଇଛି। ଜବତ ହୋଇଥିବା ଗାଡ଼ିଗୁଡ଼ିକର ମାଲିକ କିଏ, ସେଗୁଡ଼ିକ ବାଲି ପରିବହନ ପାଇଁ ବୈଧ ଅନୁମତି ନେଇଥିଲେ କି ନାହିଁ ଓ ବାଲି କେଉଁ ଘାଟରୁ ଉଠାଯାଇଥିଲା, ତାହା ତଦନ୍ତ ହେବା ଆବଶ୍ୟକ। ଏଥିସହ ବାଲି ଚୋରାଚାଲାଣ ପଛରେ କୌଣସି ବଡ଼ ଚକ୍ର ସକ୍ରିୟ ଅଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତର ଆବଶ୍ୟକତା ରହିଛି। ବାଲି ଚୋରାଚାଲାଣକୁ ନେଇ ଅଭିଯୋଗ ନୂଆ ନୁହେଁ। ବିଭିନ୍ନ ନଦୀଘାଟରୁ ଅନୁମତିଠାରୁ ଅଧିକ ବାଲି ଉତ୍ତୋଳନ ଓ ବେଆଇନ ପରିବହନ ନେଇ ସମୟେ ସମୟେ ଅଭିଯୋଗ ଆସୁଥିବାବେଳେ ଏଭଳି ଚଢ଼ଉ ଦ୍ୱାରା ପ୍ରକୃତ ଚିତ୍ର ସାମ୍ନାକୁ ଆସୁଛି। କେବଳ ଗାଡ଼ି ଜବତ କରି ଥାନା ପରିସରରେ ରଖିଦେଲେ ବାଲି ଚୋରାଚାଲାଣ ବନ୍ଦ ହେବ ନାହିଁ। ବେଆଇନ ବାଲି ଉତ୍ତୋଳନର ଉତ୍ସ, ଗାଡ଼ି ମାଲିକ, ଚାଲାଣକାରୀ ଓ ଏହା ପଛରେ ଥିବା ଅନ୍ୟମାନଙ୍କ ଭୂମିକାର ତଦନ୍ତ ହେବା ଆବଶ୍ୟକ। ଏ ନେଇ ଖଣି ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସ୍ପଷ୍ଟ ପ୍ରତିକ୍ରିୟା ମିଳି ନ ଥିବାବେଳେ ପୁଲିସ ପକ୍ଷରୁ ଖଣି ବିଭାଗର ରିପୋର୍ଟକୁ ଅପେକ୍ଷା କରାଯାଉଥିବା ଜଣାପଡ଼ିଛି।

## ହରିହର କାନୁନଗୋଙ୍କୁ ବଳଦେବ ସମ୍ମାନ



**ଗରଦପୁର,୮।୯ (ସମିସ):** ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଉଦଘୋଷକ ହରିହର କାନୁନଗୋଙ୍କୁ ବଳଦେବ ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଓ ଧାର୍ମିକ ଅନୁଷ୍ଠାନ ବଳଦେବ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପବିତ୍ର ରସାବଳି ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ପ୍ରାକ୍ତନ ରାଜସ୍ୱ ଆୟୁକ୍ତ ଅଲେଖ ପଢିଆରୀ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନପଦ ସମ୍ମାନ ପ୍ରଦାନ କରିବା ସହ ଓପଢୌକନ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଗବେଷକ ହରିହର କାନୁନଗୋ ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତ ବନ୍ଧସାହି ଗ୍ରାମର ବାସିନ୍ଦା ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ସଂସ୍କୃତି ଓ ଭାଷା ବିଭାଗ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ। ବୃତ୍ତି ରେ ପ୍ରାଧ୍ୟାପକ ଥିଲେ ମଧ୍ୟ ଭାଷା, ସାହିତ୍ୟ ଓ ଗବେଷଣା ପ୍ରତି ଥିବା ରୁଚି ତାଙ୍କୁ ବେଶ୍ ପ୍ରତିଷ୍ଠା ଦେଇଛି। ରଥଯାତ୍ରା ସମୟରେ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଉଦଘୋଷକ ଭାବେ ଯୋଗଦେଇ ଉଚ୍ଚକୋଟୀର ଧାରା ବିବରଣୀ ପ୍ରଦାନ କରି ବେଶ୍ ଯଶ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କୁ ଏହି ସମ୍ମାନ ମିଳିବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

### ନାବାଳିକା ଅନ୍ତେବାସୀ ଅନ୍ତସତ୍ତ୍ୱା ଘଟଣା

## ନାବାଳକ ସହ ସିକ୍ୟୁରିଟି ଗାର୍ଡ ଗିରଫ

**କେନ୍ଦ୍ରାପଡ଼ା,୮।୯(ସମିସ):** କେନ୍ଦ୍ରାପଡ଼ା ସହର ଉପକଣ୍ଠରେ ଥିବା ଏକ ସର୍ଟ ଷ୍ଟେ ହୋମରେ ରହୁଥିବା ଜଣେ ନାବାଳିକା ଅନ୍ତସତ୍ତ୍ୱା ହେବା ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଘଟଣାର ତଦନ୍ତ କରି କେନ୍ଦ୍ରାପଡ଼ା ସଦର ପୁଲିସ ଜଣେ ନାବାଳକ ଓ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ଗିରଫ କରିଛି। ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଥିବାବେଳେ ସିକ୍ୟୁରିଟି ଗାର୍ଡଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଯାଇଥିବା ଜଣାପଡ଼ିଛି।

କିଛିବର୍ଷ ତଳେ ରାସ୍ତାକଡ଼ରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇ ସହର ଉପକଣ୍ଠରେ ଥିବା ଏକ ସର୍ଟ ଷ୍ଟେ ହୋମରେ ରଖାଯାଇଥିଲା। ସେଠାରେ ରହିବା ସମୟରେ ସେ ସ୍ଥାନୀୟ ଏକ ବିଦ୍ୟାଳୟରେ ପଞ୍ଚମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ। ପ୍ରାରମ୍ଭିକ ସମୟରେ ନାବାଳିକା ନିଜ ପରିବାର ସମ୍ପର୍କରେ କୌଣସି ସୂଚନା ଦେଉନଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଘର ଝାଡ଼ଖଣ୍ଡରେ ଓ ତାଙ୍କର ବାପା-ମାଆ ନାହାନ୍ତି ବୋଲି ସେ କହୁଥିବା ଜଣାପଡ଼ିଥିଲା। ଚଳିତବର୍ଷ ଅଷ୍ଟମ ଶ୍ରେଣୀରେ ନାମଲେଖା ପାଇଁ ଆଧାର କାର୍ଡର ଆବଶ୍ୟକତା ପଡ଼ିବାରୁ ନାବାଳିକାଙ୍କ ପରିବାର ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏକ ଟିମ୍ ନାବାଳିକାଙ୍କୁ ସାଙ୍ଗରେ ନେଇ ଝାଡ଼ଖଣ୍ଡ ଯାଇ ପରିବାର ଓ ସମ୍ପର୍କୀୟଙ୍କୁ ଖୋଜିଥିଲା। ସେଠାରେ ତାଙ୍କ ବାପା-ମାଆ ଜୀବିତ ଥିବା ଜଣାପଡ଼ିବା ସହ ପରିବାରର ସନ୍ଧାନ ମିଳିଥିଲା। ପରେ ଆଇନଗତ ପ୍ରକ୍ରିୟା ଶେଷ କରାଯାଇ ଗତ ଜୁନ୍ ୨୫ ତାରିଖରେ ନାବାଳିକାଙ୍କୁ ଝାଡ଼ଖଣ୍ଡସ୍ଥ ତାଙ୍କ ପରିବାର ନିକଟରେ ଛାଡ଼ି ଦିଆଯାଇଥିଲା। ଘରେ ରହିବା ସମୟରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲ ନେଇଥିଲେ। ଚିକିତ୍ସା ସମୟରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ପରେ ଘଟଣା ସମ୍ପର୍କରେ ଝାଡ଼ଖଣ୍ଡରେ ଲିଖିତ ଅଭିଯୋଗ ଦାଖଲ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗ କେନ୍ଦ୍ରାପଡ଼ା ସଦର ଥାନାକୁ ଆସିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସଦର ଥାନାର ଏକ ଟିମ୍ ଝାଡ଼ଖଣ୍ଡ ଯାଇ ନାବାଳିକାଙ୍କୁ କେନ୍ଦ୍ରାପଡ଼ା ଆଣି ଘଟଣାର ବିଭିନ୍ନ ଦିଗରେ ତଦନ୍ତ କରିଥିଲା। ତଦନ୍ତ ପରେ ସର୍ଟ ଷ୍ଟେ ହୋମ ସହ ସମ୍ପୃକ୍ତ ଜଣେ ନାବାଳକ ଓ ଜଣେ ବୟସ୍କ ସିକ୍ୟୁରିଟି ଗାର୍ଡଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

## ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




**ରାଜକନିକା, ୮।୯(ସମିସ):** ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପରିସରରେ ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ପରିପ୍ରେକ୍ଷୀରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଯୁବ ଉଦ୍ୟୋଗୀ ସୁମନ୍ତ ଦାସ, ଚାର୍ଟାଡ ଆକାଉଣ୍ଟ ଡକ୍ଟର ସଞ୍ଜୟ ବେହୁରିଆ, ସ୍ୱଦେଶୀ ବକ୍ତା ସୋନାଶିଷ ପ୍ରିୟଦର୍ଶନ ଜେନା, ସାମ୍ବାଦିକ ସୁକାନ୍ତ ଦାଶ ଓ ରଶ୍ମିରଂଜନ ସେଠୀ ଉପସ୍ଥିତ ରହି ସମସ୍ତ ଯୁବସମାଜ ପାଠପଢା ପରେ କେବଳ ସରକାରୀ ଚାକିରୀ ପଛରେ ନ ଧାଇଁ ନିଜକୁ ଆତ୍ମନିର୍ଭରଶୀଳ ହୋଇ ଅର୍ଥ ଉପାର୍ଜନ କରିବାର ପନ୍ଥା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଭାରତ ବର୍ଷକୁ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ସମସ୍ତ ଦେଶବାସୀ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ସହ ଆତ୍ମନିର୍ଭର ଭାରତ ଓ "ଭୋକାଲ ଫର ଲୋକାଲ' ମାଧ୍ୟମରେ ଦେଶୀୟ ବସ୍ତୁର ଆଦର ଓ ପ୍ରୋତ୍ସାହନ ବଢାଇବା ସହ ଯୁବ ସମାଜକୁ ଆତ୍ମନିର୍ଭରଶୀଳ ହେବାକୁ ପଡିବ। ଯଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଜୟ କୁଣ୍ଡ, କାଳନ୍ଦୀ ମଲ୍ଲିକ, ପ୍ରଦ୍ୟୁମ୍ନ ପ୍ରଧାନ, ପୃଥ୍ୱୀରାଜ ବିଶ୍ୱାଳ, ଚିନ୍ମୟ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ପଟ୍ଟାମୁଣ୍ଡାଇ ନଗର ସଂଯୋଜକ ସମୀର ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶରଥ ମଲ୍ଲିକଙ୍କ ସ୍ମୃତିଚାରଣ ସଭା

**ଗୋବିନ୍ଦପୁର, ୮।୯ (ସମିସ):** ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ଗ୍ରାମର ସମାଜସେବୀ ତଥା ବିଜେଡି ସଗଠକ ଦଶରଥ ମଲ୍ଲିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ସରପଞ୍ଚ ସୁବ୍ରତ ନାୟକ, ରାଧାକାନ୍ତ ପରିଡ଼ା, ପ୍ରଦୀପ୍ତ ପରିଡ଼ା, ଆନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ୨୦୧ ଲିଟର ମଦ ଜବତ, ୮ ଜଣ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୮।୯(ସମିସ)

- ଲୋକଦେଖାଣିଆ ଚଢ଼ଉ ଚର୍ଚ୍ଚା
- ଗରଦପୁର-ମାର୍ଶାଘାଇରେ ବଢୁଥିବା ଅପରାଧକୁ ନେଇ ଉଠିଲା ପ୍ରଶ୍ନ
- ନିଶା କାରବାରର ମୂଳ ଉତ୍ସ ଧରିବ କିଏ?

ଚୋରା ମଦ କାରବାର ବିରୋଧରେ କେନ୍ଦ୍ରାପଡ଼ା ଅବକାରୀ ବିଭାଗର ଚଢ଼ଉରେ ୨୦୧ ଲିଟର ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ସଦର, ରାଜନଗର ଓ ଆଳି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ହୋଇଥିବା ଚଢ଼ଉରେ ୮ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବିଭାଗର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ସଫଳତାର ଚିତ୍ର ଦିଆଯାଉଥିବାବେଳେ ଜିଲ୍ଲାରେ ଅବୈଧ ନିଶା କାରବାରର ପ୍ରକୃତ ସ୍ଥିତିକୁ ନେଇ ଭିନ୍ନ ପ୍ରଶ୍ନ ଉଠୁଛି। ଏହି ଚଢ଼ଉ କେବଳ ଛୋଟ ଛୋଟ ବିକ୍ରେତାଙ୍କ ଉପରେ ସୀମିତ ରହୁଛି କି, ନା ଅବୈଧ ନିଶା କାରବାରର ମୂଳ ଉତ୍ସ ପର୍ଯ୍ୟନ୍ତ ତଦନ୍ତ ପହଞ୍ଚୁଛି? ଏହି ପ୍ରଶ୍ନ ଏବେ ଗୁରୁତ୍ୱ ପାଇଛି। ଚଢ଼ାଉ ହେଉଛି, ତଥାପି ନିଶା କାରବାର କମୁନି କାହିଁକି? ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ସହିତ ଅନ୍ୟାନ୍ୟ ଅବୈଧ ନିଶାଦ୍ରବ୍ୟର କାରବାର ନେଇ ସମୟେ ସମୟେ ଅଭିଯୋଗ ଆସୁଛି।

ଅନ୍ୟପକ୍ଷରେ ଗରଦପୁର ଓ ମାର୍ଶାଘାଇ ଅଞ୍ଚଳରେ ସିରିଜ୍ ଚୋରି, ଲୁଟ୍ ଓ ଅନ୍ୟାନ୍ୟ ଅପରାଧ ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢୁଛି। ରାତିରେ ଅପରାଧୀ ଘର କବାଟ ବାଡ଼େଇବା, ଚୋରି ଓ ଲୁଟ୍ ଘଟଣା ଘଟିବା ଭଳି ଅଭିଯୋଗ ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଏସବୁ ଘଟଣା ପଛରେ ନିଶାସେବନର ଭୂମିକା ରହିଛି କି ନାହିଁ, ପୁଲିସ ତଦନ୍ତରେ ଏହା ମଧ୍ୟ ସ୍ପଷ୍ଟ ହେବା ଆବଶ୍ୟକ। ଯେଉଁଠି ମାସିକିଆ ନାହିଁ, ସେଠି ଚଢ଼ଉ ଚର୍ଚ୍ଚା କେତେ ସତ? ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନକୁ ନେଇ କେତେକ ମହଲରେ ଯେଉଁଠି ନିୟମିତ ଟଙ୍କା ଦିଆଯାଉନାହିଁ, ସେଠାରେ ଚଢ଼ଉ ହେଉଛି ବୋଲି ଚର୍ଚ୍ଚା ହେଉଥିବା ଅଭିଯୋଗ ରହିଛି। ଏହି ଅଭିଯୋଗର କୌଣସି ସତ୍ୟତା ଅଛି କି ନାହିଁ, ତାହା ତଦନ୍ତସାପେକ୍ଷ। ଯଦି ଏପରି ଅଭିଯୋଗ ଭିତ୍ତିହୀନ, ତେବେ ବିଭାଗ ପକ୍ଷରୁ ସ୍ୱଚ୍ଛତା ସହ ଏହାର ସ୍ପଷ୍ଟୀକରଣ ଦେବା ଆବଶ୍ୟକ। ଯଦିକୌଣସି ଅନିୟମିତତାର ପ୍ରମାଣ ମିଳେ, ତେବେ ସମ୍ପୃକ୍ତଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ଉଚିତ। ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଧରିବା ସହଜ। କିନ୍ତୁ ମଦ କେଉଁଠାରୁ ଆସୁଛି, କିଏ ଯୋଗାଉଛି, କେଉଁ ରାସ୍ତାରେ ଜିଲ୍ଲାକୁ ପ୍ରବେଶ କରୁଛି ଓ ଏହି କାରବାର ପଛରେ କିଏ ରହିଛି, ଏହି ଶୃଙ୍ଖଳାର ମୂଳ ଅଂଶକୁ ଧରିବା ହିଁ ବଡ଼ ଚ୍ୟାଲେଞ୍ଜ। କେବଳ କିଛି ଲିଟର ମଦ ଜବତ କରି ମାମଲା ରୁଜୁ ଓ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଦେଲେ ନିଶା କାରବାରର ମୂଳ ଚେର କଟିବ ନାହିଁ। ଯୋଗାଣକାରୀ ଓ ମୁଖ୍ୟ କାରବାରୀଙ୍କ ପର୍ଯ୍ୟନ୍ତ ତଦନ୍ତ ପହଞ୍ଚିବା ଦରକାର। ଗୋଟିଏ ପଟେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଓ ଗିରଫଦାରୀ ଖବର ଆସୁଛି, ଅନ୍ୟପଟେ ନିଶା କାରବାରକୁ ନେଇ ଲୋକଙ୍କ ଅଭିଯୋଗ ମଧ୍ୟ ଜାରି ରହିଛି। ଏହି ଦୁଇଟି ଚିତ୍ର ମଧ୍ୟରେ ଥିବା ଅସଙ୍ଗତିକୁ ପ୍ରଶାସନ ଗୁରୁତର ସହ ଦେଖିବା ଆବଶ୍ୟକ। ନିଶା କାରବାର ଉପରେ ପ୍ରକୃତ ରୋକ ଲଗାଇବାକୁ ହେଲେ ଚଢ଼ଉ ନିୟମିତ ହେବା ସହିତ ନିରପେକ୍ଷ ଓ ସମାନ ଭାବେ ହେବା ଦରକାର। ନିଶାଦ୍ରବ୍ୟର ପ୍ରଭାବରେ ଯଦି ଅପରାଧ ବଢୁଥିବା ଅଭିଯୋଗ ରହିଛି, ତେବେ ଅବକାରୀ ବିଭାଗ ଓ ପୁଲିସ ମଧ୍ୟରେ ସମନ୍ୱୟ ବଢ଼ାଇ ମୂଳ କାରବାରୀଙ୍କ ଉପରେ ନଜର ଦେବା ଆବଶ୍ୟକ। ଶେଷରେ ପ୍ରଶ୍ନ ଗୋଟିଏ ୨୦୧ ଲିଟର ମଦ ଜବତ ଓ ୮ ଜଣ ଗିରଫରେ କି ନିଶା କାରବାର ବନ୍ଦ ହେବ, ନା ଏହା କେବଳ ଏକ ଦିନର ଚଢ଼ଉ ହୋଇ ରହିଯିବ? ଜିଲ୍ଲାବାସୀ ଏବେ ଏହାର ଉତ୍ତର କାର୍ଯ୍ୟାନୁଷ୍ଠାନରେ ଦେଖିବାକୁ ଅପେକ୍ଷା କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ଶିକ୍ଷାବ୍ୟବସ୍ଥାର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ବୋଧହୁଏ ବଶମ୍ବଦତା ପ୍ରମାଣ କରିବାକୁ ଯାଇ ଏହି ରାସ୍ତାକୁ ଆପଣେଇ ନେଇଛନ୍ତି ଓଡ଼ିଶାର ବିଜେପି ସରକାର। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ବା ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ବା ସିଏଚ୍‌ଏସ୍‌ଇ)କୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବିଧାନସଭାର ଆଗାମୀ ଅଧିବେଶନରେ ଚିଠା ବିଧେୟକ ଆଗତ କରାଯାଇପାରେ। ପ୍ରାପ୍ତ ଅନୌପଚାରିକ ସୂଚନା ଅନୁଯାୟୀ, ପରୀକ୍ଷା ପଦ୍ଧତି ବା ଢାଞ୍ଚାରେ ବର୍ତ୍ତମାନ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଗୋଟିଏ ଅନୁଷ୍ଠାନ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନ କରିବ। ଅନ୍ୟ ଅର୍ଥରେ କହିଲେ ଦ୍ୱିଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଓଡ଼ିଶା ପରି ଦେଶର ଏକ ବିକାଶଶୀଳ ରାଜ୍ୟରେ ଶିକ୍ଷା କ୍ଷେତ୍ର ଗୁରୁତର ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତ ହେଉ କି ଓଡ଼ିଶା ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।




ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦୁଇବର୍ଷର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକରଣ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଆବଶ୍ୟକ। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ।

# ମାଗଣା ଯୋଜନା ଓ ଶ୍ରମଭିତ୍ତିକ ପ୍ରୋତ୍ସାହନ

ପ୍ରମୋଦ ଧଳ

ଖବରକାଗଜରେ ପ୍ରକାଶିତ ସରକାରୀ ବିଜ୍ଞାପନର ଚକ୍‌ଚକ୍ ଚିତ୍ରକୁ ଅଣଦେଖା କରି ଯଦି ଜଣେ ବ୍ୟକ୍ତି ବାସ୍ତବରେ କୌଣସି ଗ୍ରାମାଞ୍ଚଳ ପରିଦର୍ଶନ କରନ୍ତି, ତେବେ ତାଙ୍କ ଆଖିରେ ଏକ ରୂଢ଼ ସତ୍ୟ ଜଳଜଳ ଦିଶିବ। ଆମେ ଦିନରାତି ପରିଶ୍ରମ କରି ଦେଉଥିବା ଟିକସର ଏକ ମୁଖ୍ୟ ଭାଗ କେମିତି ସରକାରଙ୍କ ଲୋକପ୍ରିୟ ମାଗଣା ଯୋଜନା ସବୁରେ ଅପବ୍ୟବହାର ହେଉଛି, ତାହା ଗାଁ ଗାଁର ଚିତ୍ର ବୟାନ କରେ। ଉଦାହରଣ ସ୍ୱରୂପ, ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ ହୁଏତ କାଗଜପତ୍ରରେ ମହତ ହୋଇପାରେ, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ମୋ ନିଜ ପଞ୍ଚାୟତରେ ମୋ ଜାଣିବାରେ ଆଜିଯାଏଁ ଜଣେ ହେଲେ ବି ମହିଳା ଏହି ଟଙ୍କା ପାଇ 'ଲକ୍ଷପତି ଦିଦି' ହୋଇପାରିନାହାନ୍ତି। ବରଂ ମିଳୁଥିବା କିସ୍ତି ପଇସାରେ ପ୍ରାୟ ୯୯.୯୯% ମହିଳା କୌଣସି ବ୍ୟବସାୟ ବା ଉତ୍ପାଦନଶୀଳ କାର୍ଯ୍ୟ ନ କରି, ତାହାକୁ ସୌଖୀନ ଓ ଅନାବଶ୍ୟକ ଜିନିଷ କିଣିବାରେ ବ୍ୟୟ କରୁଛନ୍ତି। ଅନ୍ୟାନ୍ୟ ମାଗଣା ଯୋଜନା ବିଷୟରେ ଆଲୋଚନା କରିବା ପୂର୍ବରୁ ଆମେ ସରକାରଙ୍କୁ କେଉଁ କେଉଁ ଟିକସ ଦେଉଛୁ, ତାହା ଜାଣିବା ଜରୁରୀ।

ଜଣେ ସାଧାରଣ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଯେଉଁସବୁ ଟିକସ ଦେଇଥା'ନ୍ତି, ତାହାକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ - ପ୍ରତ୍ୟକ୍ଷ ଓ ପରୋକ୍ଷ। ପ୍ରତ୍ୟକ୍ଷ ଟିକସ ଯଥା ଆୟକର, ପୁଞ୍ଜି ଲାଭ ଟିକସ, ବୃତ୍ତିଗତ ଟିକସ, ସମ୍ପତ୍ତି ବା ହୋଲ୍ଡିଂ ଟିକସ ଇତ୍ୟାଦି। ପରୋକ୍ଷ ଟିକସ ସିଧାସଳଖ ନଦେଇ ଆମ ଦୈନନ୍ଦିନ ଜୀବନରେ କିଣୁଥିବା ସାମଗ୍ରୀ କିମ୍ବା ଗ୍ରହଣ କରୁଥିବା ସେବା ମାଧ୍ୟମରେ ଦେଇଥାଉ। ଯଥା: ଜିଏସ୍‌ଟି, ଉତ୍ପାଦ ଶୁଳ୍କ, ଭାଟ୍, ସୀମା ଶୁଳ୍କ, ମୋଟର ଯାନ ଟିକସ, ଟୋଲ୍ ଟିକସ, ଷ୍ଟାମ୍ପ୍ ଡ୍ୟୁଟି ଓ ପଞ୍ଜୀକରଣ ଫି, ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍ ଇତ୍ୟାଦି।

ପ୍ରତ୍ୟକ୍ଷ ଟିକସ ସିନା କିଛି ଉଚ୍ଚ ଆୟବର୍ଗର ଜନସାଧାରଣ ପୈଠ କରିଥା'ନ୍ତି, କିନ୍ତୁ ପରୋକ୍ଷ ଟିକସ ଦେଶର ପ୍ରତ୍ୟେକ ସାଧାରଣ ଜନତା ଦେଇଥା'ନ୍ତି। ଏମିତିକି ସେହି ମାଗଣା ଯୋଜନାର ହିତାଧିକାରୀ ମଧ୍ୟ ନିଜ ଖାଇବା ଦ୍ରବ୍ୟ, ତେଲ, ଲୁଣ, କପଡ଼ା ସବୁଥିରେ ପରୋକ୍ଷରେ ଟିକସ ଦେଇଥା'ନ୍ତି। ସଂକ୍ଷେପରେ କହିବାକୁ ଗଲେ, ଜଣେ ବ୍ୟକ୍ତି ସକାଳେ ଉଠି ଚା' ପିଇବା ଠାରୁ ଆରମ୍ଭ କରି ରାତିରେ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସାମଗ୍ରୀ ଉପରେ ପରୋକ୍ଷରେ ଏବଂ ନିଜର ରୋଜଗାର ଉପରେ ପ୍ରତ୍ୟକ୍ଷରେ ସରକାରଙ୍କୁ ଟିକସ ଦେଇଥାଏ। ଜନ୍ମରୁ ମୃତ୍ୟୁ ଯାଏଁ ସମସ୍ତ ଦେଶ ବା ରାଜ୍ୟବାସୀ ସରକାରଙ୍କୁ ଏହିପରି ଟିକସ ଦେଇଚାଲିଥା'ନ୍ତି। ଏହି ସମସ୍ତ ଅର୍ଥ ଯଦି ଦେଶ ଏବଂ ରାଜ୍ୟର ବିକାଶମୂଳକ କାର୍ଯ୍ୟରେ ସଠିକ୍ ଭାବେ ବିନିଯୋଗ ହେଉଥା'ନ୍ତା, ତେବେ ଆଜି ହୁଏତ ଭାରତ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଗଣିତ ହୋଇପାରିଥା'ନ୍ତା। କିନ୍ତୁ ତାହା ନହୋଇ, ଜନତାଙ୍କ ଟିକସର ମୁଖ୍ୟ ଭାଗ ଆଜି ମାଗଣା ବଣ୍ଟନ ଭଳି ଅବାଟରେ ବିନିଯୋଗ ହେଉଛି। ତେଣୁ ବର୍ତ୍ତମାନ ସମୟରେ କଲ୍ୟାଣକାରୀ ରାଷ୍ଟ୍ର ବା ରାଜ୍ୟର ଅବଧାରଣା ମଧ୍ୟରେ 'ମାଗଣା ସଂସ୍କୃତି' ଏକ ପ୍ରମୁଖ ବିତର୍କର ବିଷୟ ପାଲଟିଛି।

ଓଡ଼ିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ମାଗଣା ଯୋଜନା ରାଜ୍ୟର ଅର୍ଥନୀତି, ସାମାଜିକ ସ୍ଥିତି ଏବଂ ନାଗରିକଙ୍କ ମାନସିକତା ଉପରେ କିପରି ପ୍ରଭାବ ପକାଉଛି, ତାହାକୁ ନେଇ ଦୁଇଟି ଭିନ୍ନ ମତ ପ୍ରକାଶ ପାଇଥାଏ। ଗୋଟିଏ ପଟେ ଏହା ଗରିବ ଓ ବଞ୍ଚିତ ଶ୍ରେଣୀକୁ ତତ୍କାଳୀନ ସାମାଜିକ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଏହା ଦୀର୍ଘକାଳୀନ ବିକାଶ ଓ ନାଗରିକଙ୍କ ଶ୍ରମ ନିପୁଣତା ପ୍ରତି ପ୍ରତିବନ୍ଧକ ସାଜୁଛି। ମାଗଣାରେ ସବୁକିଛି ଯୋଗାଇଦେବା ପରିବର୍ତ୍ତେ ଯଦି 'ଶ୍ରମ ବଦଳରେ ପ୍ରୋତ୍ସାହନ' ନୀତି ଆପଣାଯାଏ, ତେବେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବା ସହ ଏକ ସ୍ୱାବଲମ୍ବୀ ସମାଜ ଗଠନ ହୋଇପାରନ୍ତା। ଯେକୌଣସି ସରକାରୀ ଯୋଜନାର ଭଲ ଓ ମନ୍ଦ ଉଭୟ ଦିଗ ଥାଏ। ଏହାକୁ ସମ୍ପୂର୍ଣ୍ଣ ଭାବେ ଭଲ ବା ମନ୍ଦ କହିବା ଅପେକ୍ଷା ଏହାର ବାସ୍ତବ ପ୍ରଭାବକୁ ବୁଝିବା ଜରୁରୀ। ଓଡ଼ିଶାର ଏକ ବଡ଼ ଜନସଂଖ୍ୟା ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବା ତା'ର ଆଖପାଖରେ ଜୀବନ ବିତାଉଛନ୍ତି। ମାଗଣା ଚାଉଳ, ସ୍ୱାସ୍ଥ୍ୟ ବୀମା, କିମ୍ବା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ଓ ସାଇକେଲ ଆଦି ଯୋଜନା ସମାଜର ନିମ୍ନ ବର୍ଗକୁ ଏକ ସର୍ବନିମ୍ନ ଜୀବନଧାରଣର ମାନ ପ୍ରଦାନ କରିଛି। ଏହାଦ୍ୱାରା କ୍ଷୁଧା ହ୍ରାସ ପାଇଛି, ଶିକ୍ଷାର ହାର ବଢ଼ିଛି ଏବଂ ଶିଶୁ ମୃତ୍ୟୁ ହାର କମିଛି। ଏହି ଦୃଷ୍ଟିକୋଣରୁ ଦେଖିଲେ ଏହା ରାଜ୍ୟ ପାଇଁ କଲ୍ୟାଣକାରୀ ଓ 'ଶୁଭ' ମନେହୁଏ।

ଅପରପକ୍ଷରେ, ଦୀର୍ଘକାଳୀନ ଭିତ୍ତିରେ ଏହି ମାଗଣା ସଂସ୍କୃତି ରାଜ୍ୟ ପାଇଁ 'ଅଶୁଭ' ବା କ୍ଷତିକାରକ ସାବ୍ୟସ୍ତ ହେଉଛି। ରାଜ୍ୟର ସୀମିତ ରାଜସ୍ୱର ଏକ ବଡ଼ ଭାଗ ମାଗଣା ରିହାତିରେ ବ୍ୟୟ ହେବା ଫଳରେ ବୃହତ ଶିଳ୍ପ, ସ୍ଥାୟୀ ଭିତ୍ତିଭୂମି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି। ସବୁକିଛି ମାଗଣାରେ ମିଳିଯିବା ଫଳରେ ଲୋକଙ୍କ ମଧ୍ୟରେ ପରିଶ୍ରମ କରିବାର ପ୍ରବୃତ୍ତି ହ୍ରାସ ପାଉଛି। ଗ୍ରାମାଞ୍ଚଳରେ କୃଷି ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଉଛି, ଯାହା ଗ୍ରାମୀଣ ଅର୍ଥନୀତିକୁ ଦୁର୍ବଳ କରୁଛି ଏବଂ ହଜାର ହଜାର ହେକ୍ଟର ଚାଷ ଜମି ଆଜି ପଡ଼ିଆ ପଡ଼ି ରହିଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ମାଗଣା କିଛି ନଦେଇ, ଶ୍ରମ ବଦଳରେ ପ୍ରୋତ୍ସାହନ ଦିଆଯିବା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା। ଏହା ଚୀନର ପ୍ରସିଦ୍ଧ ପ୍ରବଚନକୁ ମନେ ପକାଇଦିଏ - 'ଜଣକୁ ପ୍ରତିଦିନ ମାଛଟିଏ ଧରି ଦେବା ଅପେକ୍ଷା, ତା'କୁ ମାଛ ଧରିବା ଶିଖାଇଦେବା ଶ୍ରେଷ୍ଠ।' ଯଦି ସରକାର ସହାୟତା ରାଶିକୁ ସମ୍ପୂର୍ଣ୍ଣ ମାଗଣାରେ ନଦେଇ ସ୍ଥାନୀୟ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସହିତ ଯୋଡ଼ି ଦିଅନ୍ତେ, ତେବେ ଏହାର ବହୁବିଧ ସୁଫଳ ମିଳିପାରନ୍ତା।

ଓଡ଼ିଶାର ପ୍ରତିଟି ଗାଁରେ ଆଜି ରାସ୍ତାଘାଟ, କୂଅ, ପୋଖରୀ, ସ୍କୁଲ ଘର ଓ କଲ୍ୟାଣମଣ୍ଡପ ଆଦି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅଳ୍ପଦିନରେ ନଷ୍ଟ ହୋଇଯାଉଛି। ଯଦି ଗ୍ରାମର ବେକାର ଯୁବକ ବା ଶ୍ରମିକ ଶ୍ରେଣୀକୁ ଏହିସବୁ ସମ୍ପତ୍ତିର ସୁରକ୍ଷା ଓ ସଫେଇ ଦାୟିତ୍ୱ ଦିଆଯାଏ ଏବଂ ତା' ବଦଳରେ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳେ, ତେବେ ଗାଁର ପୋଖରୀଗୁଡ଼ିକ ସଦାସର୍ବଦା ସ୍ୱଚ୍ଛ ରହିବ ଏବଂ ଜଳ ସଂରକ୍ଷଣ ସହଜ ହେବ। ରାସ୍ତାଘାଟର ପାର୍ଶ୍ୱ ସଫା ରହିବ ଓ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସରକାରୀ ସମ୍ପତ୍ତି ପ୍ରତି ଲୋକଙ୍କ ମଧ୍ୟରେ 'ଆପଣାର ଭାବ' ସୃଷ୍ଟି ହେବ। ଏହି ଅବଧାରଣା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି। ମାତ୍ର ଏହାକୁ ଆହୁରି ବ୍ୟାପକ ଓ ଦକ୍ଷ କରାଯାଇପାରିବ। କେବଳ ମାଟି ଖୋଳିବା କାମରେ ସୀମିତ ନ ରହି ଗ୍ରାମର ପାରମ୍ପରିକ କଳା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶ୍ରମ ପ୍ରୋତ୍ସାହନ ଦିଆଯାଇପାରିବ। ଶ୍ରମ ବଦଳରେ ଅର୍ଥ ପାଇଲେ ଜଣେ ବ୍ୟକ୍ତି ଗର୍ବର ସହ କହିପାରିବ ଯେ, ସେ ତା'ର ପରିବାରକୁ ନିଜ ରୋଜଗାରରେ ପ୍ରତିପୋଷଣ କରୁଛି, ସରକାରଙ୍କ ଦୟାରେ ନୁହେଁ। ଏହି ଆତ୍ମସମ୍ମାନ ହିଁ ଏକ ପ୍ରଗତିଶୀଳ ସମାଜର ମୂଳଦୁଆ।

ଯେହେତୁ ଗଣତନ୍ତ୍ରରେ ଜନସାଧାରଣଙ୍କ ଭୋଟ ସଂଖ୍ୟା ଉପରେ ଗୋଟିଏ ସରକାରର ତିଷ୍ଠି ରହିବା ନିର୍ଭର କରିଥାଏ, ତେଣୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା କୌଣସି ସରକାରଙ୍କ ପକ୍ଷରେ ଆଜି ରାଜନୈତିକ ଦୃଷ୍ଟିରୁ ଅସମ୍ଭବ। ଅନ୍ୟପଟେ, ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା ଏକ ଚରମ ପଦକ୍ଷେପ ହେବ, ଯାହା ଅତ୍ୟନ୍ତ ଗରିବ, ବୃଦ୍ଧ, ବିଧବା, ଅସହାୟ କିମ୍ବା ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସଙ୍କଟ ଆଣିପାରେ। ତେଣୁ ସରକାରଙ୍କ ନୀତି ଏକ ସନ୍ତୁଳିତ ମାର୍ଗ ଅନୁସରଣ କରିବା ଉଚିତ। ଯଥା: ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା ଏବଂ ଅତି ଅସହାୟ ବର୍ଗଙ୍କ ପାଇଁ ଖାଦ୍ୟ ସୁରକ୍ଷା ଭଳି ମୌଳିକ ଆବଶ୍ୟକତାକୁ ମାଗଣା କିମ୍ବା ଅତି ସ୍ୱଳ୍ପ ମୂଲ୍ୟରେ ଜାରି ରଖାଯାଉ। ଯେଉଁମାନେ ଶାରୀରିକ ଭାବେ ସକ୍ଷମ ଓ କାର୍ଯ୍ୟ କରିବାକୁ ଯୋଗ୍ୟ, ସେମାନଙ୍କୁ କୌଣସି ଭତ୍ତା ବା ନଗଦ ଟଙ୍କା ମାଗଣାରେ ନଦେଇ ଗ୍ରାମୀଣ କିମ୍ବା ସହରାଞ୍ଚଳର ବିକାଶ କାର୍ଯ୍ୟରେ ନିୟୋଜିତ କରାଯାଉ। ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ମାସକୁ କିଛି ଘଣ୍ଟା ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା କିମ୍ବା ଜଳାଶୟର ପୁନରୁଦ୍ଧାର ପାଇଁ ଶ୍ରମ ଦେଉଛନ୍ତି, ତେବେ ହିଁ ସେ ସରକାରଙ୍କ ବିଶେଷ ଆର୍ଥିକ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ଓଡ଼ିଶାର ପ୍ରାକୃତିକ ସମ୍ପଦ ଏବଂ ମାନବ ସମ୍ବଳର ପ୍ରଚୁର ସମ୍ଭାବନା ରହିଛି। ମାଗଣା ଯୋଜନାର ବହୁଳତା ଜନମାନସକୁ ସାମୟିକ ସନ୍ତୁଷ୍ଟ କରିପାରେ। ମାତ୍ର ତାହା ରାଜ୍ୟର ସ୍ଥାୟୀ ପ୍ରଗତିର ପନ୍ଥା ନୁହେଁ। ତେଣୁ ମାଗଣା ବଦଳରେ ଶ୍ରମ-ଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ଲାଗୁ କଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବ, ଗ୍ରାମୀଣ ପରିବେଶ ଓ ଭିତ୍ତିଭୂମିର ସୁରକ୍ଷା ହେବ ଏବଂ ଓଡ଼ିଶାର ଜନସାଧାରଣ ଅଧିକ ଆତ୍ମନିର୍ଭରଶୀଳ ଓ କର୍ମଠ ହେବେ। ସରକାରୀ ସହାୟତା ଯେତେବେଳେ ଜନସାଧାରଣଙ୍କ ଶ୍ରମ ସହ ମିଶିଯିବ, ସେତେବେଳେ ହିଁ ଓଡ଼ିଶା ଏକ ପ୍ରକୃତ ବିକଶିତ ରାଜ୍ୟ ଭାବେ ମଥା ଟେକି ଉଭା ହେବ।

ଅରଗଳ(କେନ୍ଦ୍ରାପଡ଼ା), ମୋ: ୭୦୦୮୮୧୦୧୧୨

# କେନ୍ଦ୍ରକୁ ଦୂରୁ ଜୁହାର!

ଶ୍ରୀଧର ବେହେରା

ଓଡ଼ିଶା ନାମ ଶୁଣିଲେ ସମଗ୍ର ଭାରତବର୍ଷର ଶିଳ୍ପପତିଙ୍କ ଚକ୍ଷୁ ଚକ୍ ଚକ୍ କରେ। କାରଣ ଏହି ମାଟି ହେଉଛି ରତ୍ନଗର୍ଭା, ଧନଗର୍ଭା। ବିଧାତା ନିଜ ହାତରେ ଏହି ଭୂଖଣ୍ଡର ଗର୍ଭରେ ପୋତି ଦେଇଛନ୍ତି ଅପରିମେୟ ସମ୍ପଦ - ଲୁହା ପଥର, କୋଇଲା, ବକ୍ସାଇଟ, ମାଙ୍ଗାନିଜ, କ୍ରୋମାଇଟ, ଡୋଲୋମାଇଟ, ଗ୍ରାଫାଇଟର ଅଶେଷ ଭଣ୍ଡାର। ସମଗ୍ର ଦେଶର ଖଣିଜ ଉତ୍ପାଦନର ପ୍ରାୟ ପଚାଶ ପ୍ରତିଶତ ଓଡ଼ିଶାରୁ ଆସେ। କିନ୍ତୁ ଏହି ବିପୁଳ ସମୃଦ୍ଧି ଓଡ଼ିଶାବାସୀଙ୍କ ଭାଗ୍ୟରେ ଆନନ୍ଦ ନୁହେଁ, ଅଭିଶାପ ପାଲଟିଛି। କାରଣ ଦଶନ୍ଧି ଦଶନ୍ଧି ଧରି ଏହି ସମ୍ପଦକୁ ଲୁଣ୍ଠନ କରି ଆସିଛନ୍ତି ମାଫିଆ, ଦଲାଲ, ଅସାଧୁ ବ୍ୟବସାୟୀ ଓ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର। ଏବେ ସେହି ଲୁଣ୍ଠନର ନୂତନ ଅଧ୍ୟାୟ ରଚିବାକୁ ଯାଉଛି ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ ୨୦୨୬, ଯାହାକୁ ରାଜ୍ୟବାସୀ କହୁଛନ୍ତି - ପ୍ରଥମେ ମାଫିଆ ଲୁଟି ଲୁଟି ଆସିଲେ, ଏବେ କେନ୍ଦ୍ର ଲୁଟିବ।

ଓଡ଼ିଶାର ଖଣିଜ ଇତିହାସ ହେଉଛି ରକ୍ତ, ଅଶ୍ରୁ ଓ ପ୍ରତାରଣାର ଇତିହାସ। କେନ୍ଦୁଝର, ସୁନ୍ଦରଗଡ଼, ଯୋଡ଼ା, ବରବିଲ, ତାଳଚେର, ଅନୁଗୁଳ, କୋରାପୁଟ, ରାୟଗଡ଼ାର ପାହାଡ଼ରେ ଦିନରାତି ଡିନାମାଇଟ ବିସ୍ଫୋରଣ ହୋଇଛି। ବିନା ପରିବେଶ ମଞ୍ଜୁରିରେ, ବିନା ଗ୍ରାମସଭାର ଅନୁମତିରେ, ବିନା ପୁନର୍ବାସ ଯୋଜନାରେ ହଜାର ହଜାର ଏକର ଜଙ୍ଗଲ ପଦା ହୋଇଛି। ହଜାର ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଛନ୍ତି। ଲୁହାପଥର ବୋଝେଇ ହାଇୱା, ଟ୍ରକ ଦିନ ରାତି ରାସ୍ତାକୁ ଧ୍ୱଂସ କରିଚାଲିଛି। ନଦୀନାଳକୁ ରକ୍ତବର୍ଣ୍ଣ କରିଛି। ସାହା କମିଶନ ରିପୋର୍ଟ ପ୍ରମାଣ କରିଛି କିପରି ପଚାଶ ହଜାର କୋଟିରୁ ଅଧିକ ଟଙ୍କାର ଖଣିଜ ଲୁଣ୍ଠନ ହୋଇଛି। ଏହା କରିଛନ୍ତି ଖଣି ମାଫିଆ। ସେମାନେ ରାଜନେତା, ଅମଲା ଓ ପୁଲିସକୁ ହାତ କରି ଓଡ଼ିଶାର ଛାତିକୁ ଚିରି ତା'ର ହୃତପିଣ୍ଡକୁ ବାହାର କରି ନେଇଛନ୍ତି। ଆଦିବାସୀ ପାଇଛି କେବଳ ଧୂଳି, ଧୂଆଁ, ବିସ୍ଥାପନ ଓ ରୋଗ। ଗଞ୍ଜାମ ବ୍ଲକର ବେଣୁଗୌରୀ ପାହାଡ଼ରୁ ପଥର ଲୁଟ, ଚିଲିକା ପାର୍ଶ୍ୱର ବାଲି ମାଫିଆ, କେନ୍ଦୁଝରର ଲୁହା ମାଫିଆ - ଏସମସ୍ତ ସମାନ ଲୁଣ୍ଠନର ଭିନ୍ନ ଭିନ୍ନ ରୂପ।

ଏବେ ଯେତେବେଳେ ମାଫିଆ ଲୁଣ୍ଠନ ବିରୁଦ୍ଧରେ ସାରା ରାଜ୍ୟରେ ସ୍ୱର ଉଠୁଛି, ଯେତେବେଳେ ଲୋକେ କହୁଛନ୍ତି ଆମ ସମ୍ପଦ ଆମର ରହୁ, ସେତେବେଳେ କେନ୍ଦ୍ର ସରକାର ଆଣିଛନ୍ତି ଏମଏମ୍‌ଡିଆର ସଂଶୋଧନ ଆଇନ ୨୦୨୬। ଏହି ଆଇନର ଅନ୍ତର୍ନିହିତ ଅଭିପ୍ରାୟ ଅତ୍ୟନ୍ତ ମର୍ମାନ୍ତିକ। ଏହି ଆଇନ କହୁଛି - ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କିଏ ଖଣି ନେବ। ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କେତେ ରୟାଲଟି ମିଳିବ। ଅର୍ଥାତ ଓଡ଼ିଶା କେବଳ ନିଜ ମାଟିର ପ୍ରହରୀ ହୋଇ ରହିବ, ମାଲିକ ହୋଇ ରହିବ ଦିଲ୍ଲୀ। ଏହା ହେଉଛି ସଂଘୀୟ ବ୍ୟବସ୍ଥାର ମୂଳରେ କୁଠାରଘାତ। ସମ୍ବିଧାନରେ ଖଣିଜ ହେଉଛି ରାଜ୍ୟ ତାଲିକାର ବିଷୟ। କିନ୍ତୁ ଏହି ସଂଶୋଧନ ତାହାକୁ କେନ୍ଦ୍ର ତାଲିକାକୁ ଟାଣି ନେଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ଓଡ଼ିଶା ବର୍ଷକୁ ଦଶହଜାର କୋଟିରୁ ଅଧିକ ରାଜସ୍ୱ ହରାଇବ। ସେହି ଅର୍ଥ ଚାଲିଯିବ ବଡ଼ କର୍ପୋରେଟର ଆଲମାରୀକୁ। ମାଫିଆ ଯାହା ବେଆଇନ ଭାବେ ଲୁଟୁଥିଲା, ଏବେ କେନ୍ଦ୍ର ତାହା ଆଇନ ବନାଇ ଲୁଟିବ - ଏହା ହିଁ ଜନମାନସରେ ପ୍ରବଳ ଆକ୍ରୋଶ ସୃଷ୍ଟି କରିଛି।

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ 'ପେସା' ଆଇନ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁଛି। 'ପେସା' କହୁଛି, ଜଳ, ଜଙ୍ଗଲ, ଜମିର ଅଧିପତି ହେବେ ଆଦିବାସୀ। ଗ୍ରାମସଭା ବିନା ସମ୍ମତିରେ କିଏ କୌଣସି ଖାଦାନ ଖୋଲିପାରିବ ନାହିଁ। ଗ୍ରାମସଭା ବିନା ଅନୁମତିରେ ଗୋଟିଏ ଗଛ କଟା ଯାଇପାରିବ ନାହିଁ। ଏହା ହେଉଛି ସ୍ୱରାଜର ମନ୍ତ୍ର। କିନ୍ତୁ ଏଠାରେ ହିଁ ରହିଛି ପ୍ରହେଳିକା। ଯଦି ଏମ୍‌ଏମ୍‌ଡିଆର ମାଧ୍ୟମରେ ସମସ୍ତ କ୍ଷମତା କେନ୍ଦ୍ରକୁ ଚାଲିଯାଏ, ତେବେ 'ପେସା' ଓ ଗ୍ରାମସଭା କ'ଣ କରିବ? ଗ୍ରାମସଭା ମନା କଲେ ମଧ୍ୟ ଯଦି କେନ୍ଦ୍ର କହିବ ଏହି ଖାଦାନ ଆଦାନୀ, ଅମ୍ବାନୀକୁ ଦିଆଗଲା, ତେବେ ଗ୍ରାମସଭାର ସ୍ୱର କିଏ ଶୁଣିବ? ଏହା ହେଉଛି ଦୁଇମୁହାଁ ନୀତି ଓ ଛଳନା।

ଏଣୁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ସେ କାହା ପକ୍ଷରେ - ମାଫିଆ ପକ୍ଷରେ, କେନ୍ଦ୍ର ପକ୍ଷରେ ନା ଓଡ଼ିଶାବାସୀଙ୍କ ପକ୍ଷରେ? ପ୍ରଥମେ ଏମ୍‌ଏମ୍‌ଡିଆର ସଂଶୋଧନର ରାଜ୍ୟବିରୋଧୀ ଧାରାକୁ ସର୍ବସମ୍ମତିକ୍ରମେ ବିଧାନସଭାରେ ପ୍ରସ୍ତାବ ଆଣି ବିରୋଧ କରାଯାଉ ଏବଂ ଉଚ୍ଚତମ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରାଯାଉ। ଦ୍ୱିତୀୟ, 'ପେସା'କୁ କାଗଜକଲମରେ ନୁହେଁ, ଅନ୍ତରର ସହ ଲାଗୁ କରାଯାଉ। ପ୍ରତି ଖଣି ଲିଜ ପୂର୍ବରୁ ଗ୍ରାମସଭାର ଭିଡିଓ ରେକର୍ଡିଂ ସହ ସମ୍ମତି ବାଧ୍ୟତାମୂଳକ କରାଯାଉ। ତୃତୀୟ, ସାହା କମିଶନ ରିପୋର୍ଟ ଅନୁଯାୟୀ ମାଫିଆ ଲୁଟର ଟଙ୍କା ଆଦାୟ କରି ଖଣି ଅଞ୍ଚଳର ବିକାଶରେ ଖର୍ଚ୍ଚ କରାଯାଉ। ଚତୁର୍ଥ, ଖଣିଜ ରାଜସ୍ୱର ପଚାଶ ପ୍ରତିଶତ ସିଧା ଆଦିବାସୀ ଗ୍ରାମସଭାର ଖାତାକୁ ଯାଉ।

ଖଣିଜ ହେଉଛି ଅନବୀକରଣଯୋଗ୍ୟ ସମ୍ପଦ। ଥରେ ଖାଦାନ ଖୋଳିନେଲେ ତାହା ଶହ ଶହ ବର୍ଷ ଯାଏଁ ପୂରଣ ହେବ ନାହିଁ। ଯଦି ଆଜି ଆମେ ମାଫିଆକୁ ରୋକିପାରିଲୁ ନାହିଁ, ଏବେ କେନ୍ଦ୍ରୀୟ ଲୁଣ୍ଠନକୁ ରୋକିପାରିବୁ ନାହିଁ, ତେବେ ଆସନ୍ତା ପିଢ଼ି ଆମକୁ କ୍ଷମା କରିବ ନାହିଁ। ସେମାନେ ପଚାରିବେ - ଯେଉଁଠି ପାହାଡ଼ ଥିଲା, ସେଠି ଗାତ କାହିଁକି? ଯେଉଁଠି ଜଙ୍ଗଲ ଥିଲା, ସେଠି ମରୁଭୂମି କାହିଁକି? ଏହାର ଉତ୍ତର ଦେବାକୁ ଆଜି ଆମକୁ ହିଁ ସଂଗ୍ରାମ କରିବାକୁ ପଡ଼ିବ। ଲୁଣ୍ଠିତ, ଶୋଷିତ, ରିକ୍ତ ରାଜ୍ୟ ଭାବେ, ଯାହାର ଗର୍ଭରେ ସୁନା ଥିଲା, କିନ୍ତୁ ପିଲାମାନେ ଭୋକରେ ମରୁଥିଲେ ବୋଲି ଇତିହାସର ପୃଷ୍ଠାରେ ଓଡ଼ିଶା ରହିଯିବ।

ଗୌରାଙ୍ଗପାଟଣା(ଗଞ୍ଜାମ), ମୋ: ୯୩୯୧୫୯୪୭୯୭

# ମାଉସୀ ମାଆଙ୍କ ପୋଡ଼ପିଠା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ରତ୍ନବେଦୀରେ ଆରାଧିତ ହେବା ପରେ ତାଙ୍କର ମନେ ପଡ଼ିଲା ବୃନ୍ଦାବନ ଛାଡ଼ି ଆସିବା ବେଳେ ସେ କଥା ଦେଇଥିଲେ ଯେ ମାତା ଶ୍ରୀକ୍ଷେତ୍ରରେ 'ମାଉସୀ ମାଆ' ରୂପେ ଆରାଧିତା ହେବେ। ତେଣୁ ସେ ମାତା ଯଶୋଦାଙ୍କୁ ସ୍ମରଣ କଲେ। ମାତା ଯଶୋଦା ଆବିର୍ଭୂତା ହେବା ପରେ ମହାପ୍ରଭୁ କହିଲେ- 'ମାଆ! ବର୍ତ୍ତମାନ ମୁଁ ବଡ଼ ଭାଇ ବଳରାମ ଓ ସୁଭଦ୍ରା ସହ ଶ୍ରୀକ୍ଷେତ୍ରରେ ବାସ କରୁଛି। ଆମ ସଙ୍ଗରେ ଲକ୍ଷ୍ମୀ ମଧ୍ୟ ଆଉ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ସେ ଆମ ତିନି ଭାଇଭଉଣୀଙ୍କ ମନ ଜାଣି ଷାଠିଏ ପଉଟିର ଛପନ ବ୍ୟଞ୍ଜନ ପ୍ରତିଦିନ ମଣୋହି କରାଉଛି। କିନ୍ତୁ ତୁମ ହାତତିଆରି ପୋଡ଼ପିଠା ଖାଇବାକୁ ମନ ହେଉଛି। ମୋର ଅନୁରୋଧ ରକ୍ଷା କରି ତୁମେ ଶ୍ରୀମନ୍ଦିରରେ ଆମ ସମସ୍ତଙ୍କୁ ତୁମର ସାନ୍ନିଧ୍ୟ ପ୍ରଦାନ କର।' ଯଶୋଦା କହିଲେ- କାହ୍ନା! ତୁ ତ ଆଉ ସେହି ଗୋପପୁରର ମୋର ଗେହ୍ଲା କଳାକାହ୍ନୁ ହୋଇ ନାହୁଁ। ତୁ ବର୍ତ୍ତମାନ ସାରାଜଗତର ରାଜଚକ୍ରବର୍ତ୍ତୀ ଜଗନ୍ନାଥ ମହାପ୍ରଭୁ। କାହ୍ନାର ବାଲ୍ୟ ଚପଳତା ତୋଠାରେ ଶୋଭା ପାଇବ ନାହିଁ। ଆଉ ମୋ ସାଙ୍ଗରେ ତୁ ଦୁଷ୍ଟାମି ନ କରି ରହି ପାରିବୁ ନାହିଁ। ତେଣୁ ମୁଁ କ୍ଷେତ୍ରରେ ରହିବି, କିନ୍ତୁ ଶ୍ରୀମନ୍ଦିରରେ ନୁହେଁ। ତୁ ମୋ ପାଇଁ ମାଳିନୀ ନଦୀ କୂଳରେ ଏକ ଛୋଟ ମନ୍ଦିର ନିର୍ମାଣ କରି ଦେ। ମାଳିନୀ ବେଳେ ବେଳେ କ୍ଷେତ୍ରକୁ ଜଳ ପ୍ଲାବିତ କରି ରଖୁଛି। ମୁଁ ତା'ର ପ୍ଲାବନରୁ କ୍ଷେତ୍ରକୁ ରକ୍ଷା କରିବି ଆଉ ତୋର ଗୁଣ୍ଡିଚା ଯାତ୍ରା ବେଳେ ତୋତେ ମନ ପୂରେଇ ଦେଖିବି। ତୋ ବାହୁଡ଼ା ଯାତ୍ରା ବେଳେ ତୋ ମନପସନ୍ଦର ପୋଡ଼ପିଠା ତୋତେ ଅପେକ୍ଷା କରିଥିବ।' ମାତା ଯଶୋଦାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପ୍ରଭୁ ମାଳିନୀ ନଦୀକୂଳରେ ତାଙ୍କର ରହିବା ବନ୍ଦୋବସ୍ତ କରିଦେଲେ।

ମାଳିନୀ ନଦୀ ପୁରୀକୁ ଦୁଇଭାଗରେ ବିଭକ୍ତ କରୁଥିଲା। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଚତୁର୍ଦ୍ଧାମୂର୍ତ୍ତି ତିନିରଥ ଆରୋହଣ କରି ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲେ। ତା' ପରେ ରଥରୁ ଓହ୍ଲେଇ ଚାପଡଙ୍ଗାରେ ନଦୀ ପାର ହେଉଥିଲେ ଏବଂ ଆର ପଟେ ଅପେକ୍ଷା କରିଥିବା ଆଉ ତିନି ରଥ ଆରୋହଣ କରି ଗୁଣ୍ଡିଚା ଯାତ୍ରା କରୁଥିଲେ। ନଦୀକୂଳରେ ବିରାଜମାନ କରି ମାଆ ଏ ସବୁ ଦେଖି ବ୍ୟଥିତା ହେଉଥିଲେ। ତେଣୁ ସେ ଦିନେ ମାଳିନୀ ନଦୀକୁ ଡାକି ଶ୍ରୀକ୍ଷେତ୍ର ମଝିରୁ କୌଣସି ପାଖକୁ ସ୍ଥାନାନ୍ତରିତ ହେବା ପାଇଁ ଅନୁରୋଧ କଲେ। ମାଳିନୀ କହିଲେ, 'ମୋର ଅବସ୍ଥିତି ମହାପ୍ରଭୁଙ୍କ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଛି, ସେ କଥା ସତ। କିନ୍ତୁ ତା' ଦ୍ୱାରା ମୁଁ ବର୍ଷରେ ଦୁଇଥର ପ୍ରଭୁଙ୍କର ପଦସ୍ପର୍ଶର ସୌଭାଗ୍ୟ ଅର୍ଜନ କରୁଛି। ତେଣୁ ଆପଣଙ୍କ ଅନୁରୋଧ ରକ୍ଷା କରିବା ମୋ ପକ୍ଷେ ସମ୍ଭବ ହେବ ନାହିଁ।' ଯଶୋଦା କହିଲେ, 'ପିଲାମାନଙ୍କର ଭଲ ପାଇଁ ଜଣେ ମାଆ କ'ଣ କରିପାରେ, ମୁଁ ଏହି ମୁହୂର୍ତ୍ତରେ ଦେଖେଇ ଦେଉଛି।'

ଦେଖୁ ଦେଖୁ ମାଆ ଉଗ୍ରଚଣ୍ଡୀ ରୂପ ଧାରଣ କଲେ। ଦଶଭୁଜରେ ଦଶଆୟୁଧ ଥିଲା। ଦୁଇ ଆଖି କ୍ରୋଧରେ ଉଲ୍‌କା ପରି ପ୍ରତୀୟମାନ ହେଉଥିଲେ ଏବଂ ସେଥିରୁ ଅଗ୍ନିବର୍ଷା ହେଉଥିଲା। ମାଆ ନଳିନୀର ଜଳକୁ ଶୋଷଣ କରିବାକୁ ଲାଗିଲେ। ନଳିନୀ ମହୋଦଧି ସହ ସଂଯୁକ୍ତ ହୋଇଥିଲା। ନଦୀର ଜଳ ଶୋଷି ହୋଇ ଅଧା ହୋଇଯିବା ପରେ ମହୋଦଧିର ଜଳ ନଦୀରେଦେବୀଙ୍କ ଆଡ଼କୁ ବହିବାକୁ ଲାଗିଲା। ନଦୀ ସହ ମହୋଦଧି ଜଳଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହେଲା। ଏହା ଦେଖି ଦେବ ଦେବ ମହାଦେବ ପ୍ରକଟ ହୋଇ କ୍ରୋଧ ଶାନ୍ତ କରିବା ପାଇଁ ଦେବୀଙ୍କୁ ଅନୁରୋଧ କଲେ। ମହାଦେବଙ୍କ ଅନୁରୋଧରେ ଦେବୀ ଜଳ ଶୋଷଣରୁ ନିବୃତ୍ତ ହେଲେ। ଦେବୀଙ୍କ ଇଚ୍ଛାନୁସାରେ ମହାଦେବଙ୍କ ଆଜ୍ଞାରେ ମାଳିନୀ କ୍ଷେତ୍ରର ମଧ୍ୟଭାଗରୁ ଲୁପ୍ତ ହୋଇଗଲେ। ମାତା ନଦୀର ଅଧା ଜଳ ଶୋଷଣ କରିଥିବାରୁ ତାଙ୍କର ନାମ 'ଅର୍ଦ୍ଧଶୋଷିଣୀ' ରହିଲା ଏବଂ ସେ ଶ୍ରୀକ୍ଷେତ୍ରର ଅଷ୍ଟଚଣ୍ଡୀଙ୍କ ଭିତରେ ଅଗ୍ରଗଣ୍ୟା ହେଲେ। ମହାଦେବ 'ପଶୁପତିନାଥ' ନାମ ଧାରଣ କରି ଦେବୀଙ୍କ ମନ୍ଦିରରେ ବିରାଜମାନ କଲେ। ମହାଦେବ ମାଆଙ୍କ ଉଗ୍ର ସ୍ୱରୂପକୁ ଲୋକଲୋଚନ ଆଢୁଆଳରେ ରଖିବା ପାଇଁ ଦେବୀ ସୁଭଦ୍ରାଙ୍କ ମୁଖ ପରି ଏକ ଦାରୁନିର୍ମିତ ମୁଖା ଦେବୀଙ୍କ ମୁଖମଣ୍ଡଳର ଉପରେ ଘୋଡ଼େଇ ଦେଲେ ଏବଂ ମାତା ଦେବୀ ସୁଭଦ୍ରାଙ୍କ ସ୍ୱରୂପ ଧାରଣ କରି ଦର୍ଶନ ଦେଲେ।

ବାହୁଡ଼ା ବିଜେ ସମୟରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ମାଉସୀ ମାଆଙ୍କ ମନ୍ଦିର ସମ୍ମୁଖରେ ଅଟକେ। ମହାପ୍ରଭୁ ଓ ମାଉସୀ ମାଆ ପରସ୍ପରକୁ ଦର୍ଶନ କରନ୍ତି। ମାଆଙ୍କ ତରଫରୁ ପୋଡ଼ପିଠା ମହାପ୍ରଭୁଙ୍କୁ ସମର୍ପଣ କରାଯାଏ। ପ୍ରଭୁ ଆନନ୍ଦର ସହ ସର୍ପାମଣୋହିରେ ଗ୍ରହଣ କରନ୍ତି। ପ୍ରତିଦିନ ମହାପ୍ରଭୁଙ୍କ ମହାପ୍ରସାଦରୁ ଅମାଲୁ, ଖେଚୁଡ଼ି ଓ ଡାଲମା ମାଆଙ୍କୁ ସମର୍ପଣ କରାଯାଏ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଟିବେ ୧୫ କୋଟି...

ଦେଶରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି କରିଛି। ତିନୋଟି ପର୍ଯ୍ୟାୟରେ ବାଦ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ପ୍ରାୟ ୩ ପ୍ରତିଶତଙ୍କୁ 'ମୃତ' ବୋଲି ଚିହ୍ନିତ କରାଯାଇଛି। ଅଧିକାଂଶଙ୍କୁ 'ଅନୁପସ୍ଥିତ' କିମ୍ବା 'ସ୍ଥାନାନ୍ତରିତ' ବର୍ଗରେ ରଖାଯାଇଛି। ଏହି ବର୍ଗଗୁଡ଼ିକର ସ୍ପଷ୍ଟ ପରିଭାଷା ଓ ଏକରୂପୀ ପ୍ରକ୍ରିୟା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୁନଶ୍ଚ ଡ୍ରାଫ୍ଟ ତାଲିକାରେ ରହିଥିବା ଅନ୍ୟ ପ୍ରାୟ ଏକ-ପଞ୍ଚମାଂଶ ଭୋଟରଙ୍କୁ ଏସ୍ଆଇଆର୍‌ରେ ନିଯୁକ୍ତି ଅଧିକାରୀମାନେ ଠାବ କରିପାରୁ ନାହାନ୍ତି ବୋଲି କୁହାଯାଉଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ଏହି ଭୋଟରଙ୍କ ସଂଖ୍ୟା ଅଧିକ ଥିବା କୁହାଯାଉଥିଲେ ହେଁ ଏହାର ଯୌକ୍ତିକତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପରିସ୍ଥିତିରେ ଏସ୍ଆଇଆର୍‌ର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏକ ସ୍ୱାଧୀନ ସାର୍ବଜନୀନ ଅଡିଟ୍ କରିବା ଆବଶ୍ୟକ ବୋଲି ଦାବି ହୋଇଛି।

## ଆବୁଧାବିରେ ମୁଖ୍ୟମନ୍ତ୍ରୀ...

ତଥା ଶିଳ୍ପ ସମ୍ବନ୍ଧୀୟ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ସୁଦୃଢ଼ କରିବାକୁ ଆଶା ରଖୁଛୁ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଶିଳ୍ପ ବିଭାଗ ଓ ଇପିକଲ୍‌ର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ୟୁଏଇରେ କାର୍ଯ୍ୟରତ ଅଧିକାରୀ ଓ ପ୍ରତିନିଧିମାନେ ତାଙ୍କୁ ସ୍ୱାଗତ କରିଥିଲେ। ଆବୁଧାବିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଉଚ୍ଚସ୍ତରୀୟ ନିବେଶକ ଓ ବ୍ୟବସାୟିକ ବୈଠକର ପ୍ରସ୍ତୁତି ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ସହ ହେବାକୁ ଥିବା ଆଲୋଚନାକୁ ଫଳପ୍ରଦ ଓ ନିର୍ଦ୍ଦିଷ୍ଟ ଫଳାଫଳ ଭିତ୍ତିକ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଭାରତର ରାଷ୍ଟ୍ରଦୂତଙ୍କୁ ଭେଟି ଭାରତ-ୟୁଏଇ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଓ ଜନସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ନେଇ ଆଲୋଚନା କରିଥିଲେ। ୟୁଏଇରେ ରହୁଥିବା ଓ କାର୍ଯ୍ୟରତ ଓଡ଼ିଆମାନଙ୍କୁ ନିରନ୍ତର ସହଯୋଗ, ସୁବିଧା ଓ ସହଜ ଜୀବନଯାପନର ସୁଯୋଗ ଯୋଗାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଓଡ଼ିଶାର ୟୁଏଇ ନିବେଶ ଅଭିଯାନର ପ୍ରମୁଖ ପର୍ଯ୍ୟାୟ ଆରମ୍ଭ ହେବ। ଆବୁଧାବିରେ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି (ଆଇଏଚ୍‌ସି) ଓ ଏହାର ବିଭିନ୍ନ ବ୍ୟବସାୟିକ ସଂସ୍ଥା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (ଆଇବିପିଜି), ୟୁଏଇର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ଏହାପରେ ପେଟ୍ରୋକେମିକାଲ୍ସ ଓ କେମିକାଲ୍ସ କ୍ଷେତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ହେବ। ଏହି ବୈଠକଗୁଡ଼ିକରେ ଓଡ଼ିଶାରେ ନିର୍ଦ୍ଦିଷ୍ଟ ନିବେଶ ସୁଯୋଗ, ଶିଳ୍ପ ସହଭାଗିତା, ପ୍ରଯୁକ୍ତି ସହଯୋଗ ଓ ଦୀର୍ଘମିଆଦୀ ଶିଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ହେବ। ସୂଚନାଯୋଗ୍ୟ ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି, ବନ୍ଦର, ପ୍ରତିଯୋଗିତାମୂଳକ ବିଦ୍ୟୁତ ଉପଲବ୍ଧତା, ଦକ୍ଷ ମାନବ ସମ୍ବଳ ଏବଂ ଭାରତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଗାଯୋଗକୁ ନିବେଶକଙ୍କ ସମ୍ମୁଖରେ ରଖିବ ରାଜ୍ୟ ପ୍ରତିନିଧିମଣ୍ଡଳୀ। ନିବେଶକଙ୍କ ଆଗ୍ରହକୁ ଭୂମିସ୍ତରରେ ପ୍ରକଳ୍ପରେ ପରିଣତ କରିବା, ନିଯୁକ୍ତି ସୃଷ୍ଟି ଓ ଓଡ଼ିଶାକୁ ବିଶ୍ୱସ୍ତରୀୟ ବ୍ୟବସାୟିକ ଗନ୍ତବ୍ୟ ଭାବେ ସୁଦୃଢ଼ କରିବା ଉପରେ ରାଜ୍ୟ ସରକାରର ମୁଖ୍ୟ ଫୋକସ୍ ରହିବ।

## ୭୦ ସାଂସଦଙ୍କ...

ଜଣ ସହଯୋଗ କରିଥିଲେ। ଏଭଳି ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଇତିମଧ୍ୟରେ କଂଗ୍ରେସର ୩୨ ଜଣ ଏସ୍‌ସି/ଏସ୍‌ଟି ସାଂସଦ ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହା ସ୍ଥିର ହୋଇଛି। ଏହାକୁ ନେଇ ଏକ ଫୋରମ ଗଠନ କରାଯାଇଛି। ସେମାନେ କହିଛନ୍ତି ଯେ ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଓ ସୁବିଧା ଦିଆଯାଇଥିବା ବେଳେ ଶୁଦ୍ଧିକରଣ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି ଯେ ସଂଘ ପରିବାର ଏବେ ବି ଅସ୍ପୃଶ୍ୟତା ମାନସିକତାରୁ ମୁକ୍ତ ହୋଇପାରି ନାହିଁ। ସର୍ବସାଧାରଣରେ ଏସସି/ଏସଟି ସଂପ୍ରଦାୟକୁ ଅପମାନିତ କରାଯାଉଥିବା ବେଳେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

ଇତିମଧ୍ୟରେ ହଲଦୱାନୀରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପ୍ରବଳ ଚାପ ପରେ ସ୍ଥାନୀୟ ଥାନାରେ ଏହି ଶୁଦ୍ଧିକରଣ କାର୍ଯ୍ୟକ୍ରମ ବିରୋଧରେ ଆଜି ଏଫଆଇଆର ରୁଜୁ ହୋଇଛି। ତେବେ ଏଥିରେ କାହାରି ନାମ ନିଆଯାଇନାହିଁ। କେବଳ ଅପରିଚିତ ଲୋକଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମାମଲାର ଯାଞ୍ଚ ପାଇଁ ଏସିପି (କ୍ରାଇମ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଭିଡିଓ ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଭାଙ୍ଗିଲା ଗେରୁଆ...

ଇଣ୍ଡିଆକୁ ଏହାର ଜର୍ସି ରଙ୍ଗ ନିଶ୍ଚିତ କରିବାକୁ କୁହାଯାଇଥିଲା। ହକି ଇଣ୍ଡିଆ ପକ୍ଷରୁ ନୀଳକୁ ପ୍ରଥମ ଓ ଗେରୁଆକୁ ଦ୍ୱିତୀୟ ବିକଳ୍ପ ରଙ୍ଗ ବୋଲି ଅଲିମ୍ପିକ ଆସୋସିଏସନକୁ ଅବଗତ କରିଛି। ତେବେ ହକି ଇଣ୍ଡିଆର କୋଷାଧ୍ୟକ୍ଷ ଜେ. ମନୋହର ଏହି ନିଷ୍ପତ୍ତିକୁ ସାମୟିକ ବୋଲି ଉଲ୍ଲେଖ କରି କହିଛନ୍ତି ଯେ ଗେରୁଆ ଜର୍ସି ସମ୍ପୂର୍ଣ୍ଣ ଭାବରେ ନୀଳକୁ ପରିବର୍ତ୍ତନ କରାଯାଇନାହିଁ, ବା ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ହୋଇନାହିଁ। କେବଳ ଏସୀୟ କ୍ରୀଡ଼ା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

ପ୍ରକାଶଯୋଗ୍ୟ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ନିକଟରେ ଅନୁଷ୍ଠିତ ହୋଇଥିବା ହକି ବିଶ୍ୱକପ ପୂର୍ବରୁ ଭାରତୀୟ ଦଳର ଜର୍ସି ପରିବର୍ତ୍ତନକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଦୀର୍ଘ ବର୍ଷ ଧରି ଭାରତୀୟ ଖେଳାଳି ପରିଧାନ କରିଆସୁଥିବା ପାରମ୍ପରିକ ନୀଳ ରଙ୍ଗକୁ ହଠାତ୍ ବଦଳାଇ ଗେରୁଆକୁ ପରିବର୍ତ୍ତନ କରାଯାଇଥିଲା। ନୀଳ ରଙ୍ଗ ସହ ନୀଳ ଟର୍ଫର ରଙ୍ଗ ସମାନ ହେଉଯାଉଥିବାରୁ ଏହା ଖେଳାଳିଙ୍କ ଦୃଶ୍ୟମାନତା ଉପରେ ପ୍ରଭାବ ପକାଉଥିଲା ବୋଲି ହକି ଇଣ୍ଡିଆ ପକ୍ଷରୁ ଏହି ପରିବର୍ତ୍ତନକୁ ନେଇ ସଫେଇ ଦିଆଯାଇଥିଲା। ତେବେ ଏହାକୁ ନେଇ ଧନରାଜ ପିଲ୍ଲେ, ପର୍ଗତ ସିଂହ, ଅଜିତ ପାଲ୍ ସିଂହ, ବୀରେନ୍ଦ୍ର ରାସକିନାଙ୍କ ସହ ଏକାଧିକ ପୂର୍ବତନ ଭାରତୀୟ ହକି ଖେଳାଳି ଜୋରଦାର ବିରୋଧ କରିଥିଲେ। ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତୀୟ ହକିର ପ୍ରାୟୋଜକ ରହିଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ରଙ୍ଗ ପରିବର୍ତ୍ତନକୁ ନେଇ କଡ଼ା ସମାଲୋଚନା କରିଥିଲେ। ଚାରିଆଡ଼ୁ ସମାଲୋଚନାର ଶିକାର ହେବାପରେ ହକି ସଂଘ ପୁନର୍ବାର ନୀଳ ଜର୍ସିକୁ ଫେରିଥିବା ମନେ କରାଯାଉଛି।

## ଅଡୁଆ ବଢ଼ାଇଲା...

ଅନୁମୋଦନ ମିଳିବା ଏବଂ ଅଗଷ୍ଟ ୧୦ରେ ଦୁଇଜଣ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବା ପରେ ରାଜ୍ୟ ସରକାର ସଂଶୋଧିତ ତାଲିକା ୟୁପିଏସ୍‌ସିକୁ ପଠାଇଥିଲେ। ଏହି ସଂଶୋଧିତ ତାଲିକାରେ ନୂଆ ଭାବେ ଅଧିକାରୀଙ୍କୁ ଡିଜିପି ଚୟନର 'ଜୋନ୍ ଅଫ୍ କନ୍ସିଡରେସନ୍'ରେ ସାମିଲ କରାଯିବାକୁ ନେଇ ମଧ୍ୟ ଆମିକସ୍ କ୍ୟୁରୀ ଆପତ୍ତି ଉଠାଇଛନ୍ତି।

ସୂଚନା ଅନୁସାରେ ଡିଜି ଚୟନ ପ୍ରକ୍ରିୟାରୁ ଜେଲ୍ ଡିଜି ସୁଶାନ୍ତ ନାଥଙ୍କୁ ବାଦ ଦେବା ପାଇଁ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇବା ଘଟଣାକୁ ମଧ୍ୟ ଆମିକସ୍ କ୍ୟୁରୀ ଗମ୍ଭୀରତାର ସହ ନେଇଛନ୍ତି। ରିପୋର୍ଟ ଅନୁସାରେ ଅଗଷ୍ଟ ୫ରେ ଶ୍ରୀ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇ ଦିଆଯାଇଥିଲା। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡର ଏସ୍ଆଇ ପରୀକ୍ଷା ସମ୍ପର୍କିତ ସିବିଆଇ ତଦନ୍ତକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ମାତ୍ର ସିବିଆଇର ଅଗଷ୍ଟ ୪ ତାରିଖର ରିପୋର୍ଟରେ ଶ୍ରୀ ନାଥଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବା, ତାଙ୍କ ବିରୋଧରେ କୌଣସି ଚାର୍ଜସିଟ୍ ଦାଖଲ ହୋଇନଥିବ ଦର୍ଶାଯାଇଥିଲା। ଏହି ପରିସ୍ଥିତିରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କାହିଁକି ଅଟକାଯାଇଥିଲା, ତାହାର ଆଧାର କ'ଣ ଥିଲା ଓ ଚୟନ ପ୍ରକ୍ରିୟାରୁ ଜଣେ ଅଧିକାରୀଙ୍କୁ ବାଦ ଦେବା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା କି ବୋଲି ଆମିକସ୍ କ୍ୟୁରୀ ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ସେ ଅଦାଲତକୁ ୩ଟି ସୁପାରିସ କରିଛନ୍ତି। ଅଗଷ୍ଟ ୧୦ରେ ପଠାଯାଇଥିବା ସଂଶୋଧିତ ତାଲିକାକୁ ଗ୍ରହଣ ନ କରି ମେ' ୧୪ରେ ୟୁପିଏସ୍‌ସିକୁ ପଠାଯାଇଥିବା ମୂଳ ଯୋଗ୍ୟତା ତାଲିକା ଆଧାରରେ ନୂଆ ଡିଜିପି ଚୟନ କରାଯାଉ। ଦ୍ୱିତୀୟତଃ ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ତଥ୍ୟ ନେଇ ଓଡ଼ିଶା ସରକାରଙ୍କଠାରୁ ସ୍ପଷ୍ଟୀକରଣ ତଲବ କରାଯାଉ। ତୃତୀୟତଃ ସୁଶାନ୍ତ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କେଉଁ ଆଧାରରେ ଅଟକାଯାଇଥିଲା, ସେ ସମ୍ପର୍କରେ ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦିଅନ୍ତୁ। ଆମିକସ୍ କ୍ୟୁରୀଙ୍କ ଏହି ରିପୋର୍ଟ ଓ ସୁପାରିସ ଏବେ ଡିଜି ଚୟନ ପ୍ରକ୍ରିୟାକୁ କେବଳ ନୂଆ ମୋଡ଼ ଦେଇନାହିଁ; ରାଜ୍ୟର କ୍ଷମତା ଅଳିନ୍ଦରେ ଏକ ନୂଆ କ୍ଷମତା ଯୁଦ୍ଧର ଆଭାସ ଦେଇଛି।

## ଭୋଗରାଇରୁ ୫...

ପରିସ୍ଥିତିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସୁରକ୍ଷିତ ଭାବେ କାବୁ କରିବା ସହ ଖାଦ୍ୟ ଭାବେ କିଛି ଫଳ ଦିଆଯାଇଥିଲା। ପରେ ଉଦ୍ଧାର ହୋଇଥିବା ସମସ୍ତ ଓରାଙ୍ଗଉଟାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଖବର ପାଇ ଜଳେଶ୍ୱର ରେଞ୍ଜ ଅଧିକାରୀ ଶିଶିର କୁମାର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦୟପୁରରେ ସେମାନଙ୍କୁ ଜଙ୍ଗଲ ଭିତରେ ସ୍ୱତନ୍ତ୍ର ଭାବେ ରଖାଯାଇ ସୁରକ୍ଷା ଓ ଯତ୍ନ ନିଆଯାଇଥିଲା। ସେମାନଙ୍କ ବୟସ ପ୍ରାୟ ୬ ମାସରୁ ୧ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ପରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ଚିଡ଼ିଆଖାନାକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି।

ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନେନି ଗଣମାଧ୍ୟମକୁ କହିଛନ୍ତି ଯେ ଓରାଙ୍ଗଉଟାନ ସାଧାରଣତଃ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖିବାକୁ ମିଳନ୍ତି। ଭୋଗରାଇର ଉପାନ୍ତ ଅଞ୍ଚଳରେ ଏକାଥରେ ୫ଟି ଓରାଙ୍ଗଉଟାନ ମିଳିବା ଘଟଣା ତେଣୁ ବନ ବିଭାଗ ପାଇଁ ମଧ୍ୟ ରହସ୍ୟ ସୃଷ୍ଟି କରିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ବିରଳ ବିଦେଶୀ ଜୀବଗୁଡ଼ିକ ଭୋଗରାଇର ଉପାନ୍ତ ଅଞ୍ଚଳକୁ ଆସିଲେ କେମିତି? କିଏ ଏମାନଙ୍କୁ ଏଠାକୁ ଆଣିଲା? କେଉଁଠାରୁ ଆଣାଯାଇଥିଲା? ଏହାକୁ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଏମାନଙ୍କୁ କେହି ବେଆଇନ ଭାବେ ଆଣି ଜଙ୍ଗଲରେ ଛାଡ଼ି ଦେଇଥିଲା କି, ନା କୌଣସି ଅନ୍ୟ ମାଧ୍ୟମରେ ଏଠାକୁ ପହଞ୍ଚିଥିଲେ, ସେ ଦିଗରୁ ମଧ୍ୟ ତଦନ୍ତ କରାଯାଉଛି। ବିଶେଷକରି ଏହି ଅଞ୍ଚଳ ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଜଳପଥ ଦେଇ ହୁଏତ ଏମାନଙ୍କୁ ଏଠାକୁ ଅଣାଯାଇଥାଇପାରେ ବୋଲି ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ତେବେ ଏହାର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଜିଲ୍ଲା ବନ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନଙ୍କୁ ଆବଶ୍ୟକ ସୁରକ୍ଷା ଓ ଚିକିତ୍ସା ଯାଞ୍ଚ ପାଇଁ ନନ୍ଦନକାନନକୁ ପଠାଯାଇଛି। ଭୋଗରାଇର ଏକ ଝାଉଁ ଜଙ୍ଗଲ ଭିତରୁ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖାଯାଉଥିବା ଏଭଳି ବିରଳ ଜୀବ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ପଛରେ କୌଣସି ବଡ଼ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଅଛି କି ନାହିଁ, ତାହା ତଦନ୍ତରେ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

## ନନ୍ଦନକାନନରେ ସଙ୍ଗରୋଧ...

ଜଳେଶ୍ୱର ପିଆର୍‌ଏଫ ନିକଟରୁ ଏହି ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ଏହି ପ୍ରାଣୀ ଭାରତରେ ନାହାନ୍ତି। ପଶ୍ଚିମବଙ୍ଗରୁ ଏହି ଜୀବମାନଙ୍କୁ ଚୋରାରେ ଅନ୍ୟତ୍ର ନିଆଯାଉଥିବା ଓ କୌଣସି କାରଣରୁ ଏଠାରେ ଛାଡ଼ି ଦିଆଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଗୋଟେ ଓରାଙ୍ଗଉଟାନର ବଜାରରେ ଦାମ ୨୫ ଲକ୍ଷ ଟଙ୍କା; ଏ ସମ୍ପର୍କରେ ଡବ୍ଲୁସିସିବିକୁ ଜଣାଯାଇଛି। ଏହାର ତଦନ୍ତ କରାଯିବ ଏବଂ ଏଆରପୋର୍ଟ, ରେଳବାଇ, ପୁଲିସ ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# କନଷ୍ଟେବଳ ହତ୍ୟା ମାମଲା: କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

କଟକ, ୮।୯ (ସମିସ): ଓଏମ୍‌ଭିଡି କନଷ୍ଟେବଳ ଆଶୁତୋଷ ମୃଦଙ୍ଗିଆଙ୍କ ହତ୍ୟା ଘଟଣାରେ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରି ମାମଲାର ତଦନ୍ତ ଭାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ଗଞ୍ଜାମ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ କନଷ୍ଟେବଳଙ୍କ ଭଉଣୀ ନିବେଦିତା ଦେବୀଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ଜୁନ ୫ରେ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ପୁଲିସ କଲୋନୀରେ କନଷ୍ଟେବଳ ଆଶୁତୋଷ ଗୁରୁତର ଅବସ୍ଥାରେ ମିଳିଥିଲେ। ପରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଆଶୁତୋଷଙ୍କ ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦି ରେକର୍ଡ ହୋଇଥିଲା। ଦୁଇ ଥର ଯାକ ପତ୍ନୀ ସନ୍ଧ୍ୟା ଓ ଶଳାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା; କିନ୍ତୁ ଉଭୟଙ୍କୁ ପୁଲିସ ଗିରଫ କରି ନ ଥିଲା। ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ କରିଥିଲେ ଆଶୁତୋଷଙ୍କ ଭଉଣୀ ନିବେଦିତା। ମୃତକଙ୍କ ଭଉଣୀ ନିବେଦିତା ଦେବୀ ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଆଶୁତୋଷଙ୍କ ପତ୍ନୀ ଜଣେ ପୁଲିସ କନେଷ୍ଟବଳ ହୋଇଥିବାରୁ ପୁଲିସ ଜାଣିଶୁଣି ଗିରଫ କରୁନାହିଁ ବୋଲି ହାଇକୋର୍ଟରେ ତାଙ୍କ ଭଉଣୀ ଦର୍ଶାଇଥିଲେ। ଅଭିଯୁକ୍ତମାନଙ୍କ ସଂପୃକ୍ତି ବିଷୟରେ ମୃତକ କହିଥିବା ସତ୍ତ୍ୱେ ପୁଲିସ ତଦନ୍ତର ଫଳାଫଳ ସନ୍ତୋଷଜନକ ନ ଥିବାରୁ ହାଇକୋର୍ଟ ତୁରନ୍ତ କ୍ରାଇମବ୍ରାଞ୍ଚକୁ ତଦନ୍ତ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।

### ପୂର୍ବ ତଟ ରେଳପଥ

ଶୁଦ୍ଧିପତ୍ର ସଂଖ୍ୟା-୦୩
ଟେଣ୍ଡର ବିଜ୍ଞପ୍ତି ସଂ.ETCECON IIBBS2026029 , ତା.17.08.2026 ରିଖ ପାଇଁ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟାର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବ |
|---|---|
| ତା.17.09.2026 ରିଖ 1200 ଘଟିକା | ତା.30.09.2026 ରିଖ 1200 ଘଟିକା |

ବିସ୍ତୃତ ସଂଶୋଧନ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-187/CJ/26-27

### AFFIDAVIT

By virtue of an affidavit sworn before Executive Magistrate, Barpali, vide no. 542 dtd.28.08.2026, I, Lingaraj Rana, S/o- Late Dambodar Rana, At/Po.- Satalma, Ps./Tahasil- Barpali, Dist.- Bargarh state that,my son's actual name is **Lukesh Rana** and DOB: **29.04.2014** but in his Aadhaar Card no. 5792 9694 0334 his name has been wrongly mentioned as Manas Rana. Hence **Lukesh Rana** and **Manas Rana** is one and same person.

### AFFIDAVIT

By virtue of an affidavit sworn before the Executive Magistrate Rasgabindapur on Dated 8th september 2026, I Sri Buddhadev Marandi, S/o- Mr Hadibandhu Marandi, Address At-Baunsatofa, Po-Jharia, Ps-Rasgabindapur, Dist-Mayurbhanj, State-Odisha, Pin-757016, Odisha, have changed my name from "BDDHADEV MARANDI" to "BUDDHADEV MARANDI". Henceforth, I shall be known as **"BUDDHADEV MARANDI"** for all purposes.

**BUDDHADEV MARANDI**

### AFFIDAVIT

By virtue of an affidavit sworn before the Notary Public, Khordha, dtd. 14.08.2026, I, SAKABAT KHAN, Village-Haripur, P.O.-Anda, P.S.-Khordha Sadar, Dist.-Khordha, PIN-752060, declare that my minor son's name changed from FARIDA BIBI to AKBAR KHAN. Henceforth he shall be known as AKBAR KHAN for all purposes.

**Sd/- SAKABAT KHAN**

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated 08.09.2026, I, Ashish Sundaraya, S/o- Dillip Kumar Sundaray, At-Aiginia, PO-Aiginia, PS-Bharatpur, Dist.-Khordha, PIN-751030, declare that I have changed my name from Asutosh Sundaraya to Ashish Sundaraya. Henceforth, I shall be known as **Ashish Sundaraya** for all purposes.

**Sd/- Ashish Sundaraya**

### AFFIDAVIT

By virtue of an affidavit (CF No. 12, dtd- 15.05.2026) sworn before The Notary Public, Padampur. I, **Suresh Kumar Agrawal** (applicant name), S/o Late Roshanlal Agrawal, resident of Padampur, Ward No.3, PO: Rajborasambar, PS- Padampur, Dist: Bargarh, PIN-768036 declare that I have changed my minor son's name from **Binayak Agrawal** (old name) to **Pratham Agrawal** (new name). Henceforth, he shall be known as **Pratham Agrawal** (new name) for all purposes.

**Suresh Kumar Agrawal**

### AFFIDAVIT

I, Suvrakanta Behura, aged about 38 years, S/O- Maheswar Behura, resident of At/Po- Sahira, Ps- Aul, Dist- Kendrapara, Odisha, PIN- 754215, do hereby declare by this affidavit No. 1856, dtd-07/09/2026, that now onwards I shall be known as **SUBRAKANTA BEHURA** for all future purposes.

### AFFIDAVIT

I, Shaikh Amirul Islam, S/o SK Abdus Salam, resident of At- Nahanga, Po- Sukleswar, Ps- Bhadreswar, Dist- Cuttack Rural, PIN- 754221, Odisha declare by this affidavit No- 8926, dated- 08/09/2026 that now onwards I shall be known as **SK AMIRUL ISLAM** for all future purposes.

### AFFIDAVIT

By virtue of an affidavit No- 2864, sworn before The Executive Magistrate Champua, on dtd- 08/09/2026. I, **Najab Arzoo**, permanent resident of At/Po/Ps-Champua, Dist- Keonjhar, Odisha, PIN- 758041 declared that I have changed my name from **NAZAF ARZOO** (old name) to **NAJAB ARZOO** (new name). Henceforth, I shall be known as **NAJAB ARZOO** for all future purposes.

**Najab Arzoo**

### AFFIDAVIT

By virtue of an affidavit (CF No. 03, dtd- 11/08/2026) sworn before The Executive Magistrate, Padampur. I, **Jagadiswar Sahu**, S/o Kashyamanidhi Sahu, permanent resident of AT/PO: Mahulapali, PS: Padampur, Dist: Bargarh, Odisha declare that I have changed my father's name & date of birth from **Kashyamanidhi Sahu (05.08.1956)** to **Kashyamanidhi Sahu (15.09.1956)** in my PAN Card, bearing No: DNMPS8311E. Henceforth, he shall be known as **Kashyamanidhi Sahu, DOB: 15.09.1956** for all official, non-official, and legal purposes.

**Jagadiswar Sahu**

### KARILOPATNA COLLEGE, KARILOPATNA

Dist-Kendrapara, Odisha

No. 199/26 dt. 4.9.26

**WALK-IN-INTERVIEW**

Applications are invited from eligible candidates for engagement of Lecturer in Physics, Chemistry, I.T, Statistics, Botany & Night Watchman.

Interested candidates may attend the Walk-in Interview with original certificates and testimonials.

| | | |
|---|---|---|
| Date | : | 19.09.2026 (Saturday) |
| Reporting Time | : | 9.00 A.M to 10.00 A.M |
| Interview | : | 11.00 A.M onwards |
| Venue | : | College Premises, Karilopatna |

Candidates must complete registration and document verification within the stipulated reporting time.

Principal
Karilopatna College, Karilopatna
Mob-9437105017

### GOVERNMENT OF ODISHA
### DEPARTMENT OF WATER RESOURCES

32001/832/2627

Office of the Superintending Engineer,
Deo Head Works Division, Karanjia, At/Po-Karanjia, Dist.-Mayurbhanj-757037,
e-mail: teedhwd@gmail.com

**"e" Procurement Notice**

**Bid Identification No.: 03/SEDHWD of 2026-27**

| | | | |
|---|---|---|---|
| 1. | Nature of the Work | : | Civil Work |
| 2. | Number of Works | : | 02 (Two) Nos of Individual Work |
| 3. | Approximate amount put to tender | : | 94.71 Lakhs, 86.93 lakh |
| 4. | Period of Completion | : | 06 (Six) Calendar Months |
| 5. | Class of Contractor | : | "B" Class Contractor |
| 6. | Date & time of Availability of Bid document in the portal | : | Dt. 11.09.2026 - 10 AM to 25.09.2026 up to 5.30 PM |
| 7. | Last date & time of seeking tender clarification | : | Dt. 22.09.2026 up to 1.00 PM |
| 8. | Last date & time of receipt of Bids in the Portal | : | Dt. 25.09.2026 up to 5.30 PM |
| 9. | Date, time & place of opening of Technical Bid/s (Cover-I) | : | Dt.28.09.2026 at 11.30 AM in the O/o the Superintending Engineer, Deo Head Works Division, Karanjia, Mayurbhanj |
| 10. | Date, time & place of opening of Financial Bid/s (Cover-II) | : | To be intimated after evaluation of Technical BID |
| 11. | Name & address of the officer inviting Bid | : | Superintending Engineer, Deo Head Works Division, Karanjia. AT/PO-Karanjia, PS-Karanjia, Dist-Mayurbhanj, PIN-757037 |

*Further details can be seen from the Govt. web site www.tendersodisha.gov.in. Any addendum/corrigendum/cancellation of tender can also be seen in the said Website.

Sd/-
Superintending Engineer,
Deo Head Works Division, Karanjia

OIPR-32001/32248/1/26-27/0004

### Government of Odisha "e" procurement Notice

e-mail: eeghatagaon2015@gmail.com

**Bid Identification No. S.E. GTN (R&B)- 06/2026-27**

34001/762/2627 No. 7119 Dt. 7.9.2026

| | | | |
|---|---|---|---|
| 1 | No. of the work :- | : | 7 No. Fire Fighting System Work & Electrical works |
| 2 | Estimated cost :- | : | From Rs. 11.82 to Rs. 3.09 Lakh |
| 3 | Period of completion :- | : | From 1 (One) Calendar Month. |
| 4 | Date and Time of availability of Bid document in the portal :- | : | From 11.00 Hr 10.09.2026 to 17.00 HR of 21.09.2026 |
| 5 | Last date / Time for receipt of bids in the portal :- | : | 17.00 Hr of 21.09.2026 |
| 6 | Date of opening of Bid from Portal :- | : | 11.30 Hr of 22.09.2026. |
| 7 | Name and address of the officer inviting Bid :- | : | Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal "http://tendersodisha.gov.in"

Superintending Engineer
Ghatagaon (R&B) Division

OIPR-34001/34140/1/26-27/0006

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, BARPALI IRRIGATION DIVISION, BARPALI

32001/836/2627

E-mail id - ee.barpali.canal@gmail.com

**Tender Call Notice No.BID-03(01-01)/2026-27(Online)**

| | | | |
|---|---|---|---|
| 1. | **Nature of Works** | : | Engagement of different categories of personnel on outsourcing basis for operation and maintenance of Hirakud System for Barpali Irrigation Division, Barpali under Additional Chief Engineer, Canal Circle, Burla for the year 2026-27 (From 01.10.2026 to 31.03.2027). |
| 2. | **Nos. of works** | : | 01 (One)No. |
| 3. | **Amount Put to Tender** | : | **Rs. 44,21,586/-** |
| 4. | **Period of Completion** | : | As per D.T.C.N. |
| 5. | **Date and time of availability of Bid Document in the Portal** | : | Dt: 10.09.2026 at 11.00A.M. to Dt:19.09.2026 upto 05.00P.M. |
| 6. | **Last Date/Time for receipt of Bids in the Portal** | : | Dt:19.09.2026 upto 05.00 P.M. |
| 7. | **Date of opening of Bid** | : | Dt:21.09.2026 at11.00A.M. |
| 8. | **Last date & time of seeking tender clarification** | : | Dt:19.09.2026 upto 02.00 P.M. |
| 9. | **Name and address of the Officer Inviting Bid** | : | Superintending Engineer, Barpali Irrigation Division, Barpali At/Po- Barpali, Pin-768029, Dist.-Baragada Email Id - ee.barpali.canal@gmail.com |

1 Any addendum/corrigendum/cancellation of tender can also be seen in the said Website.
2 Further details can be seen from Government Website-http://tenderodisha.gov.in

Superintending Engineer
Barpali Irrigation Division, Barpali

OIPR-32001/32413/1/26-27/0002

### OFFICE OF THE SUPERINTENDING ENGINEER LOWER INDRA CANAL DIVISION, KHADIAL, DIST:-NUAPADA, ODISHA, PIN: 766107

32001/825/2627

E-Mail: eelidc.khr@gmail.com

No: 2224 Date: 03.09.2026

**e-Procurement Notice No. SELICD-04/2026-27 dated 03.09.2026**

The Superintending Engineer, Lower Indra Canal Division, Khadial Dist-Nuapada, on behalf of the Governor of Odisha, invites Request for Proposal (RFP) through online mode in double cover system from eligible bidders for the works as detailed below: -

**Name of work :- "Concurrent Evaluation Study in respect of Lower Indra Irrigation Project under PMKSY- AIBP & PMKSY- CADWM scheme for the Financial Years 2021-22 to 2025-26."**

| | | |
|---|---|---|
| 1 | Period of completion | 02 (Two) calendar months |
| 2 | Period of Availability | From 10.00AM of 10.09.2026 of Bid Document in the Portal to 28.09.2026 up to 5.00 PM. |
| 3 | Last Date / Time for Receipt of Bid | 28.09.2026 up to 5.00 PM |
| 4 | Date and Time of Opening of Technical Bid | 29.09.2026 at 11.30 AM |
| 5 | Place of Sale & Receipt of Bid | On- Line through e-Procurement i.e. www.tendersodisha.gov.in |
| 6 | Name & address of the officer inviting Bid | Superintending Engineer, Lower Indra Canal Division, Khadial |
| 7 | Further details can be seen from e-Procurement Portal | "https://www.tendersodisha.gov.in" |

Superintending Engineer
Lower Indra Canal Division,
Khadial

OIPR-32001/32206/1/26-27/0003

### बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**ବ୍ୟାଙ୍କ ଅଫ୍ ବରୋଦା,** କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡିଶା

**ଦଖଲ ବିଜ୍ଞପ୍ତି** (ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପର କଥିତ ନିୟମର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଦର୍ଶିତ ତାରିଖରେ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ସାମନ୍ତରାପୁର ଶାଖା** **ଋଣଗ୍ରହୀତା: (୧)ଲୋପାମୁଦ୍ରା ଦାସ, (୨)କଳ୍ପନା ଦାସ,** ଉଭୟଙ୍କ ଠିକଣା: ସୁଧବାରିମୂଳ, ତୁଳସୀପୁର, ନିମାପଡା, ପୁରୀ, ଓଡିଶା, ପିନ୍ - ୭୫୨୧୧୩। | ଖାତା ନଂ.୩୨୭/୧୫୦, ପ୍ଲଟ ନଂ.୩୧୧/୧୦୧୫, ଅନୁରୂପ ପୂର୍ବ ଖାତା ନଂ.୩୨୭/୩, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି ଯାହାର ପୁନଃ ଅନୁରୂପ ଖାତା ନଂ.୨୬୨, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି, ଜିଲ୍ଲା: ପୁରୀ, ଏସ୍ଆରଓ/ ତହସିଲି: ନିମାପଡା, ଥାନା: ନିମାପଡା, ଥାନା ନଂ.୨୨୦, ମୌଜା: ସୁଧବାରିମୂଳ, ଓଡିଶା, ଚାରିପାର୍ଶ୍ୱରେ: ଉତ୍ତର - ରାସ୍ତା, ଦକ୍ଷିଣ- କ୍ରେତା, ପୂର୍ବ- ଗନ୍ଧର୍ବ ସାହୁ, ପଶ୍ଚିମ- ଭେଣ୍ଡର, ସମ୍ପତ୍ତି **ଶ୍ରୀମତୀ କଳ୍ପନା ଦାସ,** ସ୍ୱା: ଶ୍ରୀ ସନାତନ ଦାସ ଙ୍କ ନାମରେ ଅଛି। | ୨୫.୦୬.୨୦୨୬ / ୦୩.୦୯.୨୦୨୬ | ତା.୦୮.୦୬.୨୦୨୬ ସୁଦ୍ଧା **ଟ.୫୩,୩୦,୧୦୨/-** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

**ସ୍ଥାନ:ଭୁବନେଶ୍ୱର, ତାରିଖ-୦୮.୦୯.୨୦୨୬** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା**

**ପରକଣା ଆଦର୍ଶ ବିଦ୍ୟାଳୟ**

# ୫ ବର୍ଷ ପରେ ବି ଶେଷ ହେଉନି ନିର୍ମାଣ କାମ



**ଗରଦପୁର,୮।୯(ସମିସ):** ଗରଦପୁର ବ୍ଲକ ପରକଣା ଗ୍ରାମରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅବ୍ୟବସ୍ଥା ଦେଇ ଗତି କରୁଛି। ଦୀର୍ଘ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ବିଦ୍ୟାଳୟରେ ୬ଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୬୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଗୃହ ଓ ଅଫିସ ଗୃହ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଗୃହ ଓ ଉପର ମହଲାକୁ ପାଇଁ ନିର୍ମାଣାଧୀନ ରାମ୍ପ ଦୀର୍ଘ ଦିନ ହେବ ଅସମ୍ପୂର୍ଣ୍ଣ ହୋଇପଡିରହିଛି। ସେହିପରି ଛାତ୍ର ନିବାସ ଗୃହ ସମ୍ପୂର୍ଣ୍ଣ ହୋଇଥିବାବେଳେ ଛାତ୍ରୀ ନିବାସ ଗୃହ ଓ ରୋଷଶାଳା ଗୃହ ଅସମ୍ପୂର୍ଣ୍ଣ ହୋଇପଡିରହିଛି। ବିଦ୍ୟାଳୟର ପାଚେରି ନିର୍ମାଣ ଅସମ୍ପୂର୍ଣ୍ଣ ଥିବାବେଳେ ଫାଟକ ନଥିବାରୁ ବୁଲା ଗୋରୁ, ଛେଳି ମେଣ୍ଢା ଅବାଧରେ ବିଦ୍ୟାଳୟ ପରିସରରେ ପ୍ରବେଶ କରୁଛନ୍ତି। ବିଦ୍ୟାଳୟ ପରିସରରେ ଖେଳପଡିଆ ପାଇଁ ପ୍ରଶସ୍ତ ସ୍ଥାନ ଥିଲେ ମଧ୍ୟ ଖେଳପଡିଆ ନିର୍ମାଣ ହୋଇପାରୁନି। ମୁଖ୍ୟ ରାସ୍ତାରୁ ବିଦ୍ୟାଳୟ ମଧ୍ୟକୁ ଥିବା ସଂଯୋଗୀକରଣ ରାସ୍ତା ଖାଲଖମାରେ ପୂର୍ଣ୍ଣ ରହିଛି। ବର୍ଷାଦିନେ ଏହି ରାସ୍ତାରେ ଯାତାୟାତ ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟ ପ୍ରଥମେ ଅସ୍ଥାୟୀ ଭାବେ କୁଦାନଗରୀ ହାଇସ୍କୁଲରେ ଚାଲୁଥିଲା। ବିଦ୍ୟାଳୟର କ୍ରମଶଃ ଶ୍ରେଣୀ ସଂଖ୍ୟା ବୃଦ୍ଧି ପାଇବାରୁ ଅସ୍ଥାୟୀ ଭାବେ ଚାଲୁଥିବା ହାଇସ୍କୁଲରେ ସମସ୍ତ ଶ୍ରେଣୀରେ ଶିକ୍ଷାଦାନରେ ଅସୁବିଧା ହେବାରୁ ଗତବର୍ଷ ସେପ୍ଟେମ୍ବର ମାସରେ ନିର୍ମାଣାଧୀନ ଏହି ନୂତନ ଗୃହକୁ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଛାତ୍ରାବାସ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ଅଟୋ, ବୋଲେରୋ ଆଦି ଗାଡ଼ି ଭଡା କରି ଯାତାୟାତ କରୁଛନ୍ତି। ନିକଟରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ନେଉଯାଉଥିବା ଏକ ଅଟୋ କୋଇଡ଼ା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ଛାତ୍ର ଆହତ ହୋଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେନ୍ଦ୍ରାପଡା ଉପଜିଲ୍ଲାପାଳ ଅଛନ୍ତି କିନ୍ତୁ ଦୀର୍ଘ ୫ ବର୍ଷ ଭିତରେ ଏହି ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଥରେ ଅନୁଷ୍ଠିତ ହୋଇଥିବା ପରିଚାଳନା କମିଟି ସଦସ୍ୟ ପ୍ରକାଶ କରିଛନ୍ତି। ଚଳିତ ମାସ ୩ ତାରିଖରେ ଜିଲ୍ଲାପାଳ ରଘୁନାଥ ଆର ଆୟାର ବ୍ଲକ ମିଳିତ ଜନଶୁଣାଣି ଶିବିରକୁ ଆସି ଫେରୁଥିବା ସମୟରେ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଅଧକ୍ଷ ଏକାଧିକ ଦିନ ଧରି କୌଣସି ସୂଚନା ପ୍ରଦାନ ନକରି ଅନୁପସ୍ଥିତ ରହିବା ଓ ବିଦ୍ୟାଳୟ ପରିଚାଳନାରେ ବ୍ୟାପକ ଅନିୟମିତତା ଅନୁଭବ କରି ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜିଲ୍ଲାପାଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ନିର୍ଦ୍ଦେଶକଙ୍କୁ ଜଣାଇବା ପରେ ସଂପୃକ୍ତ ଅଧକ୍ଷାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା, ଚଳିତ ମାସ ୫ ତାରିଖରେ ଅଧକ୍ଷା ନିଲମ୍ବିତ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟାଳୟ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ବିଦ୍ୟାଳୟ ପରିଚାଳନାରେ ବ୍ୟାପକ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଆଦର୍ଶ ବିଦ୍ୟାଳୟ ନିର୍ଦ୍ଦେଶକ ଓ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବାକୁ ଅଭିଭାବକ ଓ ସ୍ଥାନୀୟ ଲୋକ ଦାବି କରିଛନ୍ତି।

**▶▶ ଗରଦପୁର ବଜାରରେ ନିଶା କାରବାର ଅଭିଯୋଗ**

# ବୃଦ୍ଧିପାଉଛି ଅପରାଧ, ନିୟମିତ ଚଢ଼ଉ ଦାବି

**ଗରଦପୁର,୮।୯(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବ୍ରାଉନସୁଗର, ଚୋରା ବିଦେଶୀ ମଦ ଓ ରନ୍ଧା ମଦ ଜବତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯିବା ଘଟଣା ପରେ ଗରଦପୁର ଅଞ୍ଚଳରେ ନିଶା କାରବାରକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗରଦପୁର ବଜାର ଓ ଏହା ଆଖପାଖ ଅଞ୍ଚଳରେ ବ୍ରାଉନସୁଗର, ଚୋରା ମଦ ଓ ଗଞ୍ଜେଇ କାରବାର ଚାଲୁଥିବା ନେଇ ସ୍ଥାନୀୟ ମହଲରେ ଅଭିଯୋଗ ହେଉଥିବାବେଳେ ନିୟମିତ ଚଢ଼ଉ କାହିଁକି ହେଉନାହିଁ ବୋଲି ପ୍ରଶ୍ନ ଉଠୁଛି। ଗରଦପୁର ଅଞ୍ଚଳରେ ନିଶା କାରବାର ରୋକାଯିବାକୁ ନିୟମିତ ଚଢ଼ଉ କରାଯିବା ନେଇ ଦାବି ହେଉଛି।

ପଟ୍ଟାମୁଣ୍ଡାଇ, ନିକିରାଇ ଓ ମାର୍ଶାଘାଇ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉରେ ବିପୁଳ ନିଶାଦ୍ରବ୍ୟ ଜବତ ହେବା ଘଟଣା ଅବୈଧ ନିଶା କାରବାରର ବ୍ୟାପକତାକୁ ନେଇ ଆଲୋଚନା ବଢ଼ାଇଛି। ଗରଦପୁର ଅଞ୍ଚଳରେ ଯଦି ଏଭଳି କାରବାର ସମ୍ପର୍କରେ ଅଭିଯୋଗ ରହିଛି, ତେବେ ଏହା ଉପରେ ବିଭାଗ କେତେ ଗୁରୁତ୍ୱ ଦେଉଛି, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅବୈଧ ନିଶାଦ୍ରବ୍ୟର ସହଜ ଉପଲବ୍ଧତା ଯୁବପିଢ଼ି ପାଇଁ ଚିନ୍ତାର କାରଣ ହୋଇପାରେ। ନିଶା କାରବାର ବଢ଼ିଲେ ଚୋରି, ଗଣ୍ଡଗୋଳ, ମାରପିଟ ଓ ଅନ୍ୟାନ୍ୟ ଅପରାଧିକ ଘଟଣା ବଢ଼ିବାର ଆଶଙ୍କା ରହିଛି। ତେଣୁ ଗରଦପୁର ଭଳି ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳରେ ନିଶା କାରବାର ଉପରେ କଡ଼ା ନଜର ରଖିବା ଜରୁରୀ ବୋଲି ସ୍ଥାନୀୟ ଲୋକେ ମତ ଦେଉଛନ୍ତି। ବିଶେଷକରି ବଜାର ଅଞ୍ଚଳ, ଜନଶୂନ୍ୟ ସ୍ଥାନ, ନଦୀବନ୍ଧ ଓ ରାସ୍ତାକଡ଼ରେ ନିଶା କାରବାର ହେଉଛି କି ନାହିଁ, ତାହାର ଯାଞ୍ଚ ସହ ନିୟମିତ ପାଟ୍ରୋଲିଂ ଓ ଅଚାନକ ଚଢ଼ଉ କରାଯିବା ଆବଶ୍ୟକ ବୋଲି ଦାବି ହେଉଛି।

ସ୍ଥାନୀୟ ଅଭିଯୋଗ ଅନୁଯାୟୀ, ଗରଦପୁର ବଜାରରେ ନିଶା କାରବାର ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ପ୍ରଭାବୀ ପଦକ୍ଷେପ ନିଆଯାଉନାହିଁ। ଏହି ଅଭିଯୋଗର ସତ୍ୟତା କେତେ, ତାହା ତଦନ୍ତସାପେକ୍ଷ। ଅଭିଯୋଗ ସତ୍ତ୍ୱେ ଯଦି ଚଢ଼ାଉ ହେଉନାହିଁ, ତେବେ ଏହା ପଛରେ କାହାର ଅବହେଳା ରହିଛି, ତାହା ମଧ୍ୟ ତଦନ୍ତ ପରିସରକୁ ଆସିବା ଆବଶ୍ୟକ। ପଟ୍ଟାମୁଣ୍ଡାଇ ଓ ଅନ୍ୟ ଅଞ୍ଚଳରେ ଅବକାରୀ ଚଢ଼ଉ ଚାଲିଥିବାବେଳେ ଗରଦପୁର ବଜାରରେ ମଧ୍ୟ ଅଚାନକ ଚଢ଼ଉ କରାଯାଇ ନିଶା କାରବାରର ବାସ୍ତବ ଚିତ୍ର ସାମ୍ନାକୁ ଆଣିବାକୁ ଦାବି ହେଉଛି। ଯଦି ଅଭିଯୋଗ ଭିତ୍ତିହୀନ, ତେବେ ଚଢ଼ଉ ମାଧ୍ୟମରେ ଏହା ସ୍ପଷ୍ଟ ହୋଇପାରିବ। ଯଦି କାରବାର ଚାଲିଥାଏ, ତେବେ ଏହାର ମୁଖ୍ୟ କାର୍ପଟଦାରଙ୍କ ପର୍ଯ୍ୟନ୍ତ ପହଞ୍ଚିବା ଅବକାରୀ ବିଭାଗ ପାଇଁ ଚ୍ୟାଲେଞ୍ଜ ହେବ। ଗରଦପୁର ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ଅବକାରୀ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଭାବେ ନିୟମିତ ଚଢ଼ଉ, ଗୁପ୍ତ ସୂଚନା ସଂଗ୍ରହ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗରେ ପଦକ୍ଷେପ ନିଆଯିବାକୁ ସ୍ଥାନୀୟ ମହଲରୁ ଦାବି ହୋଇଛି।

# ରାସ୍ତାରୁ ପିଚୁ ଉଠି ଆଣ୍ଠୁଏ ଖାଲ



**ମଣିଜଙ୍ଗା,୮।୯(ସମିସ):** ମଣିଜଙ୍ଗା ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧୀନରେ ଥିବା ଏରସମା ମଣିଜଙ୍ଗା ରୋଡର ବିଭିନ୍ନ ଜାଗାରେ ପିଚୁ ଉଠି ଆଣ୍ଠୁଏ ଖାଲ ହୋଇଗଲାଣି। ଖାଲରେ ଯାତ୍ରୀମାନେ ବାଇକ୍‌ରୁ ପଡ଼ି ଖଣ୍ଡିଆ ଖାବରା ହୋଇ ମେଡିକାଲ ଯାଉଛନ୍ତି। ହେଲେ ପୂର୍ତ୍ତବିଭାଗର ଦୃଷ୍ଟି ପଡୁ ନାହିଁ। ବାରମ୍ବାର ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ମଣିଜଙ୍ଗା ପଞ୍ଚାୟତର ଇନ୍ଦରପା ଗ୍ରାମର ବଙ୍କାଣି ମୁଣ୍ଡରେ ଖାଲ ହୋଇଥିବା ବେଳେ ବୋଧେଇ ଜଗାବଳିଆ ହୋଟେଲ ସାମ୍ନାରେ ରାସ୍ତା ଖାଲ ହୋଇଯାଇଛି। ଏଥି ପ୍ରତି ପୂର୍ତ୍ତ ବିଭାଗର ଉଚ୍ଚପଦସ୍ଥ ଅଫିସର ତୁରନ୍ତ ଦୃଷ୍ଟି ଦେଇ ରାସ୍ତାକୁ ମରାମତି କରିବା ପାଇଁ ଏ ଅଞ୍ଚଳର ବୃଦ୍ଧିଜୀବି ମାନେ ଦାବି କରିଛନ୍ତି।

# ଇଫ୍‌କୋ ଓ କୋରଡେଟ୍ ପକ୍ଷରୁ କୃଷକ ପ୍ରଶିକ୍ଷଣ ଶିବିର



**ପାରାଦୀପ,୮।୯(ସମିସ):** ଇଫକୋ ପାରାଦୀପ ୟୁନିଟ୍ ସ୍ୱର୍ଣ୍ଣ ଜୟନ୍ତୀ ସଭାଗାର ପରିସରରେ କୋରଡେଟ୍ ସହଭାଗିତାରେ ଏକଦିନିଆ କୃଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଶତାଧିକ ପ୍ରଗତିଶୀଳ ପୁରୁଷ ଓ ମହିଳା ଏହି ଶିବିରରେ ଯୋଗ ଦେଇଥିଲେ। ଇଫ୍‌କୋର ୟୁନିଟ୍ ହେଡ୍ ଅନିରୁଦ୍ଧ ସିଂହ ଏହି ଦିନିକିଆ ଶିବିରକୁ ଉଦଘାଟନ କରିଥିଲେ। ଏହି ଶିବିରରେ ସୋଆ ବିଶ୍ୱବିଦ୍ୟାଳୟର ସିଆଇବିଆର ନିର୍ଦ୍ଦେଶକ ପ୍ରଫେସର ଡ. ଏଚ୍‌ଏନ୍ ଥାଟୋଇ, ଜେନେରାଲ ମ୍ୟାନେଜର (ପୋର୍ଟ ଆଣ୍ଡ ଲଜିଷ୍ଟିକ) ବୀରକିଶୋର ମିଶ୍ର, ଡିଜିଏମ୍ (ପିଆଣ୍ଡଏ) ବିଜୟ କୁମାର ପରିଡା, କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ, ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଯୋଗ ଦେଇ ଥିଲେ। ଇଫକୋର ନାନୋ ସାରର ଗୁରୁତ୍ୱ ଏବଂ ସ୍ଥାୟୀ, ପରିବେଶ ଅନୁକୂଳ ଓ ଜଳବାୟୁ-ସହନଶୀଳ କୃଷି କ୍ଷେତ୍ରରେ ଏକ ନୂଆ ସମ୍ଭାବନା ସୃଷ୍ଟି କରିଥିବା ନେଇ କୋରଡେଟ୍ ଅଧ୍ୟକ୍ଷ କୁଳମଣି ମାଝୀ ସ୍ୱାଗତ ଭାଷଣରେ ଉଲ୍ଲେଖ କରିଥିଲେ। ଇଫକୋର ନାନୋ ସାରର ଆଜି ସମଗ୍ର ଦେଶରେ କୃଷି ଓ କୃଷକମାନଙ୍କର ପ୍ରଥମ ପସନ୍ଦ ଭାବେ ଉଭା ହୋଇଥିବା ନେଇ ଇଫକୋ ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ ଆଲୋକପାତ କରିଥିଲେ। ଶେଷରେ ଇଫକୋ ପ୍ରଶାସନିକ ଅଧିକାରୀ ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଧ୍ୟାପକ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ



**ନାଉଗାଁ,୮।୯(ସମିସ):** ଭୁବନେଶ୍ୱରର ଜୟଦେବ ଭବନଠାରେ ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚରାଲ ଏକାଡେମୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୁରୁ ପୂଜନ ଉତ୍ସବ ଓ ସ୍ୱର ମହ୍ଲାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଅଣନାତି ମିହିର କୁମାର ମେହେର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରାଧ୍ୟାପକ ସରୋଜ କୁମାର ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବତ୍ ଗୀତାବିତ୍ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ ବରେଣ୍ୟ ଅତିଥି ଭାବରେ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଡେପୁଟି ସେକ୍ରେଟାରୀ ତ୍ରିଲୋଚନ ବରାଳ, ବିଶ୍ୱଦେବ ସମାଜର ସଭାପତି ସୁଶାନ୍ତ କୁମାର ଶତପଥୀ ଓ ଭାରତୀୟ ସେନବାହିନୀର ପୂର୍ବତନ ଅଧିକାରୀ ଅକ୍ଷୟ କୁମାର ନାଥ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିନେଶ କୁମାର ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଥିବା ନାଉଗାଁ ଅଞ୍ଚଳର ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ସରୋଜ କୁମାର ନାୟକଙ୍କୁ ଗୁରୁଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ରାଜନଗର ପୁଲିସ ପକ୍ଷରୁ ନିଶା ନିବାରଣ କାର୍ଯ୍ୟକ୍ରମ




**ରାଜନଗର,୮।୯(ସମିସ):** ରାଜନଗର ପୁଲିସ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର କେନ୍ଦ୍ରାପଡ଼ା ଏସପି. ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ଲକ ହାତୀନାସ୍ଥ ଲକ୍ଷ୍ମୀବରାହ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଥାନା ଇନ୍ସପେକ୍ଟର ରତିରଞ୍ଜନ ନାୟକ ଯୋଗଦେଇ ନିଶା ସେବନର ଭୟବହତା, ଛୋଟ ଅବସ୍ଥାରେ ପିଲାମାନେ ନିଶା ସେବନ କରିବା ଦ୍ୱାରା କିଭଳି ସମାଜରେ ପ୍ରତିଫଳିତ ହୋଇ ଅସାମାଜିକ କାର୍ଯ୍ୟ ବଢ଼ିବା ସହିତ ଭବିଷ୍ୟତ ପିଢ଼ିର ବଂଶଧର ଦିଗ ଭ୍ରଷ୍ଟ ହୋଇ ଦେଶ ପାଇଁ କଳଙ୍କିତ ଅଧ୍ୟାୟ ସୃଷ୍ଟି କରୁଛନ୍ତି ତାହା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହିତ ନିଶାଠାରୁ ଦୁରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏଏସଆଇ. ଶିଶିର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୁଲିସ ଷ୍ଟାଫ୍ ଓ ହାତୀନା ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷକ ପରିଚାଳନା କରିଥିଲେ। ଆଇଆଇସି ଶ୍ରୀ ନାୟକ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀଙ୍କୁ ନିଶାଠାରୁ ଦୁରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ। ସେହିପରି କୁରୁଣ୍ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ନିଶା ନିବାରଣ କାର୍ଯ୍ୟକ୍ରମ ପୁଲିସ ପକ୍ଷରୁ ଆୟୋଜନ କରାଯାଇ ସଚେତନର ବାର୍ତ୍ତା ବଣ୍ଟାଯାଇଥିଲା। ଏଥିରେ ଆଇଆଇସି ଶ୍ରୀ ନାୟକଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ପୁଲିସ ଷ୍ଟାଫ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ସିଆରସିଏସ ତ୍ରୈଲୋଚନ ଦାସ, ପୂର୍ବତନ ସରପଞ୍ଚ ରଞ୍ଜନ ମହାନ୍ତି ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ରେଡିଓ ଆଉଟରିଚ୍‌ର ସଚେତନତା କାର୍ଯ୍ୟକ୍ରମ




**ଏରସମା,୮।୯(ସମିସ):** ବର୍ଷା ଋତୁରେ ବିଶୁଦ୍ଧ ଓ ସୁରକ୍ଷିତ ପାନୀୟ ଜଳର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରେଡିଓ ଆଉଟରିଚ୍ ୯୦.୮ ଏଫ୍‌ଏମ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଇବ୍ରିସିଂହ ଜୟକୃଷ୍ଣ ଉଚ୍ଚ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ନାରୋକାଷ୍ଟିଂ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନେ ଜଳ ପ୍ରଦୂଷିତ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଏହା ଫଳରେ ବିଭିନ୍ନ ଜଳବାହିତ ରୋଗର ସଂକ୍ରମଣ ମଧ୍ୟ ବଢ଼ିଥାଏ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର, ଜଳକୁ ସୁରକ୍ଷିତ ଭାବେ ସଂରକ୍ଷଣ ଏବଂ ବ୍ୟକ୍ତିଗତ ସ୍ୱଚ୍ଛତା ଅଭ୍ୟାସ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଡିଓ ଆଉଟରିଚ୍ ୯୦.୮ ଏଫ୍‌ଏମର ଷ୍ଟେସନ୍ ଡାଇରେକ୍ଟର ସୁବ୍ରତ କୁମାର ପତି ଯୋଗଦେଇ ବିଷୟର ବିଭିନ୍ନ ଦିଗ ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବର୍ଷାଦିନେ ଜଳର ସୁରକ୍ଷା ପ୍ରତି ସଚେତନ ରହିବା ସହ ନିଜେ ସୁସ୍ଥ ରହିବା ଏବଂ ପରିବାର ଓ ସମାଜରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ମୁରଲୀ ଚରଣ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ଓ ସ୍ୱଚ୍ଛତା ଅଭ୍ୟାସ ଗଢ଼ି ତୋଳିବାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ରେଡିଓ ଆଉଟରିଚ୍ ପକ୍ଷରୁ ପ୍ରସ୍ତୁତ ସଚେତନତାମୂଳକ ଜିଙ୍ଗଲ୍ ଶୁଣିଥିଲେ। ରେଡିଓ ମାଧ୍ୟମରେ ସରଳ ଓ ଆକର୍ଷଣୀୟ ଢଙ୍ଗରେ ସ୍ୱାସ୍ଥ୍ୟ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟ ଭୁଷଣ ତରାଇ ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରବିନ୍ଦ୍ର କୁମାର ଦାଶ ରେଡିଓ ଆଉଟରିଚ୍‌ର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ବିଦ୍ୟାଳୟ ସ୍ତରରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ମତ ରଖିଥିଲେ। ରେଡିଓ ଆଉଟରିଚ୍‌ର ସଂଯୋଜକ ତୃପ୍ତି ରଞ୍ଜନ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ନୂଆହାଟ ପାଟରୁ ନିଷ୍କାସିତ ହୋଇପାରୁନି ଉଦ୍‌ବୃତ୍ତ ବର୍ଷାଜଳ



**ଡେରାବିଶ,୮।୯(ସମିସ):** ନୂଆହାଟ ପାଟରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସିତ ହୋଇପାରୁନି। ଫଳରେ ପାଟରେ ଥିବା ୨୦୦୦ରୁ ଅଧିକ ଚାଷୀଙ୍କ ୪୭୦୦ ଏକର ଚାଷଜମିରେ ଫସଲ ହେବା ନେଇ ଆଶଙ୍କା ଦେଖାଦେଇଛି। ଚଳିତ ବର୍ଷ ଖରିଫ୍ ଚାଷ ସମୟରେ ସ୍ଥାନୀୟ ଅଞ୍ଚଳରେ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବା ଯୋଗୁଁ ବର୍ଷା ପାଣି ଏବେ ପାଟରୁ ନିଷ୍କାସିତ ହୋଇନପାରି ଜମି ରହିଛି। ପାଟରେ ଲକ୍ଷ୍ମୀନାରାୟଣପୁର, ରଘୁଦେଇପୁର, ବେଣୀପୁର ଓ ଏଣ୍ଡର ପଞ୍ଚାୟତ ସମେତ ଯାଜପୁର ଜିଲ୍ଲାର ଭରତପୁର ପଞ୍ଚାୟତର ଚାଷୀଙ୍କ ଚାଷଜମି ରହିଛି। ୩୦ ବର୍ଷ ହେବ ଏହି ପାଟଜମିରେ ଜଳ ପରିଚାଳନା ଠିକ ଭାବେ ହୋଇପାରୁ ନ ଥିବାରୁ ଏ ଅଞ୍ଚଳର ବହୁ ଚାଷଜମି ଏବେ ବେଣା ଜଙ୍ଗଲରେ ପରିଣତ ହେଲାଣି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଚାଷୀ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଡ୍ରେନେଜ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ନିବେଦନ କରିଆସୁଥିଲେ ମଧ୍ୟ ଫଳଶୂନ। ଏହି ପାଟ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ନୂଆହାଟ ପାଟ ବିକାଶ ପରିଷଦ ପକ୍ଷରୁ ଅଞ୍ଚଳର ଚାଷୀ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଦ୍ୟାନ କୃଷି ବିଭାଗ ପ୍ରମୁଖ ସଚିବଙ୍କ ସହିତ ଜିଲ୍ଲାପାଳ ଓ ଡ୍ରେନେଜ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

୪୭୦୦ ଏକର ଚାଷଜମିକୁ କୃଷି ଯନ୍ତ୍ରପାତିର ଯାତାୟାତ ପାଇଁ ରାସ୍ତା ନିର୍ମାଣ, ଜଳସେଚନ ବ୍ୟବସ୍ଥା, ଉଦବୃତ୍ତ ଜଳ ନିଷ୍କାସନ ପାଇଁ ପଦକ୍ଷେପ, ବେଣା ଜଙ୍ଗଲର ସଫେଇ କରାଯାଇ ଜମିକୁ ଚାଷୋପଯୋଗୀ କରିବା, ଧାନ ପରିବର୍ତ୍ତେ ଉଦ୍ୟାନ, ମତ୍ସ୍ୟ ଓ ଡାଲି ଜାତୀୟ ଫସଲକୁ ପ୍ରୋତ୍ସାହନ ଦେବା, ସରକାରୀ ପ୍ରୋତ୍ସାହନ, ବର୍ଷ ବର୍ଷ ଧରି ବେଣାବୁଦାରେ ପରିଣତ ଚାଷଜମିରୁ ଜଳକର ଛାଡ଼, ଗୋଷ୍ଠୀଗତ ଚାଷ ପାଇଁ ଆବଶ୍ୟକ ମାର୍ଗଦର୍ଶନ ଦେବାକୁ ବିକାଶ ପରିଷଦ ଆବାହକ ସଂଗ୍ରାମ କେଶରୀ ସିଂହଙ୍କ ନେତୃତ୍ୱରେ ଚାଷୀ ସରକାରଙ୍କୁ ଦାବି ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାବେଳେ ଲଘୁଚାପଜନିତ ବର୍ଷା ପାଇଁ ଏହି ପାଟ ଜମିରେ ଦୁଇରୁ ତିନିଫୁଟ ଉଚ୍ଚର ପାଣି ଜମି ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ରଘୁଦେଇପୁର ପଞ୍ଚାୟତର କେଶପୁରଠାରେ ନିର୍ମିତ ସ୍ଲୁଇସ୍ ଗେଟ୍ ଦୀର୍ଘବର୍ଷ ହେଲା ଅଚଳ ହୋଇପଡ଼ିଥିବାରୁ ଜଳ ନିଷ୍କାସନରେ ବାଧାପ୍ରାପ୍ତ ହୋଇଛି। ୫୩ନଂ ଜାତୀୟ ରାଜପଥ ଦେଇ ଯାଇଥିବା ପାଟନାଳୀର ହରିଦାସପୁର-ପାରାଦୀପ ରେଳଲାଇନ୍‌ରେ ଜଳନିଷ୍କାସନ ପାଇଁ ନିର୍ମିତ ପୋଲରେ ବହୁମାତ୍ରାରେ ଦଳ ଭର୍ତ୍ତି ହୋଇଥିବାରୁ ଏହା ପାଣିକୁ ଅଟକାଇ ଚାଷୀଙ୍କ ଦୁଃଖକୁ ଦୁଇଗୁଣିତ କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଚାଷୀ ନଟବର ବେହେରା, ବସନ୍ତ ପଲେଇ, ସରୋଜକାନ୍ତ ପଣ୍ଡା, ଆନନ୍ଦ ସ୍ୱାଇଁ, ଅଭିରାମ ସିଂହ, ହରେକୃଷ୍ଣ ମହାନ୍ତି, ପ୍ରଫୁଲ୍ଲ ସେଠୀ, ଲୋକନାଥ ବେହେରା ପ୍ରମୁଖ ଦାବି କରିଛନ୍ତି।

## ସ୍କୁଟି ଧକ୍କାରେ ବେପାରୀ ଗୁରୁତର

**ଡେରାବିଶ, ୮।୯(ସମିସ):** କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଲ କଲେଜ ଛକ ନିକଟରେ ଏକ ସ୍କୁଟି ଧକ୍କାରେ ଜଣେ ପାନ ବ୍ୟବସାୟୀ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର (ଢିଅସାହି) ଗ୍ରାମର ବିଜୟ ମଲିକଙ୍କ ପୁଅ ଶାରଦା ଗତକାଲି ରାତିରେ ବ୍ୟବସାୟ ସାରି ସାଇକଲରେ ଫେରୁଥିବା ସମୟରେ କଲେଜ ଛକ ନିକଟରେ ଜଣେ ସ୍କୁଟି ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦ୍ରାପଡ଼ା ଓ ପରେ କଟକ ମେଡ଼ିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ




**ଜଗତସିଂହପୁର,୮।୯(ସମିସ):** ଜଗତସିଂହପୁର ସହରର ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିଶୁବାଟିକା ସ୍ତରର ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃ ମଣ୍ଡଳୀକୁ ସମ୍ବୋଧନ କରିଥିଲେ। ଜିଲ୍ଲା ପ୍ରମୁଖ ରଶ୍ମିକାନ୍ତ ସାହୁ ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିବା ବେଳେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାତଃପର୍ଯ୍ୟାୟ ପ୍ରମୁଖ ସୁରେନ୍ଦ୍ର ନାଥ ମହାନ୍ତି ଓ ଶିଶୁବାଟିକା ପ୍ରମୁଖ ସ୍ୱର୍ଣ୍ଣ ମଞ୍ଜରୀ ବାହାଲିଆ ଗୁରୁମା’ ଅନ୍ୟ ଗୁରୁଜୀ ଓ ଗୁରୁମାଙ୍କ ସହାୟତାରେ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

**■ ମଣିଚରଣ ଶାରଳା ଏକାଡେମୀ**

# ୧୯୭୩ ବ୍ୟାଚ ସହପାଠୀଙ୍କ ମିଳନ ଉତ୍ସବ




**ତିର୍ତ୍ତୋଲ,୮।୯(ସମିସ):** ପୁରାତନ ଶିକ୍ଷାନୁଷ୍ଠାନ ତିର୍ତ୍ତୋଲ ମଣିଚରଣ ଶାରଳା ଏକାଡେମୀ ୧୯୭୩ ମାଟ୍ରିକ ବ୍ୟାଚ ସହପାଠୀଙ୍କ ଷଷ୍ଠ ବାର୍ଷିକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ବୀଣାପାଣି ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ସହପାଠୀ ପରମାନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓ ପ୍ରଭାକର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସହପାଠୀ ବସନ୍ତ ପରିଜା, ଲାଲମୋହନ ନାୟକ, ସୀତାନାଥ ସାହୁ, ପ୍ରଭାତ ମହାପାତ୍ର, ନରେନ୍ଦ୍ର ସାହୁ, ସୋମନାଥ ଦାଶ, ଦିଲୀପ ରାୟ, ଗଣେଶ୍ୱର ମଲ୍ଲିକ, ଗୀତିମୟ ପରିଜା, ନରହରି ମିଶ୍ର, ବିଜୟ କୁମାର ନାଥ ଶର୍ମା, ବିକ୍ରମାଦିତ୍ୟ ରାୟ, ନରେନ୍ଦ୍ର କୁମାର ସାହୁ ଓ ବିଷ୍ଣୁ ଚରଣ ମହାପାତ୍ର ଯୋଗ ଦେଇଥିଲେ। ସହପାଠୀ ମାନେ ବିଦ୍ୟାଳୟର ଦିନର ବିଭିନ୍ନ ସ୍ମୃତିକୁ ରୋମାନ୍ଥନ କରି ଆନନ୍ଦିତ ହୋଇଥିଲେ। ପ୍ରାରମ୍ଭରେ ସହପାଠୀ ମାନେ ଦିବଂଗତ ସହପାଠୀ ଓ ଶିକ୍ଷା ଗୁରୁଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସୁମଧୁର ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**▶▶ କାଗଜକଲମରେ ଚାଲିଛି ଜଳ ନିଷ୍କାସନ ଯୋଜନା**

# ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଉବୁଟୁବୁ

**ପଟ୍ଟାମୁଣ୍ଡାଇ,୮।୯(ସମିସ):**

ଚଳିତ ବ୍ରାହ୍ମଣୀ ନଦୀର ବାରମ୍ବାର ବନ୍ୟା ଯୋଗୁଁ ଧୋୟାଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ପଡ଼ିଥିବାବେଳେ ଭେଡ଼ା ଅଞ୍ଚଳ ବର୍ଷା ବିପ୍ରାତରେ ଜନଜୀବନ ଅତିଷ୍ଠ ହୋଇପଡିଛି। ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ ଜଳମଗ୍ନ ହେବା ସହିତ ହଜାର ହଜାର ଏକର ଜମିର ଫସଲହାନି ଘଟିଛି। ବହୁ ଲୋକଙ୍କ ଘର ଭାଙ୍ଗିଛି। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ଭେଡ଼ା ଅଞ୍ଚଳ ଲୋକେ ଦୁର୍ଦ୍ଦଶା ଭୋଗ କରିବା ସହିତ ହଜାର ହଜାର ଏକର ଜମି ବୁଡି ଯାଇ ଫସଲହାନି ଆଶଙ୍କା ଦେଖାଦେଇଛି। ଏଥିସହ ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଉବୁଟୁବୁ ହେଉଛି। ଜଳ ନିଷ୍କାସନ ଯୋଜନା କାଗଜକଲମରେ ଚାଲିଛି। ଫଳରେ ସହରରେ ଏଭଳି ଅବସ୍ଥା ସୃଷ୍ଟି ହେଉଛି।

ପଟ୍ଟାମୁଣ୍ଡାଇବାସୀଙ୍କୁ ସହରୀ ସୁବିଧାର ସୁନେଲି ସ୍ୱପ୍ନ ଦେଖାଇ ୧୯୮୮ରେ ପଟ୍ଟାମୁଣ୍ଡାଇକୁ ଏନଏସି ଘୋଷଣା କରାଯାଇଥିଲା। ଆନନ୍ଦରେ ଉତଫୁଲ୍ଲିତ ପଟ୍ଟାମୁଣ୍ଡାଇବାସୀ ସହର ସୁବିଧା ପାଇ ଗର୍ବରେ ଛାତି ଫୁଲାଇ ବୁଲିବେ ବୋଲି ଭାବି ନେଇଥିଲେ। ଇତିମଧ୍ୟରେ ବର୍ଷେ କିମ୍ବା ଦୁଇବର୍ଷ ନୁହେଁ ୩୭ ବର୍ଷ ବିତିଯାଇଛି। ତେବେ ପୌରାଞ୍ଚଳବାସୀଙ୍କ ଭାଗ୍ୟ ବଦଳିନାହିଁ। ପୌରାଞ୍ଚଳ ଅଧିବାସୀ ସହରୀ ମାନ୍ୟତା ପାଇବା ପାଇଁ କେବଳ ମନଇଚ୍ଛା ମାତ୍ରାଧିକ ଟିକସ ଗଣିବା ସାର ହୋଇଛି। ପଞ୍ଚାୟତ ଗାଁର ମଫସଲି ସଭ୍ୟତାରୁ ସହରୀ ସଭ୍ୟତାର ମୋହ ପୌରାଞ୍ଚଳବାସୀଙ୍କୁ ମହରଗରୁ ଯାଇ କାନ୍ତରାରେ ପଡିବା ଭଳି ହୋଇଛି। ପଞ୍ଚାୟତରେ ସ୍ୱଳ୍ପ ଟିକସ ଦେଇ ଗ୍ରାମାଞ୍ଚଳ ଲୋକ ଅତ୍ୟାଧୁନିକ ସହରୀ ସୁବିଧା ସୁଯୋଗ ଉଜ୍ଜ୍ୱଳ ଆଲୋକ, ପାଇପ ଯୋଗେ ବିଶୁଦ୍ଧ ପାଣି, ଲୋଭନୀୟ ଢଳେଇ ରାସ୍ତା ଆଦି ବିଭିନ୍ନ ସୁବିଧା ପାଉଥିବା ପୌରାଞ୍ଚଳରେ ମାତ୍ରାଧିକ ଟିକସ ଦେଇ ଯନ୍ତ୍ରଣା ଭୋଗ କରୁଥିବା ଅଞ୍ଚଳବାସୀ ସମସ୍ୟା ପରେ ସମସ୍ୟାକୁ ସାଥୀ କରି କେବଳ ଭାଗ୍ୟକୁ ନିନ୍ଦିବା ଛଡା କିଛି



କରିପାରୁନାହାଁନ୍ତି। ପଟ୍ଟାମୁଣ୍ଡାଇ ସହର ସମେତ ପୌରାଞ୍ଚଳର ଜଳନିଷ୍କାସନ ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦୀର୍ଘବର୍ଷ ଧରି ଉଭା ହୋଇଛି।

ଇତିମଧ୍ୟରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ୫ଟି ନିର୍ବାଚିତ ବୋର୍ଡ ନିଜର କାର୍ଯ୍ୟକାଳ ସଂପୂର୍ଣ୍ଣ କରିଥିବାବେଳେ ଜଳନିଷ୍କାସନ ଯୋଜନା କେବଳ କାଗଜକଲମରେ ଚାଲିଥିବା ଜଣାପଡିଛି। ପଟ୍ଟାମୁଣ୍ଡାଇ ପୌର ପରିଷଦରେ ଅନାବଶ୍ୟକ ସ୍ଥାନରେ ରାସ୍ତା ନିର୍ମାଣ କରାଯାଇ ସରକାରୀ ରାଜସ୍ୱ ଖର୍ଚ୍ଚ କରାଯାଉଥିବାବେଳେ ପୌର ଅଧିବାସୀ ଜଳବନ୍ଦୀ ଜୀବନଯାପନ କରିବା ସହରୀ ସୁବିଧାର ମାନଦଣ୍ଡ ବୋଲି ପୌର କର୍ତ୍ତୃପକ୍ଷ ବିବେଚନା କରୁଛନ୍ତି। ଅସରାଏ ବର୍ଷା ହେଲେ ପଟ୍ଟାମୁଣ୍ଡାଇ ସହର ସ୍ଥିତି ବିଗିଡ଼ିବା ସହିତ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି ଓ ସାମାନ୍ୟ ବର୍ଷାରେ ପଟ୍ଟାମୁଣ୍ଡାଇ ସହର ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ପ୍ରଶାସନର ପାରିବାପଣିଆକୁ ପ୍ରମାଣିତ କରିଛି ଓ ଅସରାଏ ବର୍ଷାରେ ପଟ୍ଟାମୁଣ୍ଡାଇ ସହର, ସବଡିଭିଜନ ହସ୍ପିଟାଲ, ପଶୁ ଡାକ୍ତରଖାନା, ସରକାରୀ ବାଳିକା ହାଇସ୍କୁଲ, ସବରେଜିଷ୍ଟ୍ରସନ ଅଫିସ, ସରକାରୀ ବସଷ୍ଟାଣ୍ଡ, ଯଜ୍ଞ ପଡିଆ, ଡେଲି ମାର୍କେଟ, ବ୍ଲକ କଲୋନୀ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଓ ସରକାରୀ ଅଫିସ ଦପ୍ତରରେ ବର୍ଷା ପାଣି ଲହଡି ଭାଙ୍ଗୁଛି ଓ ପଟ୍ଟାମୁଣ୍ଡାଇ କଲେଜ ରୋଡ଼ରେ ସ୍ଥିତି ସଂଗୀନ ହୋଇପଡିଛି ଓ ପଟ୍ଟାମୁଣ୍ଡାଇ ସହରକୁ ଛାଡି ଦେଲେ କଲେଜ ରୋଡ଼ ଏକ ଅତ୍ୟନ୍ତ ସ୍ପର୍ଶକାତର ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିଲେ ସାମାନ୍ୟ ବର୍ଷାରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଯାତାୟାତ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି ଓ ବର୍ଷାପାଣି ଜମି ରହିବା ଫଳରେ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲରେ ଶିକ୍ଷାଦାନ, ସବଡିଭିଜନ ହସ୍ପିଟାଲରେ ରୋଗୀସେବା ଗୁରୁତର ଭାବେ ପ୍ରଭାବିତ ହେଉଥିବାବେଳେ ବସଷ୍ଟାଣ୍ଡ, ଡେଲି ମାର୍କେଟ ଓ ଯଜ୍ଞ ପଡିଆ ଅପହଞ୍ଚ ପାଲଟିଛି ଓ ବର୍ଷା ଜଳ ନିଷ୍କାସନ ପାଇଁ ସୁନିୟନ୍ତ୍ରିତ ବ୍ୟବସ୍ଥା ନଥିବାରୁ ବହୁ କଚ୍ଚା ଘରେ ପଶି ଯିବା ଫଳରେ ଗୃହ ଗୁଡିକ କ୍ଷତିଗ୍ରସ୍ତ ହେଉଛି ଓ ବର୍ଷାଜଳ ନିଷ୍କାସନ ପାଇଁ ବର୍ଷ ବର୍ଷ ଧରି ଯୋଜନା କେବଳ କାଗଜକଲମରେ ଚାଲିଥିବା ପୌରାଞ୍ଚଳବାସୀ ପ୍ରକାଶ କରିବା ସହିତ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ଏ ଦିଗରେ ରାଜ୍ୟର ନୂତନ ସରକାର ଓ ପୌର ପ୍ରଶାସନ ଅବିଳମ୍ବେ ସ୍ଥାୟୀ ଜଳ ନିଷ୍କାସନ ଯୋଜନା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଜନଅସନ୍ତୋଷ ଉଗ୍ର ରୂପ ଧାରଣ କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

# ସମୁଦ୍ରରେ ଲହଡ଼ି ମାଡ଼ରେ ମତ୍ସ୍ୟଜୀବୀ ମୃତ

ପାରାଦୀପ,୮।୯ (ସମିସ)

## ବିଭିନ୍ନ ଦାବି ନେଇ ବନ୍ଦର ୪ ନମ୍ବର ଫାଟକରେ ଧାରଣା





ଗଭୀର ସମୁଦ୍ରରେ ମାଛ ଧରିବାକୁ ଯାଇ ଜଣେ ମତ୍ସ୍ୟଜୀବୀଙ୍କର ମୃତ ଘଟିଛି। ମୃତକ ମତ୍ସ୍ୟଜୀବୀ ହେଲେ ଷଣ୍ଢକୁଦରେ ରହୁଥିବା ଲେଙ୍କା ଆପାନା (୨୯)। ସୂଚନା ମୁତାବକ ଗତ ୭ ତାରିଖ ସକାଳେ ଷଣ୍ଢକୁଦ ଅଞ୍ଚଳର ୫ ଜଣ ମତ୍ସ୍ୟଜୀବୀ ଡଙ୍ଗା ନେଇ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ମାଛ ମାରିବା ସମୟରେ ବିରାଟ ଲହଡ଼ି ମାଡ଼ରେ ସେହି ୫ ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ଲେଙ୍କା ଆପାନାଙ୍କର ଛାତିରେ ଜୋରରେ ଆଘାତ ଯୋଗୁ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଏନେଇ ତାଙ୍କର ଛାତିରେ ବହୁ ଜୋରରେ ଯନ୍ତ୍ରଣା ହେବାରୁ ଶୀଘ୍ର ଚିକିତ୍ସାର ଆବଶ୍ୟକତା ପଡିଥିଲା। ତେବେ ଶୀଘ୍ର ଚିକିତ୍ସା କରାଇବା ପାଇଁ ହେଲେ ତାଙ୍କୁ ପାରାଦୀପ ବନ୍ଦର ମଧ୍ୟ ଦେଇ ଆଣିବାକୁ ସେମାନେ ଚାହିଁଥିଲେ। ଏନେଇ ସେମାନେ ପୋର୍ଟ ପାଟ୍ରୋଲିଂ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। ସେମାନଙ୍କର ଅନୁରୋଧକୁ ପୋର୍ଟ ପାଟ୍ରୋଲିଂ କର୍ମଚାରୀ ପ୍ରତ୍ୟାଖ୍ୟାନ କରିଥିଲେ। ଏନେଇ ବନ୍ଦର ପକ୍ଷରୁ କୌଣସି ଅନୁମତି ମିଳିନଥିଲା ବୋଲି କହିଥିଲେ। ତେବେ ରାତି ୧୨.୩୦ରୁ ୨ଟା ରାତି ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରି ରହିଥିଲେ। ଅନୁମତି ନ ମିଳିବା ଫଳରେ ସେମାନେ ବାଧ୍ୟ ହୋଇ ନେହେରୁ ବଙ୍ଗଳା ଦେଇ ହସ୍ପିଟାଲକୁ ଆସିଥିଲେ। ଗୁରୁତର ଭାବେ ଆହତ ବ୍ୟକ୍ତିଙ୍କୁ ଅଠରବାଙ୍କୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେତେବେଳକୁ ବହୁତ୍ ଡେରି ହୋଇ ଯାଇଥିଲା ଓ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମତ୍ସ୍ୟଜୀବୀ ମୃତ୍ୟୁକୁ ନେଇ ଷଣ୍ଢକୁଦ ଅଞ୍ଚଳର ମୃତକଙ୍କ ପରିବାର ଲୋକ ଓ ସ୍ଥାନୀୟ ଅଞ୍ଚଳବାସୀ ବନ୍ଦର ୪ ନମ୍ବର ଫାଟକ ନିକଟରେ ଧାରଣାରେ ବସିଥିଲେ। ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗକୁ ନେଇ ସନ୍ଧ୍ୟାରେ ବନ୍ଦର କର୍ତ୍ତୃପକ୍ଷ, ମୃତକଙ୍କ ପରିବାର ଲୋକ ଏବଂ ମତ୍ସ୍ୟ ବ୍ୟବସାୟୀ ସଂଘ ମଧ୍ୟରେ ଏକ ଆଲୋଚନା ହୋଇଥିଲା। ଆଲୋଚନାରେ ମୃତକଙ୍କ ଶୁଦ୍ଧି କାର୍ଯ୍ୟ ପାଇଁ ବନ୍ଦର ପକ୍ଷରୁ ୨୫ ହଜାର, ରେଡ୍‌କ୍ରସ ପକ୍ଷରୁ ୧୫ହଜାର ଟଙ୍କା ଦେବା ନେଇ ସ୍ଥିର ହୋଇଛି। ବନ୍ଦର ଅଧ୍ୟକ୍ଷ ଆସିଲେ ଆସନ୍ତା ଶନିବାର ପରିବାର ପକ୍ଷରୁ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଦାବି କରାଯାଇଥିବା ମୃତକଙ୍କ ସ୍ତ୍ରୀକୁ ଚାକିରି ଓ ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବା ନେଇ ସ୍ଥିର ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଡଙ୍ଗାରେ ମାଛ ଧରୁଥିବା ବେଳେ ମତ୍ସ୍ୟଜୀବୀ ମୃତ

ପାରାଦୀପ, ୮।୯ (ସମିସ): ମହାନଦୀର ବୋଇତରା କୁଦ ନିକଟରେ ଡଙ୍ଗାରେ ମାଛ ଧରୁଥିବା ବେଳେ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝିମାଣି ଗ୍ରାମର ସ୍ୱର୍ଗତ ବୁଦ୍ଧଦେବ ସେଠୀଙ୍କ ପୁଅ ରବୀନ୍ଦ୍ର ସେଠୀ (୬୭)। ସେ ମାଛ ଧରୁଥିବା ବେଳେ ଅସାବଧାନତା ହେତୁ କୌଣସି କାରଣରୁ ଡଙ୍ଗାରୁ ପାଣିକୁ ଗଳି ପଡ଼ିଥିଲେ। ଚିକିତ୍ସା ପାଇଁ ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ଅଠରବାଙ୍କୀ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇ ନଥିବା ଥାନା ଆଇଆଇସି ବବିତା ଦେହୁରୀ ସୂଚନା ଦେଇଛନ୍ତି।

■ ବଡ଼ପଡ଼ିଆ ମାର୍କେଟରେ ପ୍ଲାଷ୍ଟିକ ସାମଗ୍ରୀ ଚଢ଼ଉ

## ବ୍ୟାପକ ପଲିଥିନ୍ ଜବତ; ଜରିମାନା ଆଦାୟ

ପାରାଦୀପ,୮।୯ (ସମିସ): ପାରାଦୀପ ବନ୍ଦର ସହରରେ ଥିବା ବଡ଼ପଡ଼ିଆ ମାର୍କେଟରେ ମ୍ୟୁନିସିପାଲିଟି ପକ୍ଷରୁ ଆଜି ଚଢ଼ଉ କରାଯାଇଥିଲା। ବ୍ୟବସାୟୀ ମାନେ ବ୍ୟାପକ ପରିମାଣରେ ପଲିଥିନ୍ ବ୍ୟବହାର କରୁଥିବାରୁ ପରିବେଶ ପ୍ରଦୂଷଣ ବଢୁଛି। ଏନେଇ ଆଜି ଆଞ୍ଚଳିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ ଏହି ଚଢାଉ ଜାରି ରହିଥିଲା। ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ, ପଲିଥିନ୍, ଥର୍ମୋକଲ, ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଏବଂ ଅନ୍ୟାନ୍ୟ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାର, ବିକ୍ରୟ ଓ ବଣ୍ଟନ ବିରୋଧରେ ଏହି ଚଢ଼ଉ କରାଯାଇଥିଲା। ଏହି ଅଭିଯାନ ସମୟରେ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀର ବିତରକ ଓ ଯୋଗାଣକାରୀମାନଙ୍କ ଉପରେ ବିଶେଷ ନଜର ଦିଆଯାଇଥିଲା। ବଡ଼ପଡ଼ିଆ ମାର୍କେଟର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ପାଖାପାଖି ୪୫୦ କେଜିର ପଲିଥିନ୍, ଥର୍ମୋକଲ ଓ ଡିସ୍ପୋଜେବୁଲ ପ୍ଲାଷ୍ଟିକ ଗ୍ଲାସ ଜବତ କରାଯାଇଥିଲା। ଉଲ୍ଲଙ୍ଘନକାରୀମାନଙ୍କ ଠାରୁ ବିଶେଷକରି ବିତରକ ମାନଙ୍କ ଠାରୁ ୯୬,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତେବେ ପରିବେଶ ସୁରକ୍ଷା ନିୟମର କଡାକଡି ପ୍ରବର୍ତ୍ତନ, ସ୍ୱଚ୍ଛତା ବଜାୟ ରଖିବା ଏବଂ ପ୍ଲାଷ୍ଟିକମୁକ୍ତ, ପରିଷ୍କାର ଓ ପରିବେଶ ଅନୁକୂଳ ପାରାଦୀପ ଗଠନ ନିମନ୍ତେ ପୌରପାଳିକା ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ଏହି ଅଭିଯାନ ଚାଲିଥିବା ଜଣାପଡିଛି। ଏହି ଚଢ଼ଉ କାର୍ଯ୍ୟକ୍ରମରେ ପୌର ନିର୍ବାହୀଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ପୌର କର୍ମଚାରୀ, ପ୍ରଦୂଷଣ ବୋର୍ଡର କର୍ମଚାରୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

» ନିମିଡ଼ି ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା

## ୩ ଗିରଫ; ଚୋରି ସମ୍ପତ୍ତି ଉଦ୍ଧାର

ପାରାଦୀପ, ୮।୯ (ସମିସ): ପାରାଦୀପ ଲକ୍ ଥାନା ଅଧୀନ ନିମିଡ଼ି ଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାରେ ଲକଥାନା ପୁଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଗେଟ ବଜାର ଅଞ୍ଚଳର ପ୍ରମୋଦ ନାୟକ (୩୫), ରଞ୍ଜନ ସ୍ୱାଇଁ (୪୬) ଓ କୃଷ୍ଣା ରାଓ (୫୨)। ଘଟଣା ଅନୁଯାୟୀ ଗତ ୭ ତାରିଖରେ ନିମିଡ଼ି ଗ୍ରାମର ମାନଶ ରଞ୍ଜନ ସ୍ୱାଇଁ ଲକ୍‌ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କ ଘର ପରିସରରେ ଥିବା ଜଗନ୍ନାଥ ମନ୍ଦିରରୁ ଦୁର୍ବୃତ୍ତମାନେ ଜଗନ୍ନାଥଙ୍କ ସମସ୍ତ ପୂଜା ସାମଗ୍ରୀ ଚୋରି କରି ନେଇଛନ୍ତି। ଏସ୍‌ପି ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପାରାଦୀପ ଲକ୍ ପୁଲିସ ଷ୍ଟେସନର ଆଇଆଇସି ରଶ୍ମିରଞ୍ଜନ ଦାଶ ତାଙ୍କ ଟିମ ସହିତ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଜବତ ସାମଗ୍ରୀ ଗୁଡିକ ମଧ୍ୟରେ ୧୧ଟି ପିତ୍ତଳ ଖଟୁଲି, ଗୋଟିଏ ପିତ୍ତଳ ପ୍ଲେଟ୍, ଦୁଇଟି ରୂପା ମୁକୁଟ, ଗୋଟିଏ ରୂପା ବଂଶୀ, ଲୁହା ଦଣ୍ଡ, ଭଗବାନ କୃଷ୍ଣଙ୍କ ଗୋଟିଏ ପିତ୍ତଳ ମୂର୍ତ୍ତି, ରାଧାଙ୍କ ଗୋଟିଏ ପିତ୍ତଳ ମୂର୍ତ୍ତି, ଭଗବାନ ନାରାୟଣଙ୍କ ଗୋଟିଏ ପିତ୍ତଳ ମୂର୍ତ୍ତି ଓ ମା' ଲକ୍ଷ୍ମୀଙ୍କ ଗୋଟିଏ ପିତ୍ତଳ ମୂର୍ତ୍ତି ରହିଛି।

## ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା



ଜଗତସିଂହପୁର,୮।୯ (ସମିସ): ପ୍ରଜ୍ଞାନ ମିଶନ ପକ୍ଷରୁ ଏକ ଗୀତା ଆବୃତ୍ତି ପ୍ରତିଯୋଗିତା ଜଗତସିଂହପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଆଧ୍ୟାତ୍ମିକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଡ. କୁଞ୍ଜବିହାରୀ ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଚାରକ ଭାବେ ବିପିନି ବିହାରୀ ପାଣିଗ୍ରାହୀ, ସ୍ମୃତିରଞ୍ଜନ ଦାଶ, ବଂଶୀଧର ଆଚାର୍ଯ୍ୟ, ବିନାୟକ ଉପାଧ୍ୟାୟ, ସ୍ୱର୍ଣ୍ଣପ୍ରଭା ସାମନ୍ତରାୟ, ବସନ୍ତ କୁମାର ଦାଶ, ନବଘନ ମୁଦୁଲି, ସୁବାସ ଚନ୍ଦ୍ର ବେଉରା, ବିଜୟ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଉକ୍ତ ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ହେଲେ 'କ' ବିଭାଗରେ ଆରୋଶ୍ରୀ ଅଂଶୁମାନ ନାୟକ, ବିଘ୍ନେଶ କୁମାର ସ୍ୱାଇଁ, ସମର୍ପିତା ସାହୁ, 'ଖ' ବିଭାଗରେ ଏମ ସାଇକ୍ରୀଷ୍ଣା, ଶ୍ରେୟାଶ୍ରୀ ସାହୁ, ସୁସ୍ମିତା ପରିଡା ଓ ଏ. ଏମ ରୋଶନୀ, 'ଗ' ବିଭାଗରେ ଶ୍ରୀୟାଶ୍ରୀ ରାଉତ, ଶୁଭଶ୍ରୀ ମାଳବିକା ସ୍ୱାଇଁ, ଅନନ୍ୟା ଶୁଭଦର୍ଶିନୀ ଓ 'ଘ' ବିଭାଗରେ କେ. ଶୁଭଲକ୍ଷ୍ମୀ ସାହୁ କୃତିତ୍ୱ ହାସଲ କରିଛନ୍ତି। ଉଦଯାପନୀ ଉତ୍ସବରେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ଏବଂ ଅଧ୍ୟାପକ ଭଗବାନ ଦାଶ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ, ବ୍ଲକ ସଂଯୋଜକ ରବୀନ୍ଦ୍ର ମିଶ୍ର ଏବଂ ଆଲୋକ କୁମାର ଖଟୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁର୍ଗାପ୍ରସାଦ ସ୍ୱାଇଁ, ବିବେକାନନ୍ଦ ନାୟକ, ସରୋଜ କୁମାର ଦ୍ୱିବେଦୀ ଓ ଶୁଭଶ୍ରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବିଷ୍ଣୁଚରଣ ସ୍ୱାଇଁଙ୍କୁ ଜୀବନୀ ଲେଖକ ସମ୍ମାନ



ବାଲିକୁଦା,୮।୯ (ସମିସ): ବାଲିକୁଦା ବ୍ଲକ ବୋରିକିନା ଅଞ୍ଚଳର ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କୃତ କୃତୀ ଶିକ୍ଷକ ଡ. ବିଷ୍ଣୁଚରଣ ସ୍ୱାଇଁଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ଲେଖକ ସମ୍ମାନରେ ସମ୍ମାନିତ କରାଯାଇଛି। ରାଜ୍ୟର ସର୍ବପୁରାତନ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶତାବ୍ଦୀ ଭବନରେ ଆୟୋଜିତ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସମ୍ପାଦକ ରାଜୀବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଡ. ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଉପସ୍ଥିତ ଥିଲେ।

## ଝଙ୍କଡ଼ ସାହିତ୍ୟ ସଂସଦ ଓ ସୁଶ୍ରୀ ଶୁଭଶ୍ରୀର କବିତା ଆସର

ତିର୍ତ୍ତୋଲ,୮।୯ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶାଗବାରିଆ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଭା ଗୃହରେ ଧର୍ମଗୁରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଉତ୍ସବ ପାଳନ ଅବସରରେ ଝଙ୍କଡ଼ ସାହିତ୍ୟ ସଂସଦ ଓ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ରାଷ୍ଟ୍ରଧର୍ମୀ କବିତା ଆସର ଝଙ୍କଡ଼ ସାହିତ୍ୟ ସଂସଦ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ମହାନଦୀବିହାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ ସାହୁ, ମୁଖ୍ୟବକ୍ତା ପଣ୍ଡିତ ନାଗୁ ଚରଣ ଦେବତା, ବିଶିଷ୍ଟ ଅତିଥି ସରସ୍ୱତୀ ସ୍ୱାମୀ ଡ. ଶ୍ରୁତି ସାଗର ମହାରାଜ, ସମ୍ମାନୀତ ଅତିଥି ଗୀତିକବି ସମାଜ ସମ୍ପାଦକ ପ୍ରେମଚାନ୍ଦ ମହାନ୍ତି, ଝଙ୍କଡ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ମହେଶ୍ୱର ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀ ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ ଯୋଗଦେଇଥିଲେ। ଧର୍ମଜାଗରଣ ମଞ୍ଚ ଜିଲ୍ଲା ସମ୍ପାଦକ ପ୍ରଦୀପ ଲେଙ୍କା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ରାଷ୍ଟ୍ର ଧର୍ମ ସମ୍ପର୍କିତ କବିତା ଆସରକୁ କବୟିତ୍ରୀ ସବିତା ନାୟକ, ଦିଗମ୍ବର ରାଉତ ଓ ବୈଦ୍ୟନାଥ ସାହୁ ସଂଯୋଜନା କରିଥିଲେ। ରତିକ ରଞ୍ଜନ ସାମଲ, ଶିକ୍ଷାବିତ ଶରତ ଚନ୍ଦ୍ର ତାରିଣୀଆ, ନିମାଇଁ ଚରଣ ବିଶ୍ୱାଳ, ରମାକାନ୍ତ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ମାନସ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶ୍ରୀ ଶୁଭଶ୍ରୀର ସଭାପତି ପ୍ରେମ ଚରଣ ରାଉତ୍, ଉପ ସଭାପତି ହେମନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ଝୁଲରାମ ଦାସ, ନିତ୍ୟାନନ୍ଦ ନାୟକ, ବାସବ ନନ୍ଦ, ଗୀତା ଦାସ, ଅଶୋକ ଲେଙ୍କା ସମେତ ଝଙ୍କଡ ସାହିତ୍ୟ ସଂସଦ, ସୁଶ୍ରୀ ଶୁଭଶ୍ରୀ ଓ ଧର୍ମ ଜାଗରଣ ମଞ୍ଚର ସଦସ୍ୟ ମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସମାଜସେବୀ ମାନସ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ



ବାଲିକୁଦା,୮।୯ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ପୋଦରୁଆଁ ଦଳିତ ସାହିରେ ଜଣେ ଯୁବତୀଙ୍କ ମୃତ୍ୟୁକୁ ନେଇ ଶୋକର ଛାୟା ଖେଳିଯାଇଛି। ମୃତ ଯୁବତୀ ହେଲେ ଚଗଲି ଦାସଙ୍କ ଚତୁର୍ଥ କନ୍ୟା ନନ୍ଦିନୀ ଦାସ (୨୨)। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୧୫ମିନିଟ ସମୟରେ ନନ୍ଦିନୀ ନିଜ ଘରର ବାରିପଟେ ଥିବା ଏକ କନିଅର ଗଛରେ ଓଢ଼ଣୀ ସାହାଯ୍ୟରେ ଝୁଲି ପଡ଼ିଥିଲେ। କିଛି ସମୟ ପରେ ତାଙ୍କ ଦାଦାବୋହୂ ସୋନାଲି ବାରିପଟକୁ ଯାଇଥିବା ବେଳେ ନନ୍ଦିନୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଡାକପକାଇଥିଲେ। ପରେ ତାଙ୍କ ମା' ରଞ୍ଜିତା ଦାସ ଘଟଣାସ୍ଥଳରେ ପହଞ୍ଚି ନନ୍ଦିନୀଙ୍କୁ ତଳକୁ ଆଣି ଏକ କାର୍ ଯୋଗେ ବାଲିକୁଦା ମେଡିକାଲକୁ ନେଇଥିଲେ। ତେବେ ମେଡିକାଲରେ ଚିକିତ୍ସା କରୁଥିବା ଡାକ୍ତର ନନ୍ଦିନୀଙ୍କୁ ମୃତ ଘୋଷଣା କରିବା ସହ ବାଲିକୁଦା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଲିକୁଦା ପୁଲିସ ଏକ ଟିମ୍ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ପକ୍ଷରୁ ରିପୋର୍ଟ ମିଳିବା ପରେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲକୁ ପଠାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ପରିବାର ଓ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଘଟଣାର କିଛି ସମୟ ପୂର୍ବରୁ ନନ୍ଦିନୀ ପଡ଼ୋଶୀଙ୍କ ଘରେ ଟିଭି ଦେଖୁଥିଲେ। ଏହି ସମୟରେ ତାଙ୍କ ମା' ଆସି ଘରକୁ ଯାଇ ରୋଷେଇ କରିବାକୁ କହିଥିଲେ। ଏହାକୁ ନେଇ ମା'-ଝିଅଙ୍କ ମଧ୍ୟରେ କଥା କଟାକଟି ହୋଇଥିବା କୁହାଯାଉଛି। ସାନ ଭଉଣୀର ପରୀକ୍ଷା ଥିବାରୁ ସେ ପାଠ ପଢୁଥିବା ଏବଂ ନନ୍ଦିନୀଙ୍କୁ ରୋଷେଇ କରିବାକୁ କୁହାଯାଇଥିବା ଜଣାପଡ଼ିଛି। ଏହାପରେ ନନ୍ଦିନୀ ଘରକୁ ଯାଇ ରୋଷେଇ କରିଥିଲେ। ପରେ ସେ ରାଗରେ ବାରିପଟକୁ ଯାଇ ଏଭଳି ଚରମ ପଦକ୍ଷେପ ନେଇଥିବା ପରିବାର ପକ୍ଷରୁ କୁହାଯାଇଛି।

## ଏରସମାରେ ମଶାଲ ଜଳାଇ ବିପ୍ଳବ ଦିବସ




ଏରସମା,୮।୯ (ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ୮୫ତମ ଏରସମା ବିପ୍ଳବ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ୧୯୪୨ ମସିହା ସେପ୍ଟେମ୍ବର ୬ ତାରିଖ ଦିନ ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ନେତୃତ୍ୱରେ ଏରସମାର ବ୍ରିଟିଶ ଥାନାକୁ ସ୍ୱଷ୍ଟ ଦିବାଲୋକରେ ପୋଡି ଦିଆଯାଇଥିଲା। ଏହାଥିଲା ଏରସମା ଇତିହାସର କ୍ରାନ୍ତୀକାରୀ ଦିବସ। ସେହିଦିନକୁ ମନେରଖିବା ପାଇଁ ସ୍ୱାଧୀନତା ସଂଗ୍ରାମୀ ଉତ୍ତରାଧିକାରୀ ସଂଘ, ଏରସମା ନାଗରିକ ସୁରକ୍ଷା ମଞ୍ଚ ଓ ସଂକଳ୍ପ ସାମାଜିକ ସଂଗଠନ ପକ୍ଷରୁ ରବିବାର ସଂଧ୍ୟାରେ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା। ସଂକଳ୍ପର ସଭାପତି ଚନ୍ଦ୍ରଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହଶହ ଦେଶପ୍ରେମୀ ଯୁବକ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଏହି ପଥପ୍ରାନ୍ତ ସଭାରେ ନାଗରିକ ସୁରକ୍ଷା ମଞ୍ଚର ଅଧ୍ୟକ୍ଷ ପାର୍ଥସାରଥୀ ରାଉତ, ଆଡଭୋକେଟ୍ ଅକ୍ଷୟ କୁମାର ସ୍ୱାଇଁ, ଚନ୍ଦନ ମଲ୍ଲିକ ଏବଂ ସୁମନ ଖଟୁଆ, ପିସିସି ସଭ୍ୟ ଧ୍ୱଜରାଜ ଖଣ୍ଡୁଆଳ, ମହିଳା କଂଗ୍ରେସ ସଂପାଦିକା ଦିପ୍ତିରାଣୀ ପ୍ରଧାନ ଓ ନିରାକାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରିଥିଲେ।

## ସୋମନାଥ ବିଦ୍ୟାପୀଠରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା




ଜଗତସିଂହପୁର,୮।୯ (ସମିସ): ନିଶା ଠାରୁ ଯୁବ ପିଢିକୁ ଦୂରେଇ ରଖି ସେମାନଙ୍କ ପାଇଁ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟତ ଗଠନ ଉଦ୍ଦେଶ୍ୟରେ ଐତିହାସିକ ଅଳକା ଆଶ୍ରମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି କ୍ରମରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଜାହାନପୁର ସ୍ଥିତ ସୋମନାଥ ବିଦ୍ୟାପୀଠରେ ଏକ ନିଶାମୁକ୍ତ ଯୁବଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷାବିତ ଅତୁଲ ବିକ୍ରମ ପ୍ରଧାନ, ଅଳକା ଆଶ୍ରମ ପକ୍ଷରୁ କୋଷାଧ୍ୟକ୍ଷ ବିଜୟ କୁମାର ରଥ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଅତିଥି ରୂପେ ଯୋଗଦେଇ ଦେଶର ସର୍ବବୃହତ ଶକ୍ତି ଯୁବସମାଜକୁ ବିପଥଗାମୀ କରୁଥିବା ନିଶାର କୁପରିଣତି ସମ୍ପର୍କରେ ଆଲୋଚନା କରିଥିଲେ। ସବୁ ପରିସ୍ଥିତିକୁ ଛାତ୍ରଛାତ୍ରୀ ଏବଂ ଯୁବକ ଯୁବତୀ ମାନେ ଧର୍ଯ୍ୟର ସହିତ ମୁକାବିଲା କରି ଆଗକୁ ବଢ଼ିବା ପାଇଁ ସେମାନେ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷା ଗ୍ରହଣ ସହିତ ନିଜକୁ ଜଣେ ଜଣେ ଭଲମଣିଷ ଭାବରେ ଗଢ଼ି ତୋଳିବାକୁ କର୍ମଶାଳାରେ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ନିଜେ ନିଶା ସେବନରୁ ଦୁରେଇ ରହିବା ସହିତ ନିଜ ପରିବାର ଓ ପରିବେଶକୁ ନିଶାମୁକ୍ତ ରଖିବା ପାଇଁ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ, ଅଞ୍ଜଳି ନାଥ, ସନ୍ତୋଷ ବେହେରା, ପ୍ରମୋଦ ସାହୁ,ବିଶ୍ୱନାଥ ପରିଡ଼ା, ରାଜକିଶୋର ବେହେରା, ମିତାଲି ପ୍ରିୟଦର୍ଶିନୀ ବେହେରା, ସସ୍ମିତା ଦାସ ଏବଂ ପିଙ୍କି ମହାକୁର ଏଥିରେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତିର୍ତ୍ତୋଲରେ ବସନ୍ତ ବିଶ୍ୱାଳଙ୍କ ସ୍ମୃତିସଭା

ଜଗତସିଂହପୁର/ତିର୍ତ୍ତୋଲ,୮।୯ (ସମିସ)



ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତେନ୍ତୁଳିପଦା ସ୍ଥିତ ଏକ ଘରୋଇ ମଣ୍ଡପରେ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆଧୁନିକ ଓଡ଼ିଶାର ପ୍ରମୁଖ ବିନ୍ଧାଣି ବସନ୍ତ କୁମାର ବିଶ୍ୱାଳଙ୍କ ୨୩ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ମହାନଦୀ ଠାରେ ତିଳ ତର୍ପଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ମୁଖ୍ୟବକ୍ତା ଭାବେ ଓପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକ, ଓପିସିସି କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମଲ୍ଲିକ ଓ ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ସଭାପତି ସଫି ଆଜମ୍ ଯୋଗଦେଇ ବସନ୍ତ ବିଶ୍ୱାଳଙ୍କ ତିର୍ତ୍ତୋଲ ତଥା ସମଗ୍ର ଓଡ଼ିଶା ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜସେବୀ ରବୀନ୍ଦ୍ର ବେହେରା, ଶାନ୍ତିଲତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଓ ସାମ୍ବାଦିକ ବନ୍ଧୁମାନଙ୍କୁ ସମ୍ମାନିତ କରାଯାଇଥିଲା। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ବ୍ଲକ କଂଗ୍ରେସ ଉପ-ସଭାପତି ଜିତେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଦସ୍ୟ ଲକ୍ଷ୍ମୀଧର ଦାଶ, ଉପ-ସଭାପତି ମହମ୍ମଦ ଅବଦୁଲ ୱାହିଦ୍, ପ୍ରଶାନ୍ତ ଦାସ, ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, ସମ୍ପାଦକ ସରୋଜିନୀ ପରିଜା, ତିର୍ତ୍ତୋଲ ବ୍ଲକ କଂଗ୍ରେସ କମିଟି ଉପ-ସଭାପତି ରଞ୍ଜନ ମହାପାତ୍ର, ସୁଶାନ୍ତ ନାୟକ, ଅତହର ଅଲ୍ଲୀ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ଗରାମ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ପିପ୍ପଳମାଧବ ସମିତି ସଭ୍ୟ ସୁନିଶ୍ଚିତା ସାହୁ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ନିହାର ରଞ୍ଜନ ଦାସ, ଜୋନ୍ ସଭାପତି ଶୁଭାଶିଷ ସ୍ୱାଇଁ, ଧ୍ରୁବଚରଣ ପରିଡା, ଅଜୟ ବସ୍ତିଆ, ବିଜୟ କୁମାର ପୃଷ୍ଟି, ସତ୍ୟରଞ୍ଜନ ସାହୁ, ରମେଶ ସ୍ୱାଇଁ, ବ୍ରଜ କିଶୋର ମଲ୍ଲିକ, ମାନସ ନନ୍ଦ, ପ୍ରତାପ ଚୌଧୁରୀ, ନିରଞ୍ଜନ ମହାନ୍ତି, ପ୍ରଦୀପ୍ତ ଶତପଥୀ, ଶଙ୍କର ଦାସ, ମନୋଜ ବେହେରା, ସୁକାନ୍ତ ସେଠୀ, ଗଗନ ସାହୁ, ସୁରେଶ ମଲ୍ଲିକ, ମଳୟ ବାରିକଙ୍କ ସମେତ ଶତାଧିକ ବସନ୍ତ ପ୍ରେମୀ ଯୋଗଦେଇଥିଲେ। ପରିଶେଷରେ ଗରାମ ପଞ୍ଚାୟତ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତ ପରୀକ୍ଷା ରିପୋର୍ଟରେ ଅସଙ୍ଗତି: ଦାୟିତ୍ୱ ନେବ କିଏ?

ଚମ୍ପୁଆ:, ୮।୯ (ସମିସ)




ରୋଗ ନିରୂପଣରେ ରକ୍ତ ପରୀକ୍ଷା ରିପୋର୍ଟର ଗୁରୁତ୍ୱ ଅତ୍ୟଧିକ। ଡାକ୍ତରଙ୍କ ଚିକିତ୍ସା ଓ ପରବର୍ତ୍ତୀ ନିଷ୍ପତ୍ତି ଅନେକ ସମୟରେ ଏହି ରିପୋର୍ଟ ଉପରେ ନିର୍ଭର କରେ। ତେବେ ଏକେ ରୋଗୀଙ୍କ ପରୀକ୍ଷା ରିପୋର୍ଟରେ ସରକାରୀ ଚିକିତ୍ସାଳୟ ଓ ଘରୋଇ ଲ୍ୟାବ୍ ମଧ୍ୟରେ ତାରତମ୍ୟ ଥିବା ଅଭିଯୋଗ ଏବେ ଚମ୍ପୁଆରେ ସ୍ୱାସ୍ଥ୍ୟ ବିଭାଗର ଗୁଣବତ୍ତା ଓ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରଶ୍ନରେ ପକାଇଛି। ଚମ୍ପୁଆ ଏନ୍ଏସିର ୧୦ ନମ୍ବର ୱାର୍ଡର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କ କିଡ୍ନୀ ସମ୍ବନ୍ଧୀୟ ପରୀକ୍ଷା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ରକ୍ତ ୟୁରିଆ ଓ କ୍ରିଏଟିନିନ୍ ପରୀକ୍ଷା କରାଇଥିଲେ। ତାଙ୍କୁ ମିଳିଥିବା ରିପୋର୍ଟରେ ୟୁରିଆ ୬୯ ଏବଂ କ୍ରିଏଟିନିନ୍ ୪.୦ ଆସିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ଚିନ୍ତିତ ହୋଇପଡ଼ିଥିଲା। ସନ୍ଦେହ ଦୂର କରିବା ପାଇଁ ସେ ୪ଦିନ ପରେ ଦୁଇଟି ଘରୋଇ ଲ୍ୟାବ୍ରେ ପୁନର୍ବାର ସମାନ ପରୀକ୍ଷା କରାଇଥିଲେ।

**ତଦନ୍ତ ଦାବି**

ତାଙ୍କ କହିବାନୁସାରେ, ଘରୋଇ ଲ୍ୟାବ୍ର ରିପୋର୍ଟରେ ଫଳାଫଳ ସ୍ୱାଭାବିକ ଆସିଥିଲା। ଏହି ଦୁଇ ପ୍ରକାର ରିପୋର୍ଟ ମଧ୍ୟରେ ତାରତମ୍ୟ ଦେଖାଯିବା ପରେ ପରିବାର ଲୋକେ କେଉଁ ରିପୋର୍ଟକୁ ଭରସା କରିବେ, ତାହା ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଘଟଣାଟି କେବଳ ଜଣେ ରୋଗୀଙ୍କ ଅଭିଯୋଗ ଭାବେ ଏଡ଼ାଇ ଦେବା ଉଚିତ ନୁହେଁ। ଯଦି ପରୀକ୍ଷା ରିପୋର୍ଟରେ ପ୍ରକୃତରେ ତ୍ରୁଟି ଥାଏ, ତେବେ ଏହାର କାରଣ ଖୋଜିବା ଓ ଦାୟିତ୍ୱ ନିର୍ଦ୍ଧାରଣ କରିବା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ। ନମୁନା ସଂଗ୍ରହଠାରୁ ଆରମ୍ଭ କରି ଲ୍ୟାବ୍ର ଯନ୍ତ୍ରପାତି, ପରୀକ୍ଷା ପ୍ରକ୍ରିୟା ଓ ରିପୋର୍ଟ ପ୍ରସ୍ତୁତି ପର୍ଯ୍ୟନ୍ତ ସବୁକିଛି ଯାଞ୍ଚ ହେବା ଆବଶ୍ୟକ। ଅନ୍ୟପକ୍ଷରେ ଅଭିଯୋଗକାରୀ ଘଟଣାଟିକୁ ଚମ୍ପୁଆ ଏସ୍ଡିଏମ୍ଙ୍କ ନଜରକୁ ଆଣିଥିବା ଜଣାପଡ଼ିଛି। ରୋଗୀଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ରିପୋର୍ଟରେ ସାମାନ୍ୟ ଅବହେଳା ମଧ୍ୟ ଗୁରୁତର ପରିଣାମ ଆଣିପାରେ। ତେଣୁ ଘଟଣାର ନିରପେକ୍ଷ ଯାଞ୍ଚ କରି ରିପୋର୍ଟରେ କାହିଁକି ଏଭଳି ଅସଙ୍ଗତି ଦେଖାଦେଲା, ତାହା ସ୍ପଷ୍ଟ କରିବା ସହ ଭବିଷ୍ୟତରେ ଏଭଳି ଅଭିଯୋଗ ଯେପରି ନ ଆସେ, ସେଥିପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଅଧୀକ୍ଷକ ଡାକ୍ତର ବି.କେ.ଦାସ କହିଥିଲେ କି ଯେ ପାଥୋଲାବ ଡାକ୍ତର କାଲି ଆସିଲେ ଏକ ତଦନ୍ତ କରାଯିବ।

## ଏମକେସିଜିରୁ ନିଖୋଜ ଡାକ୍ତରୀ ଛାତ୍ର ତିରିଂରୁ ଉଦ୍ଧାର

ବାରିପଦା/ରାଇରଙ୍ଗପୁର,୮।୯ (ସମିସ): ବ୍ରହ୍ମପୁର ଏମକେସିଜି ମେଡିକାଲରୁ ନିଖୋଜ ଥିବା ଛାତ୍ରକୁ ତିରିଂ ପୁଲିସ ଉଦ୍ଧାର କରିଛି। ଛାତ୍ର ଜଣକ ହେଲେ ଯାଜପୁର ଜିଲ୍ଲା କୁଆଖିଆ ଥାନା ଅଞ୍ଚଳର



ସାଗର ସାହୁ। ଏ ନେଇ କୁଆଖିଆ ପୁଲିସକୁ ଜଣାଇବା ପରେ ଏକ ଟିମ ତିରିଂ ଅଭିମୁଖେ ଆସିଥିବା ଜଣାପଡିଛି। ତେବେ ଛାତ୍ର ଜଣକ ୩୧ ତାରିଖରୁ ନିଖୋଜ ଥିଲେ। ମଙ୍ଗଳବାର ଝାଡଖଣ୍ଡ ରାଜ୍ୟରୁ ଆସୁଥିବା ଏକ ବସ୍ରେ ଛାତ୍ର ଜଣକ କଣ୍ଡକ୍ଟର ମୋବାଇଲରୁ ଘର ଲୋକଙ୍କୁ ଫୋନ କରିଥିଲେ। ଘର ଲୋକେ କୁଆଖିଆ ପୁଲିସକୁ ସୂଚନା ଦେବା ପରେ ତିରିଂ ପୁଲିସ ପହଞ୍ଚି ବସ୍ରୁ ଛାତ୍ରଙ୍କୁ ଉଦ୍ଧାର କରିଛି। ତେବେ ଛାତ୍ର ଜଣକ ଦୀର୍ଘ ୮ ଦିନ ଧରି କେଉଁଠାରେ ଥିଲେ ଓ ସେ କିପରି ଏଠାରେ ପହଞ୍ଚିଲେ, ସେ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଟ୍ରିପୁରା ଜାଇକା ଟିମ୍ଙ୍କ କରଞ୍ଜିଆ ବନଖଣ୍ଡ ଓଏଫଏସଡିପି ପରିଦର୍ଶନ



ମହୁଲଡିହା,୮।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ କେନ୍ଦୁମୁଣ୍ଡିସ୍ଥ ପାଞ୍ଚପୀଢ ମଲ୍ଟି ପ୍ରଡକ୍ଟସ୍ ପ୍ରଡ୍ୟୁସର କମ୍ପାନୀ ଲିମିଟେଡକୁ ତ୍ରିପୁରାରୁ ଆସିଥିବା ଜାଇକା ଟିମ୍ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ କ୍ଷେତ୍ର ପରିଦର୍ଶନ ସମୟରେ ତ୍ରିପୁରା ଜାଇକା ଟିମ୍ କମ୍ପାନୀର ବୋର୍ଡ ମେମ୍ବର ଓ ଏସଏଚଜି ମହିଳାଙ୍କ ସହିତ ଆଲୋଚନା କରିଥିଲେ। କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ବିଭିନ୍ନ ବନଜାତ ସାମଗ୍ରୀ ବିଷୟରେ ବୁଝିବା ସହ କିଛି ପ୍ରଡକ୍ଟ ମଧ୍ୟ କ୍ରୟ କରିଥିଲେ। ସେହିପରି ବନଖଣ୍ଡ ଅନ୍ତର୍ଗତ ଦୁଧିଆଣି ରେଞ୍ଜ ସଲରାପଦା ବନ ସୁରକ୍ଷା ସମିତି, କରଞ୍ଜିଆ ରେଞ୍ଜ ଅନ୍ତର୍ଗତ କେନ୍ଦୁଝର ବନ ସୁରକ୍ଷା ସମିତିରେ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରି ବେଶ ସନ୍ତୋଷ ପ୍ରକାଶ କରିଥିଲେ। ଟିମରେ ଆଇଏଫଏସ ଅଧିକାରୀ ଅତନୁ ଚକ୍ରବର୍ତ୍ତୀ, ସଂଗୀତା ଆବା ଖଟାଲ, ତ୍ରିପୁରା ଫୋରେଷ୍ଟ ସର୍ଭିସ ଅଧିକାରୀ ଅବିନାଶ ଭୀଲ, ଡିରେନ କଲାଇ, ରାକେଶ ଦାସ ଓ ୯ ଜଣ ରେଞ୍ଜ ଅଫିସର ସାମିଲ ଥିଲେ। ଏ ଅବସରରେ କରଞ୍ଜିଆ ଡିଏଫଓ ଅଜୟ ସାହୁ, ଏସିଏଫ୍ ଓଁକାର ଦାସ, ଠାକୁରମୁଣ୍ଡା ରେଞ୍ଜର ଉମାକାନ୍ତ ବେହେରା, ଏସଏମଏସ ନିଶିକାନ୍ତ ଜେନା, ସରୋଜ ସାହୁ, ଫରେଷ୍ଟର ଓ ବନ ବିଭାଗ କର୍ମଚାରୀ ଟିମ ସଦସ୍ୟଙ୍କୁ ପ୍ରକଳ୍ପର ସଫଳତା ସମ୍ପର୍କରେ ଅବଗତ କରିଥିଲେ। ଓଡିଶା ଫରେଷ୍ଟ୍ରି ସେକ୍ଟର ଡେଭଲପମେଣ୍ଟ ପ୍ରୋଜେକ୍ଟ ଅଧୀନରେ କେନ୍ଦୁମୁଣ୍ଡି କ୍ଲଷ୍ଟର ସଫଳତାର ସହ କାର୍ଯ୍ୟ କରୁଥିବାରୁ ଟିମ୍ ସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କୁ ବହୁକିଛି ଶିଖିବାକୁ ମିଳିଛି, ଯାହା ସେମାନେ ତ୍ରିପୁରାରେ ପ୍ରକଳ୍ପ ପରିଚାଳନାରେ ଉପଯୋଗ କରିବେ ବୋଲି ମତ ରଖିଥିଲେ।

## ୬୯ ଜଣଙ୍କୁ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ

ମହୁଲଡିହା,୮।୯(ସମିସ): ଠାକୁରମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁର ଯୋଗଦେଇ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ ଅଧୀନସ୍ଥ ସାଲେଇବେଡା ପଞ୍ଚାୟତର ଖପରାଖାଇ ଗ୍ରାମର ୩୫ ଓ କାଶୀଡେରା ଗ୍ରାମର ୩୪ ଜଣଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସମ୍ପିତ କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଓ ପ୍ରଫୁଲ୍ଲ କୁମାର ମହାନ୍ତ ଯୋଗ ଦେଇଥିଲେ। ମହେନ୍ଦ୍ର ମହାନ୍ତ ଓ ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଓ ଜୀବନରକ୍ଷା ପ୍ରଶିକ୍ଷଣ

କେନ୍ଦୁଝର, ୮।୯(ସମିସ): ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଜରୁରିକାଳୀନ ପରିସ୍ଥିତିର ସଫଳ ମୁକାବିଲା ଦିଗରେ ସ୍ଥାନୀୟ ଲୋକଙ୍କ କ୍ଷମତା ବୃଦ୍ଧି କରିବା ନିମନ୍ତେ ମଙ୍ଗଳବାର ହାଟଡିହି ବ୍ଲକର ହାବଳେଶ୍ୱର ବନ୍ୟା ଆଶ୍ରୟସ୍ଥଳୀଠାରେ ଏକ ବିପର୍ଯ୍ୟୟ ସୁରକ୍ଷା ଓ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ବଳ ୩ୟ ବାହିନୀ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଡେପୁଟି କମାଣ୍ଡାଣ୍ଟ ଲିଟନ ବିଶ୍ୱାସ ଏବଂ ଟିମ୍ କମାଣ୍ଡର ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏନଡିଆରଏଫର ୧୧ ଜଣ ପ୍ରଶିକ୍ଷିତ ଉଦ୍ଧାରକାରୀଙ୍କ ସହ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଞ୍ଚଳ ବନ୍ୟା ଏବଂ ପ୍ରତିକୂଳ ପାଣିପାଗ ଯୋଗୁଁ ବିପଦସଙ୍କୁଳ ଥିବାରୁ, ଜଳ ଉଦ୍ଧାର କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।


**CUTTACK CLUB**

Regd.Office: At-Barabati Fort, Near Barabati Stadium, Cuttack-753001, Odisha
Phone:0671-2301041, 7978267650; CIN-U91990OR1949NPL000181
Website- www.cuttackclub.com, Email: info@cuttackclub.com

**Information to Members of the Cuttack Club Pursuant to Rule 20(4)(v) of Companies (Management and Administration) Amendment Rules, 2015 for the 77th Annual General Meeting of Cuttack Club on Sunday, 27th Day of September, 2026 at 10.00 A.M.**

Notice is hereby given that 77th ANNUAL GENERAL MEETING ('AGM") will be convened at the Centenary Hall (Annexe-1) of Cuttack Club, Barabati Fort, Near Barabati Stadium, Cuttack-753001, Odisha on Sunday, 27th Day of September, 2026 at 10.00 A.M. Members are requested to note the following:

1) Notice, Agenda and eligibility criteria & Rules for Resolutions of the AGM which have been sent through email to the registered e-mail id including whatsapp of the Members of the Club and also posted on the Notice Board of the Club and also uploaded on the website of the Club: www.cuttackclub.com

2) In accordance with the applicable provisions of the Companies Act, 2013, read with Companies (Management and Administration) Rules, 2014 (the Rules) including any amendments thereto, the Company is pleased to provide facility to its Members, to cast their vote electronically for all the Resolutions proposed at the 76th Annual General Meeting of the Company.

3) The Company has appointed National Securities Depository Limited (NSDL) to provide E-Voting facility to the Members.

4) Business shall be transacted through Remote Voting by Electronic Means (E-voting) under the Bipartite Agreement with National Securities Depository Limited (NSDL) and Physical voting also.

5) The remote e-voting period commences at 09:00 Hrs (IST) on 26.09.2026 (Saturday) and closes at 17:00 Hrs (IST) on 26.09.2026 (Saturday). NSDL will send User Id and password at your registered email Id.

6) Remote e-voting shall not be allowed beyond the said date and time.

7) Physical Voting will be on 27.09.2026(Sunday) at Club Premises from 12.00 Noon to 03.00PM. The Members who have cast their vote by remote evoting prior to the meeting may also attend the meeting but shall not be entitled to cast their vote again.

8) Remote e-voting User Id and Password with Instructions shall be received by the Members directly by an email/SMS from NSDL provided the Member has registered with updated email id and mobile number up to the notified cut off date of 31st August, 2026(for contesting candidates) and 31st July,2026(for Members-Voters), failing which, if any inconvenience is caused by Members in e-voting process of AGM, the Club shall not be held responsible.

9) Once you receive email from NSDL, please visit NSDL website and open the web browser by typing the following URL- https://www.evoting.nsdl.com. Then go to home page and click on "login" which is available under Shareholder/Member section. The system will prompt you enter your user id. Insert the User ID received in E-mail/SMS and proceed as follows with Password option only as provided by NSDL to your registered email ID.

10) After successful login, at the home page of e-voting you will be able to see EVEN. Select "EVEN" to cast the vote. Now you are ready for e-Voting as the Voting page opens. Cast your vote by selecting appropriate options for which you wish to cast your vote and click on "Submit and also "confirm" when prompted. Upon confirmation, the message "Vote cast successfully" will be displayed.

11) Once you confirm your vote on the resolution, you will not be allowed to modify your vote.

12) In case you face any problems/experience any difficulty please feel free to contact 022 - 4886 7000 and 022 - 2499 7000 or contact on email id - evoting@nsdl.co.in

For and on behalf of Cuttack Club
Suvendu Mohan Patnaik
Honorary Secretary cum Director
DIN: 02407792


## ■ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଘଟଣା

## ଲୁଇପା କଲେଜରେ ତଦନ୍ତକାରୀ ଟିମ୍

ଉଦଳା, ୮।୯ (ସମିସ): ଲୁଇପା କଲେଜ ଅଧ୍ୟକ୍ଷ କଲେଜରେ ବିଭିନ୍ନ ଗୃହ ନିର୍ମାଣ ସହିତ ଅନ୍ୟ ଉନ୍ନୟନ ପାଇଁ ଆସିଥିବା ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଛନ୍ତି। କଲେଜ ଆକାଉଣ୍ଟକୁ ଆସିଥିବା ଟଙ୍କା ବେଆଇନ ଭାବେ ଉଠାଇ ତାହାକୁ ଖର୍ଚ୍ଚ କରାଯାଇଥିବାବେଳେ କଲେଜ ଉନ୍ନୟନ କ୍ଷେତ୍ରରେ କୌଣସି ଅର୍ଥ ବିନିଯୋଗ କରାଯାଇନାହିଁ। ଏହାବ୍ୟତୀତ କଲେଜ ଅର୍ଥ ଆତ୍ମସାତ କରି ଅଧ୍ୟକ୍ଷ ଗୌରାଙ୍ଗ ମହାପାତ୍ର ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତି ବୃଦ୍ଧି କରିଥିବା ନେଇ କଲେଜର ଅନ୍ୟ ଅଧ୍ୟାପକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ। ଯାହାକୁ ନେଇ ଆଜି ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶକ କଲେଜରେ ପହଞ୍ଚି ସମସ୍ତ ଅଭିଯୋଗ ଉପରେ ତଦନ୍ତ କରିଥିବାବେଳେ ଦସ୍ତାବିଜ ଯାଞ୍ଚ କରିଛନ୍ତି। ଏଥିସହିତ ଅଭିଯୋଗ ଆସିଥିବା ସମସ୍ତ ଦସ୍ତାବିଜ ଏଜି ଅଡିଟ ପାଇଁ ଦାଖଲ ହୋଇଥିବା ଓ ଉକ୍ତ ଦସ୍ତାବିଜ ଆସିବା ପରେ ଦୁର୍ନୀତି ଜଣାପଡିବ ବୋଲି ଆଞ୍ଚଳିକ ଶିକ୍ଷା ଉପନିର୍ଦ୍ଦେଶକ କହିଛନ୍ତି। ଅନ୍ୟପକ୍ଷରେ ଆସିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କଲେଜର କେତେଜଣ ଅଧ୍ୟାପକ ତାଙ୍କୁ ବ୍ଲାକମେଲ କରୁଥିବା ଅଧ୍ୟାପକ କହିଛନ୍ତି।

## ଭୁଶୁଡ଼ିଲା ବିଦ୍ୟାଳୟ ଛାତ, ଅନ୍ୟଟି ବିପଦସଙ୍କୁଳ

କୁଆମରା ୮।୯ (ସମିସ): ଗୋପବନ୍ଧୁନଗର ବ୍ଲକର ୧୫/୨୦ ବର୍ଷ ତଳେ ନିର୍ମିତ ବିଦ୍ୟାଳୟ ଏବେ ବିପଦସଂକୁଳ ଅବସ୍ଥାରେ ରହିଛି। ପୁରୁଣା ବିଦ୍ୟାଳୟର କେଉଁଠି କାନ୍ଥ ଫାଟିଛି ତ କେଉଁଠି ଛାତ ଦୁର୍ବଳ ଅବସ୍ଥାରେ ରହିଛି। ଆଉ କେତେକ ସ୍ଥାନରେ ଛାତରୁ କଂକ୍ରିଟ ଖଣ୍ଡ ଖସିବାରେ ଲାଗିଛି। ତିନିଦିନ ତଳେ ମୁଖ୍ୟ ରାସ୍ତା ପାଶ୍ୱର୍ ଚିଲିମା ଛକରେ ନିର୍ମିତ ବିଦ୍ୟାଳୟର ଛାତ ରାତିରେ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ସେହିପରି କୁଆମରା ଡାକବଙ୍ଗଳା ଛକରେ ଥିବା ବିଦ୍ୟାଳୟ ମଧ୍ୟ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଛାତ ତଳେ ରଡ୍ ଦେଖାଯାଉଥିବାବେଳେ ସ୍ଥାନେ





ସ୍ଥାନେ ଦବିଯାଇଛି। କେତେବେଳେ ଭୁଶୁଡି ପଡିବ ତାହା କିଏ କହିବ। ତେବେ ଏହି ବିଦ୍ୟାଳୟରେ ସକାଳରୁ ରାତି ପର୍ଯ୍ୟନ୍ତ ଲୋକେ ଜମା ହୋଇଥିବା ଦେଖିବାକୁ ମିଳିଥାଏ। ବସ୍ରେ ଯିବାକୁ ଏଠାରେ କୁଆମରା, ଚିଲିମା, ଆଗରପଡା, ସିକିଡିଆ ପ୍ରଭୃତି ଗ୍ରାମର ଲୋକେ ଅପେକ୍ଷା କରିଥା'ନ୍ତି। ବର୍ଷା ସମୟରେ ମଧ ପଥଚାରୀ ଆଶ୍ରୟ ନେଇଥା'ନ୍ତି। ଏଣୁ ଏହି ବିଦ୍ୟାଳୟ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଛି। ତେବେ କିଛି ଅଘଟଣ ଘଟିବା ପୂର୍ବରୁ ବିପଦପୂର୍ଣ୍ଣ ବିଦ୍ୟାଳୟକୁ ଭାଙ୍ଗି ନୂତନ ବିଦ୍ୟାଳୟ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଜ୍ରପାତରେ ଜଣେ ମୃତ

କୁଳିଅଣା, ୮।୯ (ସମିସ): କୁଳିଅଣା ଥାନା ଅନ୍ତର୍ଗତ ଭାଲୁକି ପେଟ୍ରୋଲ ପମ୍ପ ନିକଟରେ ଆଜି ଅପରାହ୍ନରେ ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଆଜି ଦିନ ୨.୩୦ ମିନିଟ ସମୟରେ ସନ୍ତୋଷ ମହାନ୍ତ (୫୩) ଓ ହିମାଂଶୁ ମହାନ୍ତ (୫୦) ପେଟ୍ରୋଲ ପମ୍ପ ନିକଟରେ ଗୋରୁ ଚରାଉଥିବାବେଳେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ସନ୍ତୋଷଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ହିମାଂଶୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଯାଇଥିଲା। କୁଳିଅଣା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନିଖୋଜ ନାବାଳିକା ଉଦ୍ଧାର; ଯୁବକ ଗିରଫ

ଯୋଡ଼ା, ୮।୯ (ସମିସ): ଯୋଡ଼ା ଥାନା ପୁଲିସ ପୋକ୍ସୋ ଆଇନ ଅଧୀନରେ ଏକ ମାମଲା ରୁଜୁ କରି ନିଖୋଜ ଥିବା ଜଣେ ନାବାଳିକାକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ନାବାଳିକାକୁ ଯୋଡ଼ା ନିକଟବର୍ତ୍ତୀ ଝାରଖଣ୍ଡ ରାଜ୍ୟର ନୂଆମୁଣ୍ଡିଠାରୁ ଉଦ୍ଧାର କରାଯାଇ ବୟାନ ରେକର୍ଡ କରାଯାଇଛି। ସେ ଜଣେ ଯୁବକଙ୍କ ସହ ଚାଲିଯାଇଥିବା ଏବଂ ବର୍ତ୍ତମାନ ସେ ଗର୍ଭବତୀ ଥିବା ନେଇ ପ୍ରକାଶ କରିଥିବା ପୁଲିସ ସୂଚନା ଦେଇଛି। ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଯୁବକ ବାବାଜୀ ଗୋପକୁ ଗିରଫ କରିଛି।

## ତାଲାବନ୍ଦ ଘରରୁ ଚୋରି

ବୈଶିଙ୍ଗା, ୮।୯ (ସମିସ): ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମରେ ଘରେ କେହି ନ ଥିବା ସୁଯୋଗ ନେଇ ତାଲାବନ୍ଦ ଘରେ ପଶି ଚୋରି କରିଛନ୍ତି ଦୁର୍ବୃତ୍ତ। କଳମା ଗ୍ରାମର କୌଶିକ ବ୍ରହ୍ମପୁରରେ ଚାକିରି କରି ପରିବାର ସହ ସେଠାରେ ରହୁଛନ୍ତି। ଫଳରେ ଗାଁରେ ଥିବା ତାଙ୍କ ଘରେ ନିୟମିତ ତାଲା ପଡ଼ି ରହୁଥିଲା। ଏହାର ସୁଯୋଗ ନେଇ ଚୋରମାନେ ଘରକୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି। ଗତକାଲି ଅପରାହ୍ନରେ ପଡ଼ୋଶୀ ଶଶୀଧର ସାମନ୍ତ ଘରର ଗେଟ୍ ଖୋଲାଥିବା ଦେଖି କୌଶିକଙ୍କୁ ଫୋନ୍ କରି ଜଣାଇଥିଲେ। କୌଶିକଙ୍କ ଅନୁରୋଧରେ ଶଶୀଧର ଘର ଭିତରକୁ ଯାଇ ଯାଞ୍ଚ କରିବାରୁ ମୁଖ୍ୟ ଦ୍ୱାର ସମେତ ଭିତର ଘର ଓ ଗଡ଼ରେଜ୍ର ତାଲା ଭଙ୍ଗାଥିବା ଦେଖିଥିଲେ। ଘରେ ଥିବା ବିଭିନ୍ନ ସାମଗ୍ରୀ ଏଣେତେଣେ ପଡ଼ିଥିବା ଜଣାପଡ଼ିଥିଲା। ପରେ ଭିଡିଓ କଲ୍ ମାଧ୍ୟମରେ ଘରର ଅବସ୍ଥା ଦେଖି କୌଶିକ ବ୍ରହ୍ମପୁରରୁ ବାହାରି ରାତି ପ୍ରାୟ ୧ଟାରେ କଳମାରେ ପହଞ୍ଚିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଘରୁ ଆସବାବପତ୍ର ସହ ସୁନାରୂପା ଅଳଙ୍କାର ଓ ପ୍ରାୟ ୨୦ ହଜାର ଟଙ୍କା ଚୋରି ହୋଇଛି। ଏନେଇ କୌଶିକ ଆଜି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ନୂତନ ଥାନାଧିକାରୀଙ୍କ ଯୋଗଦାନ




ତେଲକୋଇ, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାରେ ନୂତନ ଥାନାଧିକାରୀ ଭାବେ ଇନ୍ସପେକ୍ଟର ଦିଲ୍ଲୀପ କୁମାର ଲାକ୍ରା କାର୍ଯ୍ୟରେ ଯୋଗ ଦେଇଛନ୍ତି। ଶ୍ରୀ ଲାକ୍ରା ଆଜି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ତେଲକୋଇ ଥାନାକୁ ଆସି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାସ୍ଥିତ ଉଦିତ ନଗର ଥାନାରେ କାର୍ଯ୍ୟରତ ଥିଲେ। ତେଲକୋଇ ଥାନାଞ୍ଚଳରେ ବେଆଇନ ମଦ କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ସଚେତନତା ଅଭାବ ରୁ ଅନେକ ସମୟରେ ବିଭିନ୍ନ ହିଂସାତ୍ମକ କାଣ୍ଡ ଘଟିଥାଏ। ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା ମଧ୍ୟ ଦେଖାଦେଇଥାଏ। ଏ ଦିଗରେ ଦୃଷ୍ଟି ଦେବା ସହିତ ଆଇନଶୃଙ୍ଖଳା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ତେଲକୋଇ ପ୍ରେସ କ୍ଲବ୍ ପକ୍ଷରୁ ଦାବି ହୋଇଛି।

## ଦୁର୍ଘଟଣାଗ୍ରସ୍ତ ଗାଈର ମୃତଦେହ ପୋତିଲେ ଆର୍ଟିଓ

ବଡ଼ବିଲ, ୮।୯ (ସମିସ): ସେରେଣ୍ଡା ତାରିଣୀ ମନ୍ଦିର ନିକଟରେ ଦୁର୍ଘଟଣାରେ ଏକ ଗାଈର ମୃତ୍ୟୁ ଘଟିଥିଲା। ଘଟଣାଟି ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱରଂଜନ ସାହୁଙ୍କ ନଜରକୁ ଆସିବା ପରେ ସେ ତୁରନ୍ତ ତାଙ୍କ ଟିମ୍କୁ ଫୋନ୍ ଯୋଗେ ସୂଚନା ଦେଇ ଘଟଣାସ୍ଥଳକୁ ପଠାଇଥିଲେ। ଆରଟିଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗାଈଟିର ମୃତଦେହକୁ ରାସ୍ତାରୁ ଉଦ୍ଧାର କରିଥିଲେ। ପରେ ମୃତଦେହକୁ ଏକ ଉପଯୁକ୍ତ ସ୍ଥାନକୁ ନେଇ ଯଥାବିଧି ପୋତି ଦିଆଯାଇଥିଲା।


ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଞ୍ଚାନନ ଦାସ
(ପୂର୍ବତନ ପ୍ରଧାନଶିକ୍ଷକ)
ମୁସ୍ତାଫାପୁର, ଦୋବଲ, ଧାମନଗର, ଭଦ୍ରକ

ଆବିର୍ଭାବ-୨୮/୧୦/୧୯୩୪
ତିରୋଧାନ-୩୦/୦୮/୨୦୨୬

ବାପା ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହେଲା ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ

ଆପଣଙ୍କର ହତଭାଗ୍ୟ ପୁତ୍ର
ପ୍ରସନ୍ନ କୁମାର ଦାସ, ପ୍ରଶାନ୍ତ କୁମାର ଦାସ
ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ
ଦାସ ପରିବାର ବର୍ଗ।


## ● ଯୁବକର ଉନ୍ମତ୍ତ କାଣ୍ଡ

## ୧୦ ବର୍ଷ ନାବାଳିକାକୁ ତେଲେଙ୍ଗା କଟୁରିରେ ହାଣିଲା

ଉଦଳା,୮।୯ (ସମିସ): ଗ୍ରାମରେ ଯୁବକର ଉନ୍ମତ୍ତକାଣ୍ଡ। ହାତରେ ତେଲେଙ୍ଗା କଟୁରୀ ଧରି ଗ୍ରାମରେ ବୁଲିଲା ଓ ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ୧୦ ବର୍ଷର ନାବାଳିକା ଝିଅକୁ ହାଣିଛି। ଆକ୍ରମଣରେ ନାବାଳିକା ଗୁରୁତର ହୋଇଛି। ଏଭଳି ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ ଚଡଦା ଗ୍ରାମରେ। ଗ୍ରାମର ଯୁବକ ଲକ୍ଷ୍ମଣ ମାରାଣ୍ଡି ଆଜି ସନ୍ଧ୍ୟାରେ ଏକ ତେଲେଙ୍ଗା କଟୁରୀ ହାତରେ ଧରି ଗ୍ରାମ ରାସ୍ତାରେ ବୁଲିଲା। ପରେ କଟୁରୀ ଧରି ଲୋକଙ୍କ ଘର ଭିତରକୁ ପଶିଲା। ଗ୍ରାମର ଥଳ ମାରାଣ୍ଡିଙ୍କ ଘର ଭିତରକୁ ପଶିଥିବାବେଳେ ଘରେ ବସି ଖାଉଥିବା ଥଳ ମାରାଣ୍ଡିଙ୍କ ୧୦ ବର୍ଷର ଝିଅ ସୁହାଗି ମାରାଣ୍ଡିକୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲା। ସୁହାଗିର ବେକ ପାଖକୁ ହାଣି ଦେଇ ସେଠାରୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସୁହାଗିକୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଯୁବକ ଲକ୍ଷ୍ମଣ ମାରାଣ୍ଡିକୁ ପୁଲିସ ଥାନାକୁ ନେଇଛି।

## ଅଧ୍ୟାପକ ନିଯୁକ୍ତି ଓ ବିଭିନ୍ନ ଦାବିନେଇ ଆଜି ଆନ୍ଦୋଳନ

ତୁରୁମୁଙ୍ଗା, ୮।୯ (ସମିସ): କେନ୍ଦୁଝର ଜିଲ୍ଲା ସ୍ୱାମପାଟଣାସ୍ଥିତ ଅଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଧ୍ୟାପକଅଧ୍ୟାପିକାଙ୍କ ନିଯୁକ୍ତି, ନିୟମିତ ପାଠପଢ଼ା ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ସହ ବୁଧବାର ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ବିଡିଓ ମାନସ କୁମାର ଦଣ୍ଡପାଟ ଏବଂ ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଓ ଇତିହାସ ବିଭାଗରେ ଅଧ୍ୟାପକ ନାହାନ୍ତି। ସେହିପରି ଇଂରାଜୀ ବିଭାଗରେ ମାତ୍ର ଜଣେ ଅଧ୍ୟାପକ ରହିଛନ୍ତି। ଫଳରେ ଖରାଛୁଟି ପରଠାରୁ ନିୟମିତ ପାଠପଢ଼ା ହେଉ ନଥିବା ଅଭିଯୋଗ କରିଛନ୍ତି। ଅଧ୍ୟାପକ ନିଯୁକ୍ତି ସହ ଗତ ୫ ବର୍ଷର ଆୟବ୍ୟୟର ଭିଜିଲାନ୍ସ ତଦନ୍ତ, ଛାତ୍ରୀ କମନ୍ରୁମ୍? ନିର୍ମାଣ, ଶ୍ରେଣୀଗୃହରେ ଫ୍ୟାନ୍ ଲଗାଇବା ଏବଂ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ନୂଆ ଗେଟ୍? ନିର୍ମାଣ ଭଳି ବିଭିନ୍ନ ଦାବି ଉଲ୍ଲେଖ କରିଥିଲେ। ଛାତ୍ରଛାତ୍ରୀଙ୍କ ଦାବି ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗନ୍ନାଥ ମହାନ୍ତ କହିଛନ୍ତି ଯେ, ହିମ୍ବ ଜରିଆରେ ୯ ଜଣ ଠିକା ଅଧ୍ୟାପକ ନିଯୁକ୍ତି ପାଇଁ ଇତିମଧ୍ୟରେ ବିଜ୍ଞାପନ ପ୍ରକାଶ କରାଯାଇଛି। ଅଧ୍ୟାପକ ନିଯୁକ୍ତି ସହ ମହାବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

 କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍ସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ଆମ୍ଭର ସେସ୍କୋ ପାୱାର ହାଉସ୍ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍ପିଏ ଶ୍ରେଣୀଭୁକ୍ତ**

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେସ୍କୋ ପାୱାର ହାଉସ୍ ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ସେସ୍କୋ ପାୱାର ହାଉସ୍ ଶାଖା / ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିଚିତ୍ର କୁମାର ବେହେରା,** ପିତା: ଶ୍ରୀ ଧ୍ରୁବ ଚରଣ ବେହେରା, **ଠିକଣା-୧:** ଏଚ୍ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭାରତ, **ଠିକଣା-୨:** ଫ୍ଲାଟ୍ ନଂ.: ୪୧୦, ୪ର୍ଥ ମହଲା, ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଝାରପଡା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୬, **ଠିକଣା-୩:** ସା/ପୋ: ଡେରା, ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରାପଡ଼ା / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ରୀତା ବେହେରା,** ସ୍ୱାମୀ: ବିଚିତ୍ର କୁମାର ବେହେରା, ଏଚ୍ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ସତ୍ୟ ନାରାୟଣ ଉପାଧ୍ୟାୟ,** ପିତା: ଚକ୍ରଧର ଉପାଧ୍ୟାୟ, ଇବି-୭୭୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା, ଭାରତ | ୟୁନିୟନ୍ ହୋମ୍- ୧୨୭୫୩୦୧୦୦୦୧୦୬୫୧ / ୦୧.୦୮.୨୦୨୬ | ୦୩.୦୯.୨୦୨୬ / ୦୧.୦୮.୨୦୨୬ ସୁଦ୍ଧା ଟ.୩୩,୮୩,୮୭୦.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍ପରବର୍ତ୍ତୀ ସୁଧ ଏବଂ ଦେୟ | ଶ୍ରୀ ବିଚିତ୍ର କୁମାର ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୧୦, ଆପାର୍ଟମେଣ୍ଟର ନାମ: ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ୪ର୍ଥ ମହଲା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଅବିଭକ୍ତ ନିରପେକ୍ଷ ବିକ୍ରୟ ଅଂଶର ପରିମିତ କ୍ଷେତ୍ର: ଏକର୦.୪୮୩ଡିସିମିଲିରୁ ଏକର୦.୦୧୦ ଡିସିମିଲି, ବିଲ୍ଟ ଅପ୍ ଏରିଆ: ୮୩୪ ବର୍ଗଫୁଟ, ମୌଜା: ଝାରପଡା, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୬, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଫ୍ଲାଟ୍ ନଂ. ୪୧୧, ଦକ୍ଷିଣ: ଫ୍ଲାଟ୍ ନଂ. ୪୦୯, ପୂର୍ବ: ଆପାର୍ଟମେଣ୍ଟର କରିଡର, ପଶ୍ଚିମ: ଖୋଲା ସ୍ଥାନ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୯.୨୦୨୬** | **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯- ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୨- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨: ଇରାକ ହୋଇଥିବା ବୋମା ବିସ୍ଫୋରଣରେ ଶହରୁ ଅଧିକ ଲୋକ ମୃତ, ୩୫୦ ଆହତ।


# ପ୍ଲାଷ୍ଟିକ୍ ଠୁ ବିପଜ୍ଜନକ କାଗଜ ଷ୍ଟ୍ର

ଆଜିକାଲି ପରିବେଶକୁ ନେଇ ଲୋକେ ବେଶ୍ ସଚେତନ। ସେଥିପାଇଁ ଲୋକେ ଏବେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରୁଛନ୍ତି। ଅନେକ କାଫେ, ରେଷ୍ଟୁରାଣ୍ଟ ଏବଂ ଘରଗୁଡ଼ିକରେ ପ୍ଲାଷ୍ଟିକ୍ ଷ୍ଟ୍ର ବଦଳରେ କାଗଜ ଷ୍ଟ୍ର ବ୍ୟବହାର କରାଯାଉଥିବା ଦେଖାଯାଉଛି। ନିକଟରେ ବେଲଜିୟମ୍‌ର ଏକ ଗବେଷଣା ଏଭଳି ଚିନ୍ତାଧାରାକୁ ଏକ ବଡ଼ ଝଟ୍‌କା ଦେଇଛି। ବେଲଜିୟମ୍‌ରେ କରାଯାଇଥିବା ଏହି ଗବେଷଣା ଅନୁଯାୟୀ, କାଗଜ ଷ୍ଟ୍ର ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଆଦୌ ସୁରକ୍ଷିତ ନୁହେଁ। କାଗଜ ଷ୍ଟ୍ରଗୁଡ଼ିକୁ ପାଣିରେ ମିଳେଇ ନ ଯିବା ପାଇଁ ସେଥିରେ 'ପଲି ଆଣ୍ଡ ପରଫ୍ଲୁରୋଆଲ୍କିଲ୍ ସବ୍‌ଷ୍ଟାନ୍ସେସ୍' ନାମକ ରସାୟନ ବ୍ୟବହାର କରାଯାଏ। ଏହାକୁ 'ଫରେଭର୍ କେମିକାଲ୍ସ' ମଧ୍ୟ କୁହାଯାଏ କାରଣ ଏହା ପରିବେଶ କିମ୍ବା ଶରୀରରେ ସହଜରେ ନଷ୍ଟ ହୁଏନାହିଁ। ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରାୟ ୯୦% କାଗଜ ଷ୍ଟ୍ରରେ ଏହି ରସାୟନ ଥାଏ, ଯେଉଁଠି ପ୍ଲାଷ୍ଟିକ୍ ଷ୍ଟ୍ରରେ ଏହା ୭୫% ମିଳିଥାଏ। ଏହି କେମିକାଲ୍ ଶରୀରକୁ ଗଲେ ଥାଇରଏଡ୍, ଲିଭର ସମସ୍ୟା, କୋଲେଷ୍ଟ୍ରଲ୍ ବୃଦ୍ଧି ଏବଂ କ୍ୟାନ୍ସର ଭଳି ରୋଗର ଆଶଙ୍କା ବଢ଼ିଥାଏ। ଗବେଷଣା ପାଇଁ ବୈଜ୍ଞାନିକମାନେ ବଜାରରେ ଉପଲବ୍ଧ ପ୍ରାୟ ୩୯ଟି ଭିନ୍ନ ଭିନ୍ନ ବ୍ରାଣ୍ଡର ଷ୍ଟ୍ର ସଂଗ୍ରହ କରିଥିଲେ। ଏହି ଷ୍ଟ୍ରଗୁଡ଼ିକ ବିଭିନ୍ନ ଦୋକାନ, ସୁପରମାର୍କେଟ୍ ଏବଂ ରେଷ୍ଟୁରାଣ୍ଟରୁ ଅଣାଯାଇଥିଲା। ଏହାକୁ ମୁଖ୍ୟତଃ ୫ଟି ଶ୍ରେଣୀରେ ଭାଗ କରାଯାଇଥିଲା: କାଗଜ, ବାଉଁଶ, ପ୍ଲାଷ୍ଟିକ୍, କାଚ ଏବଂ ଷ୍ଟେନଲେସ୍ ଷ୍ଟିଲ୍। ପ୍ରଥମେ ପ୍ରତ୍ୟେକ ଷ୍ଟ୍ରକୁ ଗ୍ରାଇଣ୍ଡିଂ କରାଯାଇ ସେଥିରେ ଫରେଭର୍ କେମିକାଲ୍ସ ଅଛି କି ନାହିଁ ତାହା ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ, ଷ୍ଟ୍ରଗୁଡ଼ିକୁ କିଛି ସମୟ ପାଇଁ ପାଣିରେ ବୁଡ଼ାଇ ରଖାଯାଇଥିଲା। ପାଣି ବା କୋଲ୍ଡ ଡ୍ରିଙ୍କସ୍ ପିଇବା ସମୟରେ ଏହି କେମିକାଲ୍ ତରଳ ପଦାର୍ଥରେ ମିଶୁଛି କି ନାହିଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ପରୀକ୍ଷା କରାଯାଇଥିବା ୯୦% କାଗଜ ଷ୍ଟ୍ରରେ ଫରେଭର କେମିକାଲ୍ ମିଳିଥିଲା, ଯାହା ଅନ୍ୟ ସମସ୍ତ ଷ୍ଟ୍ର ତୁଳନାରେ ସବୁଠାରୁ ଅଧିକ। ବାଉଁଶ ଷ୍ଟ୍ରରେ ୮୦%, ପ୍ଲାଷ୍ଟିକ୍ ଷ୍ଟ୍ରରେ ୭୫% ଏବଂ କାଚ ଷ୍ଟ୍ରରେ ୪୦% ଏହି କେମିକାଲ୍ ମିଳିଥିଲା। ପରୀକ୍ଷା କରାଯାଇଥିବା କୌଣସି ବି ଷ୍ଟେନଲେସ୍ ଷ୍ଟିଲ୍ ଷ୍ଟ୍ରରେ ଏହି ରସାୟନ ମିଳିନଥିଲା। ତେବେ କାଗଜ ଷ୍ଟ୍ରକୁ ପାଣିରେ ମିଳେଇ ଯିବାରୁ ରକ୍ଷା କରିବା ପାଇଁ ପ୍ରାୟତଃ ୱାଟରପ୍ରୁଫ୍ କୋଟିଂ ଦିଆଯାଇଥାଏ। ଏହି କୋଟିଂ କିମ୍ବା ନିର୍ମାଣ ପ୍ରକ୍ରିୟାରେ ଏହି କେମିକାଲ ସାମିଲ ହୋଇଥାଇପାରେ। କେତେକ କ୍ଷେତ୍ରରେ ଏହା କଞ୍ଚାମାଲ କିମ୍ବା ଉତ୍ପାଦନ ପ୍ରକ୍ରିୟାରୁ ମଧ୍ୟ ଆସିପାରେ। ତେବେ ଏହି ରସାୟନକୁ ୨୦୨୦ ମସିହାରୁ ବିଶ୍ୱସ୍ତରରେ ବ୍ୟାନ୍ କରାଯାଇ ସାରିଛି। ଗବେଷକମାନେ ସ୍ପଷ୍ଟ କରିଥିଲେ ଯେ, କାଗଜ ଷ୍ଟ୍ରରେ ଏହି ରସାୟନର ମାତ୍ରା ବହୁତ କମ୍ ଥାଏ, ତେଣୁ ଥରେ ଦୁଇଥର ବ୍ୟବହାର କଲେ ସଙ୍ଗେ ସଙ୍ଗେ କୌଣସି ବଡ଼ ରୋଗ ହେବାର ଭୟ ନାହିଁ। ହେଲେ ଯେଉଁମାନେ ପ୍ରତିଦିନ କାଗଜ ଷ୍ଟ୍ର ବ୍ୟବହାର କରନ୍ତି, ସେମାନଙ୍କ ଶରୀରରେ ଧୀରେ ଧୀରେ ଏହି ରସାୟନ ଜମା ହୋଇ କ୍ଷତି ପହଞ୍ଚାଇଥାଏ।



# 'ଡ୍ରାଗନ୍'ରେ ନାହାନ୍ତି ଆଲିଆ-ଶାହିଦ୍

'ଡ୍ରାଗନ୍' ଫିଲ୍ମକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଥିରେ ଜୁନିୟର୍ ଏନ୍‌ଟିଆର୍ ଲିଡ୍ ରୋଲରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରଶାନ୍ତ ନୀଲ୍ ଅଛନ୍ତି। କନ୍ନଡ଼ ଅଭିନେତ୍ରୀ ରୁକ୍ମଣୀ ବସନ୍ତଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। କିଛି ଦିନ ଧରି ଗଣମାଧ୍ୟମ ଏବଂ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା ଯେ, ପ୍ରଶାନ୍ତ ନୀଲ ନିଜର ଆଗାମୀ ଆକ୍ସନ ଡ୍ରାମା 'ଡ୍ରାଗନ୍'ର କାଷ୍ଟିଂକୁ ଆହୁରି ବଡ଼ କରିବା ପାଇଁ ବଲିଉଡ୍‌ର ଦୁଇ ବଡ଼ ଚେହେରାଙ୍କୁ ସାମିଲ କରିଛନ୍ତି। ଶାହିଦ୍ କପୁର ଏଥିରେ ଜୁନିଅର ଏନ୍‌ଟିଆର୍‌ଙ୍କ ବିପକ୍ଷରେ ଜଣେ ଖଳନାୟକ ଭୂମିକାରେ ନଜର ଆସିବେ ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ସେହିପରି 'ଆର୍‌ଆର୍‌ଆର୍' ପରେ ଆଲିଆ ଭଟ୍ଟ ପୁଣିଥରେ ଜୁନିଅର ଏନ୍‌ଟିଆର୍‌ଙ୍କ ସହ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ସେ ଏକ ନେଗେଟିଭ୍ ସିଣ୍ଡିକେଟ୍ ଲିଡର ଭୂମିକାରେ ନଜର ଆସିବେ ବୋଲି ଦାବି କରାଯାଉଥିଲା। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଥିଲା। 'ଡ୍ରାଗନ୍' ଚଳଚ୍ଚିତ୍ରର ପ୍ରଯୋଜନା ସଂସ୍ଥା 'ମୈତ୍ରୀ ମୁଭି' କିନ୍ତୁ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, "ଏହି ଗୁଜବରେ କୌଣସି ସତ୍ୟତା ନାହିଁ। ଆମେ ଆଲିଆ କିମ୍ବା ଶାହିଦ୍‌ଙ୍କୁ ଏହି ଫିଲ୍ମ ପାଇଁ ସାଇନ୍ କରିନାହୁଁ।" ଏହି ସ୍ପଷ୍ଟୀକରଣ ଆସିବା ପରେ ଆଲିଆ ଓ ଶାହିଦ୍‌ଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ବର୍ତ୍ତମାନ ଜୁନିୟର୍ ଏନ୍‌ଟିଆର୍ ନିଜ କାନ୍ଧ ଅପରେସନ ଯୋଗୁଁ ବିଶ୍ରାମ ନେଉଥିବା ବେଳେ ପ୍ରଶାନ୍ତନୀଲ ଅନ୍ୟ କଳାକାରମାନଙ୍କୁ ନେଇ ଏହାର ସୁଟିଂ ଜାରି ରଖିଛନ୍ତି। ଏହି ମେଗା ଚଳଚ୍ଚିତ୍ରଟି ଜୁନ୍ ୧୧, ୨୦୨୭ରେ ୫ଟି ଭାଷାରେ ମୁକ୍ତିଲାଭ କରିବ।



# କୁଣ୍ଡେଇବା ପାଇଁ ୧୪ ଲକ୍ଷ



ଚୀନ୍‌ର ଶେନଜେନ୍ ସହରରେ ଝାଙ୍ଗ୍ ଶିଆଓଚିଆଓ ନାମକ ଜଣେ ୩୨ ବର୍ଷୀୟ ଯୁବକ ଏକ ଅଭିନବ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହାର ସେଟ୍‌ଅପ୍ ଏକ ମସାଜ୍ ସେଣ୍ଟର ଭଳି। ଏଠାରେ ଗ୍ରାହକମାନେ ଏକ ମସାଜ୍ ପାର୍ଲର ଭଳି ବେଡ୍ ଉପରେ ଶୁଅନ୍ତି। ସେଠାରେ ଥିବା ତାଲିମପ୍ରାପ୍ତ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ମୁନିଆ ନଖ ସାହାଯ୍ୟରେ ଗ୍ରାହକଙ୍କ ପିଠି ଓ କୁଣ୍ଡେଇ ହେଉଥିବା ସ୍ଥାନଗୁଡ଼ିକୁ ଧୀରେ ଧୀରେ କୁଣ୍ଡାଇ ଦିଅନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ଘଣ୍ଟା ପ୍ରତି ପ୍ରାୟ ୪୨୦୦ ଟଙ୍କା ଦେବାକୁ ପଡ଼ିଥାଏ। ଶେନଜେନ୍ ସହରରେ ଥିବା ତାଙ୍କର ଦୁଇଟି ଆଉଟ୍‌ଲେଟ୍‌ରୁ ସେ ମାସକୁ ପ୍ରାୟ ୧୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସୋସିଆଲ ମିଡିଆରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ପିଠି କୁଣ୍ଡାଉଥିବାର ଭିଡିଓ ଦେଖି ଝାଙ୍ଗ୍‌ଙ୍କୁ ଏହି ଆଇଡିଆ ଆସିଥିଲା, ଯେଉଁଥିରେ ଲୋକେ କମେଣ୍ଟ କରିଥିଲେ କି ଏଭଳି ସେବା ପାଇଁ ସେମାନେ ଟଙ୍କା ଦେବାକୁ ପ୍ରସ୍ତୁତ। ଏହାସହ ପିଲାଦିନେ ତାଙ୍କ ବାପା ପିଠି କୁଣ୍ଡାଇ ଶୁଆଇ ଦେଉଥିବା ସ୍ମୃତି ମଧ୍ୟ ତାଙ୍କୁ ପ୍ରେରିତ କରିଥିଲା। ଏହି ସେବା ମାନସିକ ଚାପ କମାଇବା ଏବଂ ଭଲ ନିଦ ହେବାରେ ସାହାଯ୍ୟ କରୁଥିବାରୁ ବହୁ ସଂଖ୍ୟାରେ ଆଇଟି ଏବଂ ଅନ୍ୟ କର୍ମଚାରୀମାନେ ଏଠାକୁ ଆସୁଛନ୍ତି। ତେବେ ଝାଙ୍ଗ୍‌ଙ୍କ ଗ୍ରାହକଙ୍କ ମଧ୍ୟରେ ୭୦% ପୁରୁଷ ଅଛନ୍ତି। ସେ ଏବେ ଚୀନ୍‌ରେ ଏଭଳି ୧୦୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ଝାଙ୍ଗ୍ ଅନେକ ଥର ଚାକିରି ବଦଳାଇବା ସହ ଦୁଇଟି ଇ-କମର୍ସ ବ୍ୟବସାୟରେ ବିଫଳ ହୋଇଥିଲେ, କିନ୍ତୁ ଏହି ନିଆରା ଆଇଡିଆ ତାଙ୍କୁ ଆଜି ସଫଳ କରିଛି।

# ସମ୍ଭାବନା




## ଅନଲାଇନ୍ ଡିଗ୍ରୀ ଚୟନ ପୂର୍ବରୁ

**ଆଜିକାଲି ଚାକିରି ସହିତ ଯୁବପିଢ଼ି ଅନଲାଇନ ଡିଗ୍ରୀର ଲାଭ ଉଠାଉଛନ୍ତି। ତେବେ ଏହାକୁ ଚୟନ କରିବା ପୂର୍ବରୁ କିଛି ବିଶେଷ ଦିଗ ଉପରେ ଧ୍ୟାନ ଦେବା ଜରୁରି।**



- ଅନଲାଇନ ଡିଗ୍ରୀ ଚୟନ କରିବା ପୂର୍ବରୁ ପ୍ରଥମେ କେଉଁ କ୍ଷେତ୍ରରେ କାମ କରିବାକୁ ଚାହୁଁଛନ୍ତି, ସେ କଥା ଚିନ୍ତା କରନ୍ତୁ।
- ଅନଲାଇନ ଡିଗ୍ରୀ ଚୟନ କରିବା ବେଳେ ବିଶ୍ୱବିଦ୍ୟାଳୟ ମାନ୍ୟତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ୍ୟରୁ ଅନ୍ୟତମ। ମାନ୍ୟତା ପ୍ରାପ୍ତ ସଂସ୍ଥାନରୁ ପ୍ରାପ୍ତ ଡିଗ୍ରୀ ଚାକିରି ଏବଂ ଉଚ୍ଚ ଶିକ୍ଷାରେ ଅଧିକ ଉପଯୋଗୀ ହୋଇପାରିବ।
- ଡିଗ୍ରୀର ନାଁ ଦେଖି ନାମଲେଖାଇବା ଅନୁଚିତ। ପାଠ୍ୟକ୍ରମରେ କେଉଁ ବିଷୟ ପଢ଼ାଯିବ, ସେ ସମ୍ପର୍କରେ ଜାଣନ୍ତୁ।
- ଅନଲାଇନ ଡିଗ୍ରୀର ବଡ଼ ଲାଭ ହେଉଛି ଛାତ୍ର ନିଜ ସୁବିଧା ଅନୁସାରେ ପଢ଼ିପାରିବ।
- ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ଫି' ଓ ପାଠପଢ଼ା ତରିକା ଅଲଗା ଅଲଗା ହୋଇପାରେ। ତେଣୁ ନାମଲେଖାଇବା ପୂର୍ବରୁ ସମୁଦାୟ ଫି ଓ ଅଧ୍ୟୟନ ସାମଗ୍ରୀ ଉପଲବ୍ଧତା ବାବଦରେ ଜାଣିବା ଜରୁରି।


## ପାଠରେ ଏଆଇ



ଗୁଗଲ ଭାରତୀୟ ଛାତ୍ରମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛି। କମ୍ପାନି ନିଜ ଏଆଇ ପ୍ଲସ୍ ସବ୍‌ସ୍କ୍ରିପସନ୍‌କୁ ଛାତ୍ରଛାତ୍ରୀଙ୍କ ପାଇଁ ୧୨ ମାସ ପାଇଁ ମାଗଣା କରିଛି। ଏହି ପଦକ୍ଷେପ ପଢ଼ାରେ ଏଆଇ ଟେକ୍ନିକ୍‌ର ସାହାଯ୍ୟ ନେବା ଉଦ୍ଦେଶ୍ୟରେ କରାଯାଇଛି। ଗୁଗଲର ପ୍ରିମିୟମ୍ ଏଆଇ ଟୁଲ୍‌ର ଲାଭ ଉଠାଇ ହେବ। ଏହି ଅଫର୍ ବିଶେଷକରି ଭାରତୀୟ ଛାତ୍ରଙ୍କୁ ଦୃଷ୍ଟିରେ ରଖି କରାଯାଇଛି।

ବର୍ଷକର ମାଗଣା ସବସ୍କ୍ରିପସନ୍‌ରେ ଅନେକ ଉନ୍ନତମାନର ଫିଚର୍‌କୁ ସାମିଲ କରାଯାଇଛି। ଏଥିରେ ଷ୍ଟୁଡେଣ୍ଟ ହବ୍ ଏବଂ ଷ୍ଟଡି ନୋଟ୍‌ବୁକ୍ ଭଳି ଫିଚର ସାମିଲ ଅଛି। ଏହି ଟୁଲ୍ ଛାତ୍ରଛାତ୍ରୀଙ୍କୁ ନିଜ ପଢ଼ାକୁ ବ୍ୟବସ୍ଥିତ କରିବା, ନୋଟ୍‌କୁ ଉନ୍ନତ ଭାବେ ପରିଚାଳନା କରିବାରେ ସାହାଯ୍ୟ କରିବ। ଗୁଗଲ ଅନୁସାରେ, ଏହି ପ୍ୟାକ୍‌ରେ ପଢ଼ା ସହିତ ଜଡ଼ିତ ନୂଆ ଏଆଇ ଫିଚର ଯୋଡ଼ା ଯାଇଛି। ଏହି ଫିଚର୍‌ର ଉଦ୍ଦେଶ୍ୟ ଶିଖିବା ପ୍ରକ୍ରିୟାକୁ ଅଧିକ ଇଣ୍ଟରଆକ୍ଟିଭ୍ ଏବଂ ସହଜ କରିବା।

## ଘୋଷ୍ଟ ଜବ୍




**ଅନେକ ସମୟରେ ଚାକିରି ପାଇଁ ଆବେଦନ କରାଯାଇଥିଲେ ବି ମାସ ମାସ ଧରି କମ୍ପାନି ପକ୍ଷରୁ କୌଣସି ଉତ୍ତର ଆସି ନ ଥାଏ। ହେଲେ ସେହି ଚାକିରି ବା ପଦବିର ବିଜ୍ଞାପନ ବାରମ୍ବାର ଦେଖିବାକୁ ମିଳିଥାଏ। ଏହାକୁ ଘୋଷ୍ଟ ଜବ୍ କୁହାଯାଏ।**

ଘୋଷ୍ଟ ଜବ୍‌ର ଅର୍ଥ ହେଉଛି କୌଣସି ଏକ ଚାକିରି ପାଇଁ ପଦବିର ବିଜ୍ଞାପନ ବାହାରେ, କିନ୍ତୁ ଏଥିରେ କାହାକୁ ନିଯୁକ୍ତି ଦିଆଯାଏ ନାହିଁ। ଅନେକ ସମୟରେ ଏହି ପଦ ପାଇଁ ପୂର୍ବରୁ ହିଁ ନିଯୁକ୍ତି ମିଳିଯାଇଥାଏ। ହେଲେ କମ୍ପାନି ଏହାର ବିଜ୍ଞାପନ ହଟାଇବାକୁ ଭୁଲିଯାଏ। ଏହା ଯୋଗୁଁ ଚାକିରି ଖୋଜୁଥିବା ଲୋକଙ୍କଠାରେ ହତାଶ ମନୋଭାବ ଦେଖିବାକୁ ମିଳିଥାଏ। କାରଣ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଚାକିରି ପାଇଁ ଆବେଦନ କରନ୍ତି ଓ ଭାବନ୍ତି ଅଭାବ ସେମାନଙ୍କ ଭିତରେ ଅଛି। ଏବେ ପ୍ରଶ୍ନ ଉଠୁଛି କମ୍ପାନି ଏଭଳି କରେ କାହିଁକି?

ତେବେ ଏହା ପଛରେ ଗୋଟିଏ ନୁହେଁ, ଏକାଧିକ କାରଣ ଥିବା କୁହାଯାଏ। କିଛି କମ୍ପାନି ବାହାରୁ ଏହା ଦେଖାଇବାକୁ ଚାହାନ୍ତି ଯେ, ସେହି କମ୍ପାନି ଲଗାତାର ଉନ୍ନତି କରୁଛି ଏବଂ ଲୋକଙ୍କୁ କାମରେ ରଖୁଛି। ଯାହାକି ବାସ୍ତବରେ ସତ ହୋଇ ନ ଥାଏ। ସେହିପରି ଆଉ ଏକ ବଡ଼ କାରଣ ହେଉଛି କ୍ୟାଣ୍ଡିଡେଟ୍ ପାଇପ୍‌ଲାଇନ୍ ପ୍ରସ୍ତୁତ କରିବା। ଏହାର ଅର୍ଥ କମ୍ପାନି ସବୁବେଳେ ନିଜ ପାଖରେ ଭଲ ନିଯୁକ୍ତିକର୍ତ୍ତାଙ୍କ ତାଲିକ ରଖେ। କାରଣ ଯଦି କୌଣସି କର୍ମଚାରୀ ଅଚାନକ ଚାକିରି ଛାଡ଼ି ଦିଅନ୍ତି, ତୁରନ୍ତ ସେହି ପଦରେ ଅନ୍ୟ କାହାକୁ ରଖାଯାଇପାରିବ। ଅନେକ ସମୟରେ ଏଚଆର୍ ବିଭାଗ ଏକଥା ଦେଖାଇବାକୁ ଚାହାନ୍ତି ଯେ, ବଜାରରେ କିଭଳି ପ୍ରକାର ଦକ୍ଷତା ଅଛି ଏବଂ ଲୋକେ କେତେ ପାରିଶ୍ରମିକ ଚାହୁଁଛନ୍ତି।

ବଢ଼ୁଥିବା ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଘୋଷ୍ଟ ଜବ୍ ଉପରେ ଅଙ୍କୁଶ ଆଣିବା ପାଇଁ ଏକ ନୂଆ ଆଇନର ପ୍ରସ୍ତାବ ରଖାଯାଇଛି। ଏହି ଆଇନ ଅନୁସାରେ, କମ୍ପାନିରେ ନିଯୁକ୍ତି ପୂରଣ ହୋଇଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଜ୍ଞାପନ ହଟାଇବା ଅନିବାର୍ଯ୍ୟ ହେବ। ଫଳରେ ପୁରୁଣା ଓ ମିଛ ବିଜ୍ଞାପନରୁ ଲୋକେ ବଞ୍ଚିତ ହେବେ।

## ଜେନ୍ ଜେଡ୍‌ଙ୍କ ଭଡ଼ା ଅଫିସ୍



**ଚାକିରିକୁ ନେଇ ଏବେ ଏକ ନୂଆ ଟ୍ରେଣ୍ଡ ଜେନ୍ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳିଛି। ଯୁବପିଢ଼ି ଚାକିରି କରିବା ପାଇଁ ନୁହେଁ, ବରଂ ଚାକିରି ପରିବେଶ ପାଇବା ପାଇଁ ହାତରୁ ଟଙ୍କା ଖର୍ଚ୍ଚ କରି ଅଫିସ୍ ଆସୁଛନ୍ତି। ଏହାକୁ ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ବୋଲି କୁହାଯାଉଛି।**

ଚୀନ୍‌ରେ ବେରୋଜଗାରୀ ସମସ୍ୟା ମଧ୍ୟରେ ଏହି ଅଲଗା ଟ୍ରେଣ୍ଡ ସାମ୍ନାକୁ ଆସିଛି। ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ମାଧ୍ୟମରେ ଜେନ୍ ଜେଡ୍ ଯୁବପିଢ଼ି ନିଜେ ଟଙ୍କା ଖର୍ଚ୍ଚ କରି କାମ କରିବା ଦେଖେଇ ହେବା ଏବଂ ଅଫିସ୍ ପରିବେଶ ପାଇବା ଲାଗି ଭଡ଼ାରେ ଅଫିସ୍ ନେଉଛନ୍ତି। ଏହି ଟ୍ରେଣ୍ଡ ମାଧ୍ୟମରେ ବେରୋଜଗାରୀ ଯୁବପିଢ଼ି ଲାପଟପ୍ ଧରି ଘଣ୍ଟା ଘଣ୍ଟା ଡେସ୍କରେ ବସନ୍ତି, ଚାକିରି ପାଇଁ ଆବେଦନ କରନ୍ତି, ବାୟୋଡାଟା ପ୍ରସ୍ତୁତ କରନ୍ତି, ନିଜ ଷ୍ଟାର୍ଟଅପ୍ ଏବଂ ଅନ୍ୟ ପ୍ରୋଜେକ୍ଟ ଉପରେ କାମ କରନ୍ତି। ଚାକିରି ଖୋଜୁଥିବା ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତି। ଏହା ବଦଳରେ ସେମାନଙ୍କୁ କମ୍ପ୍ୟୁଟର, ଇଣ୍ଟରନେଟ୍, ସ୍ନାକ୍ସ, ଲଞ୍ଚ, ଡ୍ରିଙ୍କ ଭଳି ସୁବିଧା ମିଳେ। ଯଦିଓ ଏହା ଯୁବପିଢ଼ିଙ୍କ ପାଇଁ ବାସ୍ତବ ଚାକିରି ନୁହେଁ, ତଥାପି ଏହାଦ୍ୱାରା ଅଫିସ୍ ପରିବେଶ ସେମାନଙ୍କୁ ମିଳିଥାଏ।

ଏଭଳି ସ୍ଥାନରେ ବସିବା ଲାଗି ସେମାନଙ୍କୁ ପ୍ରତିଦିନ ପାଖାପାଖି ୪୦୦ରୁ ୬୭୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପ୍ରଥମେ ସେମାନଙ୍କୁ ଏହା ଏକ ସାଧାରଣ ଖର୍ଚ୍ଚ ଲାଗେ। ଦୀର୍ଘ ଦିନ ବିତିବା ପରେ ଏହି ଟଙ୍କା ସେମାନଙ୍କ ପାଇଁ ଗୁରୁତ୍ୱ ବହନ କରେ। ସେହିପରି ଟଙ୍କା ଦେଇ ଯୁବପିଢ଼ି ଦିନେ ଅଧେ ନୁହେଁ, ବରଂ ଶନିବାର ଏବଂ ରବିବାର ଛାଡ଼ି ସୋମବାରରୁ ଶୁକ୍ରବାର ନିୟମିତ ଅଫିସ୍ ଯାଆନ୍ତି। ସେମାନଙ୍କ କହିବା କଥା ଘରେ ଏକୁଟିଆ ବସି ଚାକିରି ଖୋଜିବା ପରିବର୍ତ୍ତେ ଏହା ସେମାନଙ୍କୁ ଅଧିକ ଅନୁଶାସିତ ଲାଗୁଛି ଓ ସକ୍ରିୟ ପରିବେଶ ମିଳିପାରୁଛି।

ଏଭଳି ଅଫିସ୍ ଚୀନ୍‌ରେ ନାନଜିଂ, ସଂଘାଇ, ହୁହାନ, ଶେନଝେନ, ଚେଙ୍ଗଡୁ, କୁନମିଂ ଭଳି ସହରରେ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ପଛରେ ଅଫିସ ଯିବାର ଇଚ୍ଛା ନ ଥାଏ। ବେରୋଜଗାରୀ ସମୟରେ ଘରେ ଦୀର୍ଘ ସମୟ ଏକୁଟିଆ ରହିବା ଦ୍ୱାରା ଯୁବିପିଢ଼ିଙ୍କୁ ନିତିଦିନ ଏବଂ ସାମାଜିକ ଜୀବନ ପ୍ରଭାବିତ ହୁଏ। ଏଭଳି ସ୍ଥିତିରେ କିଛି ଯୁବପିଢ଼ି ଅଫିସ୍ ଭଳି ପରିବେଶ ବାଛୁଛନ୍ତି ଏବଂ ଚାପରେ ନ ରହିବା ପାଇଁ ଏଭଳି ଏକ ଡେଲି ରୁଟିନ ନିଜର ନିର୍ଦ୍ଧାରିତ କରୁଛନ୍ତି।

● ମହିଳା ଏସିଆ କପ୍ କ୍ରିକେଟ

## ଭାରତ-ବାଂଲାଦେଶ ସେମିଫାଇନାଲ




ଦୁବାଇ,୮।୯ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ସେପ୍ଟେମ୍ବର ୧୦ ବା ଗୁରୁବାର ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ସହ ବାଂଲାଦେଶ ଓ ୧୧ ତାରିଖ ଶୁକ୍ରବାର ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ୧୩ରେ ଖେଳାଯିବ। ଲିଗ୍ ମ୍ୟାଚ୍ ଶେଷ ହେବା ପରେ ଗ୍ରୁପ୍-ଏ'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଭାରତ ଓ ପାକିସ୍ତାନ ଏବଂ ଗ୍ରୁପ୍-ବି'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କା ଓ ବାଂଲାଦେଶ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛନ୍ତି। ଗ୍ରୁପ୍-ଏ'ରେ ଭାରତ ଓ ବି'ରେ ଶ୍ରୀଲଙ୍କା ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଆଇସିସି ମହିଳା ଟି-୨୦ ର୍ୟାଙ୍କିଙ୍ଗ୍‌ରେ ଦୀପ୍ତିଙ୍କ ଉନ୍ନତି

ଦୁବାଇ, ୮।୯ (ଏଜେନ୍ସି): ଭାରତୀୟ ସ୍ପିନ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଆଇସିସି ମହିଳା ଟି-୨୦ ର୍ୟାଙ୍କିଙ୍ଗରେ ବଡ଼ ଉନ୍ନତି କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ବୋଲିଂ ମାନ୍ୟତାରେ ଦୀପ୍ତି ୨ଟି ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୟୁଏଇରେ ଚାଲିଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ଦୀପ୍ତି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଥାଇଲାଣ୍ଡ ବିପକ୍ଷରେ ସେ କୌଣସି ରନ୍ ନ ଦେଇ ୩ଟି ୱିକେଟ ନେଇଥିଲେ। ଅନ୍ୟତମ ଭାରତୀୟ ସ୍ପିନର ଶ୍ରୀଚରଣି ବୋଲିଂ ମାନ୍ୟତାରେ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟପ୍-୨୦ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ମହିଳା କ୍ରିକେଟର୍ ରେଣୁକା ସିଂଙ୍କୁ ଦୁଇଟି ସ୍ଥାନ ହରାଇବାକୁ ପଡ଼ିଛି। ରେଣୁକା ୧୮ରୁ ୨୦ତମ ସ୍ଥାନକୁ ଖସି ଯାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ରାଧା ଯାଦବ ମଧ୍ୟ ୪ଟି ପାହାଚ ହରାଇ ୩୧ତମ ସ୍ଥାନରେ ପହଞ୍ଚିଛନ୍ତି।

## ବାଲନ୍ ଡି'ଓର୍ ପୁରସ୍କାର ଦୌଡ଼ରେ ମେସି

ପ୍ୟାରିସ, ୮।୯ (ଏଜେନ୍ସି): ବିଶ୍ୱ ଫୁଟବଲର ଅନ୍ୟତମ ସମ୍ମାନଜନକ ପୁରସ୍କାର ବାଲନ୍ ଡି'ଓର୍ ଲାଗି ମନୋନୀତ ଖେଳାଳିଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ଦୌଡ଼ରେ ଫ୍ରାନ୍ସ ତାରକା ଓସମାନେ ଡେମ୍ବେଲେ, କିଲିଆନ ଏମ୍‌ବାପ୍ପେ, ନରୱେର ଏର୍ଲିଙ୍ଗ ହଲାଣ୍ଡ, ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍, ସ୍ପାନିସ ଷ୍ଟାର ଲାମିନେ ୟମାଲ, ସେନେଗାଲ୍‌ର ସାଡିଓ ମାନେ ପ୍ରମୁଖ ରହିଛନ୍ତି। ନିକଟରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିବା ଆର୍ଜେଣ୍ଟିନା ସୁପର ଷ୍ଟାର୍ ଲିଓନେଲ ମେସି ମଧ୍ୟ ପୁରସ୍କାର ଦୌଡ଼ରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ଏମ୍‌ବାପ୍ପେ ମୋଟ୍ ୧୦ଟି ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ମେସି ୮ଟି, ଏର୍ଲିଙ୍ଗ ହଲାଣ୍ଡ ୭ଟି ଗୋଲସ୍କୋର କରିଥିଲେ। ତେଣୁ ଏମାନେ ମଧ୍ୟ ପୁରସ୍କାର ଲାଗି ଦୃଢ଼ ଦାବିଦାର୍ ରହିଛନ୍ତି। ମହିଳା ବାଲନ୍ ଡି'ଓର ପୁରସ୍କାର ଲାଗି ସଂକ୍ଷିପ୍ତ ତାଲିକାରେ ଫ୍ରାନ୍ସର ସେଲମା ବାଚା, ଜର୍ମାନୀର କ୍ଲାରା ବୁଲ୍, ନେଦରଲ୍ୟାଣ୍ଡସର କେଷ୍ଟ୍ରିନ କାସ୍ୱାରଜିତ ପ୍ରମୁଖ ସ୍ଥାନ ପାଇଛନ୍ତି। ବର୍ଷର ଶ୍ରେଷ୍ଠ କୋଚ୍ ଦୌଡ଼ରେ ବିଶ୍ୱକପ୍ ବିଜେତା ସ୍ପେନର ଲୁଇସ ଡି ଫୁଏଣ୍ଟେ, ଆର୍ସେନାଲର ମାଇକେଲ ଆର୍ଟେଟା, ବେୟର୍ନ ମ୍ୟୁନିକର ଭିନସେଣ୍ଟ କୋମ୍ପାନୀ, ପିଏସ୍‌ଜି'ର ଲୁଇସ ଏନରିକ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଫ୍ରାନ୍ସ ଫୁଟବଲ୍ ମାଗାଜିନ ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଉଛି। ମେସି ରେକର୍ଡ ୮ ଥର ଲାଗି ଏହି ପୁରସ୍କାର ଜିତିଛନ୍ତି।

## ଏଆଇଟିଏ ସଭାପତି ପଦ ପାଇଁ ଲଢ଼ିବେ ଲିଆଣ୍ଡର

ନୂଆଦିଲ୍ଲୀ, ୮।୯ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ସର୍ବଭାରତୀୟ ଟେନିସ୍ ଆସୋସିଏସନ୍ ( ଏ ଆ ଇ ଟି ଏ ) ର ସଭାପତି ପଦ ପାଇଁ ନିର୍ବାଚନରେ ଲଢ଼ିବେ। ୫୩ ବର୍ଷୀୟ ଲିଆଣ୍ଡର ବର୍ତ୍ତମାନ ବେଙ୍ଗଲ୍ ଟେନିସ୍ ଆସୋସିଏସନ୍ (ବିଟିଏ)ର ସଭାପତି ରହିଛନ୍ତି। ଏଆଇଟିଏ'ର ସଭାପତି ପଦ ପାଇଁ ପ୍ରାର୍ଥୀ ଭାବରେ ବିଟିଏ ପକ୍ଷରୁ ଲିଆଣ୍ଡରଙ୍କୁ ସମର୍ଥନ କରାଯାଇଛି। ସୋମବାର ଅନୁଷ୍ଠିତ ବିଟିଏ'ର କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରୋଜର ଫେଡେରରଙ୍କ ଟେନିସ୍ ହଲ୍ ଅଫ୍ ଫେମରେ ସାମିଲ ହେବା ଲାଗି ଲିଆଣ୍ଡର ବର୍ତ୍ତମାନ ଆମେରିକା ଗସ୍ତରେ ରହିଛନ୍ତି।



ବିଟିଏ'ର ପ୍ରସ୍ତାବକୁ ପେସ୍ ଗ୍ରହଣ କରିଥିବା ଜଣାପଡ଼ିଛି। ପେସଙ୍କ ସମ୍ମତି ପରେ ବିଟିଏ ତାଙ୍କର ନାମାଙ୍କନ ଦାଖଲ କରିବ ବୋଲି ଆଶା କରାଯାଉଛି। ପେସ୍ ଏହି ମାସ ଶେଷରେ ଫେରିବା ପରେ ଏ ସମ୍ପର୍କରେ ଏକ ଆନୁଷ୍ଠାନିକ ଘୋଷଣା କରାଯିବାର ସମ୍ଭାବନା ରହିଛି। ଜାତୀୟ କ୍ରୀଡ଼ା ମହାସଂଘର ନୂତନ ସଂଶୋଧିତ ସମ୍ବିଧାନ ଅନୁଯାୟୀ ପେସ'ଙ୍କ ପ୍ରସ୍ତାବିତ ପ୍ରାର୍ଥୀତ୍ୱ ପାଇଁ ଏହି ଆବେଦନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନଭେମ୍ବର ୨୦୨୫ରେ ପେସ ବେଙ୍ଗଲ ସଂଘର ସଭାପତି ନିର୍ବାଚିତ ହେବା ପରେ ତାଙ୍କର ଟେନିସ୍ ପ୍ରଶାସନରେ ପ୍ରବେଶ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା।

### ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ସୁନ୍ଦର ବୋଲିଂ

# ପୂର୍ବାଞ୍ଚଳ କବ୍‌ଜାରେ ଦୁଲୀପ୍ ଟ୍ରଫି ଫାଇନାଲ

ଚେନ୍ନାଇ,୮।୯ (ଏଜେନ୍ସି)



ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ନିୟନ୍ତ୍ରିତ ଓ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫି ଫାଇନାଲ ପୂର୍ବାଞ୍ଚଳ କବ୍‌ଜାରେ ରହିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ପୂର୍ବାଞ୍ଚଳର ୭୦୮ ରନ୍ ଜବାବରେ ଦକ୍ଷିଣାଞ୍ଚଳ ୬ ୱିକେଟରେ ୨୪୨ ରନ୍ ସଂଗ୍ରହ କରିଛି। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତିଲକ ବର୍ମା ୫୬ ଓ ଚାମା ମିଲିନ୍ଦ ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟ ପ୍ରମୁଖ ବ୍ୟାଟର ଦେବଦତ୍ତ ପାଡିକଲ ୬୨, ନାରାୟଣ ଜଗଦୀଶନ ୩୨ ଓ ସ୍ମରଣ ରବିଚନ୍ଦ୍ରନ ୨୩ ରନ୍ କରି ଆଉଟ ହେବା ଫଳରେ ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବା ସ୍ପଷ୍ଟ ହୋଇଛି। ଖେଳ ଆଉ ଦୁଇ ଦିନ ବାକି ରହିଥିଲାବେଳେ ପୂର୍ବାଞ୍ଚଳ ୪୬୬ ରନ୍‌ରେ ଆଗୁଆ ରହି ତୃତୀୟ ଟାଇଟଲ ଜିତିବା ରାସ୍ତା ସ୍ପଷ୍ଟ କରିଛି। ପୂର୍ବାଞ୍ଚଳ ପକ୍ଷରୁ ପ୍ରମୁଖ ସ୍ପିନର ବ୍ୟାଟିଂ କଲାବେଳେ ଆହତ ହୋଇଥିବାରୁ ଗୋଟିଏ ହେଲେ ବଲ ପକାଇପାରି ନାହାନ୍ତି। କିନ୍ତୁ ଦଳରେ ସ୍ଥାନ ପାଇଥିବା ଦୁଇ ଅନ୍ତର୍ଜାତୀୟ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ମ୍ୟାଚ୍‌କୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଛନ୍ତି। ପ୍ରଥମ ଇନିଂସରେ ସୁନ୍ଦର ୮୫ ରନ୍ କରିଥିବା ଯୁବ ଖେଳାଳି ଶିଖର ମୋହନ ପ୍ରତିପକ୍ଷ ଦଳର ଓପନର ତଥା ସ୍ଥାନୀୟ ଖେଳାଳି ଏନ୍ ଜଗଦୀଶନଙ୍କର ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରିଛନ୍ତି। ଶେଷ ଭାଗରେ ପ୍ରତିରୋଧ କରୁଥିବା ଶ୍ରେୟସ ଗୋପାଳଙ୍କୁ ଆଉଟ କରି ଅଫ୍ ସ୍ପିନର କୌନେନ୍ କ୍ୟୁରେଶୀ ଏକମାତ୍ର ସଫଳତା ପାଇଥିଲେ ମଧ୍ୟ ପୂର୍ବାଞ୍ଚଳକୁ ପ୍ରଥମ ଇନିଂସ ଅଗ୍ରଣୀ ଦେବା ସ୍ପଷ୍ଟ କରିଛନ୍ତି।

ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳର ଶେଷ ବଲ୍‌ରେ ମୁକେଶ କୁମାର ଆଉଟ ହେବା ପରେ ପୂର୍ବାଞ୍ଚଳର ପ୍ରଥମ ଇନିଂସ ୭୦୮ ରନ୍‌ରେ ଶେଷ ହୋଇଥିଲା। ଦଳ ପକ୍ଷରୁ ଇଶାନ କିଶାନ ସର୍ବାଧିକ ୨୭୦, କୁମାର କୁଶାଗ୍ର ୧୦୧, ଶିଖର ମୋହନ ୮୫, ଅଭିମନ୍ୟୁ ଈଶ୍ୱରନ ୭୨ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ଦଳ ଆଜି ପ୍ରଥମ ଇନିଂସ ଖେଳ ଆରମ୍ଭ କରି ୧୦ରନ୍‌ରେ କାମଚଳା ଓପନର ରିକି ଭୁଇ (୧) ଓ ୭୦ ରନ୍‌ରେ ଜଗଦୀଶନ (୩୨)ଙ୍କ ୱିକେଟ ହରାଇଥିଲା। ଶ୍ରୀଲଙ୍କାରେ କ୍ରମାଗତ ୩ଟି ଶତକ ହାସଲ କରି ଜବରଦସ୍ତ ଫର୍ମରେ ଫେରିଥିବା ଦେବଦତ୍ତ ପାଡିକଲ ଏଠାରେ ଆରାମରେ ଖେଳୁଥିଲେ। ତାଙ୍କଠାରୁ ଦଳ ଏକ ବଡ଼ ଇନିଂସ ଆଶା କରୁଥିଲା। ଲଞ୍ଚ ପରେ ସେ ୬୨ ରନ୍ କରି ମୁକେଶ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦକ୍ଷିଣାଞ୍ଚଳ ଦଳରେ ବଡ଼ ଇନିଂସ ଖେଳିବାର ଦକ୍ଷତା ରଖିଥିବା ସ୍ମରଣ ରବିଚନ୍ଦ୍ରନ ୨୩, ଯୁବ ଖେଳାଳି ସେକ୍ ରଶିଦ୍ ୨୭ ଓ ସଂକଟମୋଚନକାରୀ ଶ୍ରେୟସ ଗୋପାଳ ୨୬ରନ୍‌ରେ ଆଉଟ ହେବା ଫଳରେ ପୂର୍ବାଞ୍ଚଳକୁ ଫାଇଦା ମିଳିଥିଲା। ଏବେ କେବଳ ଅଧିନାୟକ ତିଲକ ବର୍ମା ୧୩୩ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୫୬ ରନ୍ କରି ଅପରାଜିତ ଅଛନ୍ତି। ତାଙ୍କ ବ୍ୟାଟିଂ ଉପରେ ଦକ୍ଷିଣାଞ୍ଚଳ ହୁଏତ କିଛି ରନ୍ ସଂଗ୍ରହ କରିପାରେ, କିନ୍ତୁ ୭୦୮ ରନ୍‌ର ପ୍ରଥମ ଇନିଂସ ସ୍କୋରକୁ ଅତିକ୍ରମ କରିବା ସମ୍ଭବ ହେବ ନାହିଁ। ଏହା ଫଳରେ ପୂର୍ବାଞ୍ଚଳ ତୃତୀୟଥର ଦୁଲୀପ୍ ଟ୍ରଫି ଚାମ୍ପିଅନ ହେବାର ରାସ୍ତାରେ କେବଳ ତିଲକ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

## ୩ବର୍ଷ ପରେ କ୍ୱାର୍ଟରରେ ଗଫ୍



ନ୍ୟୁୟର୍କ,୮।୯ (ଏଜେନ୍ସି): ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ଆମେରିକାର ଉଦୀୟମାନ ଖେଳାଳି ତଥା ୨୦୨୩ର ଚାମ୍ପିଅନ କୋକୋ ଗଫ୍ ୨୦୨୬ର ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିଲାଗି ସେ ନିଜ ଦେଶର ୧୪ ନମ୍ବର ସିଡ୍ ତଥା ଇଭା ଜୋଭିଚ୍‌ଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଥିଲେ। ନଂ-୪ ସିଡ୍ ଗଫ୍ କ୍ୱାର୍ଟର ଫାଇନାଲରେ ୫ ନମ୍ବର ସିଡ୍ ତଥା ଚଳିତ ବର୍ଷର ଫ୍ରେଞ୍ଚ ଓପନ ଚାମ୍ପିଅନ ରୁଷର ମୀରା ଆନ୍ଦ୍ରୀଭାଙ୍କୁ ଭେଟିବେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କ ସହ ଅଣସିଡେଡ ଖେଳାଳି ଚୀନ୍‌ର ଝେଙ୍ଗ କ୍ୱିନେନ୍‌ଙ୍କୁ ଭେଟିବେ। ଚତୁର୍ଥ ରାଉଣ୍ଡ ଖେଳରେ ଜାପାନର ତାରକା ଖେଳାଳି ତଥା ନଂ-୧୩ ସିଡ୍ ନାଓମି ଓସାକାଙ୍କୁ ୬-୧, ୬-୧ ସିଧାସଳଖ ସେଟ୍‌ରେ ହରାଇଥିଲେ। ସେହପିରି ଝେଙ୍ଗ୍ ନଂ-୮ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଅନ୍ୟ ଦୁଇ କ୍ୱାର୍ଟର ଫାଇନାଲରେ ନଂ-୧ ସିଡ ଆରିନା ସାବାଲେଙ୍କାଙ୍କ ସହ ୱିମ୍ବଲଡନ ଚାମ୍ପିଅନ ତଥେ ୬ଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ଏବଂ ନଂ-୩ ସିଡ୍ ଜେସିକା ପେଗୁଲାଙ୍କ ସହ ଏମ୍ମା ନାଭାରୋଙ୍କର ମୁକାବିଲା ହେବ।

### ନଂ-୧ ଜ୍ୱେରେଭ୍ କ୍ୱାର୍ଟରରେ

ପୁରୁଷ ବିଭାଗରେ ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ବିଜୟ ସହ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ ଆମେରିକାର ଦୁଇ ଖେଳାଳି ଫ୍ରାନ୍‌ସେସ୍ ତିଆଫୋଏଙ୍କ ସହ ଆଲେକ୍ସ ମିଚେଲସେନଙ୍କର ଓ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ବେନ୍ ଶେଲଟନଙ୍କର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ସେହିପରି ଆସନ୍ତାକାଲି ରାତିରେ ନଂ-୧ ଜ୍ୱେରେଭଙ୍କ ସହ ଅଣସିଡେଡ ଖେଳାଳି ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲପ୍‌ଙ୍କର ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭାଙ୍କ ସହ ଲଢ଼େଇ ହେବ। ଗତକାଲି ରାତିରେ ନଂ-୧୪ ସିଡ ଲର୍ଣ୍ଣ ଟିଏନ୍‌ଙ୍କୁ ୫ ମ୍ୟାଚ୍ ବିଶିଷ୍ଟ ମୁକାବିଲାରେ ହରାଇ ଖାଚାନୋଭ୍ ଶେଷ କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଥିଲେ।

### ୟୁଏସ୍ ଓପନ କ୍ୱାର୍ଟରଫାଇନାଲ

**ମହିଳା ସିଙ୍ଗଲ୍ସ**

| | |
|---|---|
| ଆରିନା ସାବାଲେଙ୍କା (୧) | - ଲିଣ୍ଡା ନୋସ୍କୋଭା (୬) |
| ଜେସିକା ପେଗୁଲା (୩) | - ଏମ୍ମା ନାଭାରୋ (୨୬) |
| କୋକୋ ଗଫ୍ (୪) | - ମୀରା ଆନ୍ଦ୍ରୀଭା (୫) |
| ଏଲିନା ରିବାକିନା (୨) | - କ୍ୱିନ୍‌ନେନ୍ ଝେଙ୍ଗ୍ (ନାହିଁ) |

**ପୁରୁଷ ସିଙ୍ଗଲ୍ସ**

| | |
|---|---|
| ଫ୍ରାନସେସ୍ ତିଆଫୋଏ (୧୧) | - ଆଲେକ୍ସ ମିଚେଲସେନ୍ |
| କାର୍ଲୋସ ଆଲକାରାଜ୍ (୨) | - ବେନ୍ ଶେଲଟନ (୮) |
| ଆଲେକଜାଣ୍ଡର ଜ୍ୱେରେଭ୍ (୧) | - ବି. ଭାନ୍ ଡି ଜାଣ୍ଡସ୍କଲପ୍ |
| ଆଲେକ୍‌ଜାଣ୍ଡର ବ୍ଲକ୍ସ (୨୮) | - କାରେନ୍ ଖାଚାନୋଭ୍ |

## ଭାରତ-ଜାପାନ ଟି-୨୦ ଫ୍ୟାନ୍ କୋଡ୍‌ରେ ଲାଇଭ୍ ଷ୍ଟ୍ରିମିଂ

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ସେପ୍ଟେମ୍ବର ୨୨ ତାରିଖରେ ହେବାକୁ ଥିବା ଐତିହାସିକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଅଧିକାର ପାଇଛି ଫ୍ୟାନ୍ କୋଡ୍। ଗ୍ଲୋବାଲ ଡିଜିଟାଲ ପ୍ରସାରଣ ଅଧିକାର ଲାଗି ମଧ୍ୟ ଫ୍ୟାନ୍‌କୋଡ୍ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ର ଟେଲିଭିଜନ ପ୍ରସାରଣ ଲାଗି ବିଡ୍ ଦାଖଲ କରିବାକୁ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଖୁବ୍ ଶୀଘ୍ର ପ୍ରସାରଣ ଅଧିକାର କାହାକୁ ମିଳିବ ତାହା ସ୍ପଷ୍ଟ ହେବ। ଜାପାନର ସାନୋ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ସୋନି, ଷ୍ଟାର କିମ୍ବା ଜୀ ଟିଭି ନେଟ୍‌ୱର୍କ ମଧ୍ୟରୁ ଗୋଟିଏ ସଂସ୍ଥା ଏହି ମ୍ୟାଚ୍‌ର ପ୍ରସାରଣ ଅଧିକାର ପାଇବେ ବୋଲି ଆଶା କରାଯାଉଛି।

## ପାରା ତୀରନ୍ଦାଜଙ୍କୁ ୨ ସ୍ୱର୍ଣ୍ଣ

ଅହମ୍ମଦାବାଦ୍,୮।୯ (ଏଜେନ୍ସି): ଭାରତର ପୁରୁଷ ରିକର୍ଭ ଓ କମ୍ପାଉଣ୍ଡ ଟିମ୍ ୱାର୍ଲ୍ଡ ତୀରନ୍ଦାଜୀ ପାରା ସିରିଜ୍‌ରେ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡିଷଫଣ୍ଟିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା କମ୍ପାଉଣ୍ଡ ଯୋଡି ମଧ୍ୟ କାଂସ୍ୟ ପଦକ ହରାଇଛି। ଓଡ଼ିଶାର ପାୟଲ ନାଗ ଓ ଶିତଲ ଦେବୀଙ୍କ ଯୋଡି କାଂସ୍ୟ ପଦକ ମୁକାବିଲାରେ ପରାଜିତ ହୋଇଥିଲେ।

ଓଡିଶା ହ୍ୟାଣ୍ଡବଲ ସଂଘ ନିର୍ବାଚନ

## ବିପ୍ଳବ ସଭାପତି, ମାନସ ସମ୍ପାଦକ




ଭୁବନେଶ୍ୱର, ୮।୯ (ସମିସ): ପୁରୀର ଝଡ଼େଶ୍ୱରୀ କ୍ଲବଠାରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିତ୍ୱିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ନାୟକ ଏବଂ ହ୍ୟାଣ୍ଡବଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଚଏଆଇ)ରୁ ପର୍ଯ୍ୟବେକ୍ଷକ ଭାବେ ଝାଡ଼ଖଣ୍ଡ ସଂଘର କୋଷାଧ୍ୟକ୍ଷ ସୟଦ ସମିମି ଅହମଦ୍ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ଚାରି ବର୍ଷ ପାଇଁ କାର୍ଯ୍ୟକାରୀ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ନୂତନ କାର୍ଯ୍ୟକାରୀ ସମିତିରେ ସଭାପତି ଭାବେ ବିପ୍ଳବ ଚୌଧୁରୀ ଓ ସମ୍ପାଦକ ଭାବରେ ଙ୍ଗ ମାନସ କୁମାର ସିଂ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପ ସଭାପତି ରତ୍ୱିକ ଅଧିକାରୀ, ସୁରେଶ ଚନ୍ଦ୍ର ପାଢ଼ୀ, ରମେଶ ପୃଷ୍ଟି, ପାର୍ଥସାରଥୀ ମହାପାତ୍ର, ଯୁଗ୍ମ ସମ୍ପାଦକ ଗୌରୀ ଶଙ୍କର ମିଶ୍ର, ଗୀତାଞ୍ଜଳି ଦାଶ, କୋଷାଧ୍ୟକ୍ଷ ଭାବରେ ଶୀତେନ୍ଦ୍ରନାଥ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟମାନେ ହେଲେ ସାରଦା ପ୍ରସାଦ ଦାସ, ପ୍ରଶାନ୍ତ ରଥ, ଶୁଭେନ୍ଦୁ ନାରାୟଣ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଣୟ କୁମାର ପାଣି ଓ ବିଷ୍ଣୁପ୍ରସାଦ ପଟ୍ଟନାୟକ ଆଗାମୀ ୪ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି।

# 'ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ ଆମର ଲକ୍ଷ୍ୟ'




ବେଙ୍ଗାଲୁରୁ,୮।୯ (ଏଜେନ୍ସି)

ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱ ଓ ହେଡ୍ କୋଚ୍ ଜୋଏର୍ଡ ମାରିନଙ୍କ ପ୍ରଶିକ୍ଷଣରେ ଭାରତୀୟ ମହିଳା ହକି ଦଳ ଏବେ ସଫଳତାର ଶୀର୍ଷରେ ରହିଛି। ମାରିନ୍ ଚଳିତବର୍ଷ ହେଡ କୋଚ୍ ଦାୟିତ୍ୱ ନେବା ପରେ ୱାର୍ଲ୍ଡକପ୍ କ୍ୱାଲିଫାୟର୍ସରେ ରନର୍ସ ଅପ୍, ଭାରତ ନେସନ୍ସ କପ ଚାମ୍ପିଅନ ହୋଇ ମହିଳା ପ୍ରୋ-ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଏହା ପରେ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ୫ମ ସ୍ଥାନ ଅଧିକାର କରି ଐତିହାସିକ ସଫଳତା ପାଇବା ପରେ ମହିଳା ଦଳ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ଚାମ୍ପିଅନ ହେବା ଲକ୍ଷ୍ୟ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବା ସହ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଆମର ଲକ୍ଷ୍ୟ ବୋଲି ଭାରତ ଛାଡିବା ପୂର୍ବରୁ ଅଧିନାୟିକା ସଲିମା ଟେଟେ କହିଛନ୍ତି। ଏହି ଲକ୍ଷ୍ୟରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି ଚୀନ। ଉଭୟ ଦେଶ ମଧ୍ୟରେ ହୋଇଥିବା ବିଶ୍ୱକପ୍ ମୁକାବିଲା ୨-୨ ଗୋଲରେ ଡ୍ର ରହିଥିଲା। ଏସିଆନ ଗେମ୍ସରେ ଚାମ୍ପିଅନ ହେବା ଅର୍ଥ ଚୀନ୍, ଦକ୍ଷିଣ କୋରିଆ ଓ ଜାପାନ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟୀ ହେବା। ଏଣୁ ଭାରତକୁ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟୀ ହେବାକୁ ହେଲେ ଅଧିକ ଉନ୍ନତ ପ୍ରଦର୍ଶନ ଦେବାକୁ ହେବ। ସୁନେଲିତା ଟପ୍ପୋ ଏହି ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ସ୍ଥାନ ପାଇଛନ୍ତି।

### ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ୍

# ଭାରତଠୁ ୭-୩ ଗୋଲ୍‌ରେ ହାରିଲା ଦକ୍ଷିଣ କୋରିଆ



ମୋକି/ଚୀନ୍,୮।୯ (ଏଜେନ୍ସି): ଅଧିନାୟକ ତଥା ଓଡ଼ିଆ ଡ୍ରାଗ୍ ଫ୍ଲିକର ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ ବଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏସିଆ କପ୍ ହକିର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ୭-୩ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ପୁଲ-ଏ'ରେ ପ୍ରଥମ ସ୍ଥାନରେ ରହିବା ସହ ସେମିଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିଛି।

ବିଶେଷକରି ଆସନ୍ତାକାଲି ଶେଷ ଲିଗ୍ ମ୍ୟାଚ୍‌ରେ ଚାଇନିଜ୍ ତାଇପେ ସହ ଖେଳିବାକୁ ଥିବା ଭାରତ ନିଜ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ଅନ୍‌ମୋଲ ଏହାକୁ ମିଶାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ୮ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଆଜିର ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଭାରତ ଗୋଟିଏ ଗୋଲ ଦେବା ପରେ ଦକ୍ଷିଣ କୋରିଆ ତାହାକୁ ଶୁଝାଇଦେଇଥିଲେ। ତୃତୀୟ କ୍ୱାର୍ଟରରେ ୪-୩ରେ ଅଗ୍ରଣୀ ରହିଥିବା ଭାରତ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଭାରତ ୩ଟି ଗୋଲ ଦେବା ଫଳରେ ଏହି ମୁକାବିଲାକୁ ୭-୩ରେ ଜିତିନେଇଥିଲା। ଏହା ମଧ୍ୟରୁ ଆର୍ଯ୍ୟନ ଖେସ୍ ମଧ୍ୟ ଗୋଟିଏ ଗୋଲ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS